୬ ନ୍ୟୁଜିଲାଣ୍ଡକୁ ୫ ୱିକେଟରେ ପରାସ୍ତ କଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

E-mail : sambadkalikanews@gmail.com

• ବର୍ଷ–୩୩ • ସଂଖ୍ୟା–୨୭୫ • ୫ ନଭେମ୍ବର ୨୦୨୬ ଗୁରୁବାର • ଭୁବନେଶ୍ୱର • Vol -33 • Issue-275 • 5th November 2026, Thursday • Bhubaneswar RNI Regd.No. : 52640/94 Postal Regd.No. : BN-60/25-27

କୋଟିଆରୁ ଫେରିଗଲା ଆନ୍ଧ୍ରର ପୁଲିଂ ପାର୍ଟି

୮ ପ୍ଲାଟୁନ୍ ଫୋର୍ସ ମୁତୟନ କଲା ଓଡ଼ିଶା

କୋରାପୁଟ,୪।୧୧

ନ୍ୟୁଜ୍‌ବ୍ୟୁରୋ

କୋରାପୁଟ ଜିଲ୍ଲାର କୋଟିଆ ସୀମାବିବାଦ ଏବେ ନୂଆ ମୋଡ଼ ନେଇଛି। ସୁପ୍ରିମକୋର୍ଟଙ୍କ ସ୍ଥିତାବସ୍ଥା ନିର୍ଦ୍ଦେଶକୁ ଖୋଲାଖୋଲି ବେଖାତିର କରି ଆନ୍ଧ୍ରପ୍ରଦେଶ ସରକାର ଗୁରୁବାର କୋଟିଆ ଗ୍ରାମପୁଞ୍ଜରେ ପଞ୍ଚାୟତ ଓ ମଣ୍ଡଳ ନିର୍ବାଚନ କରିବା ପାଇଁ ଯେଉଁ ପ୍ରସ୍ତୁତି କରିଥିଲେ ତାହା ବିଫଳ ହୋଇଛି। ଆନ୍ଧ୍ରର ଏଭଳି ଏକତରଫା ଦାଦାଗିରି ବିରୋଧରେ କୋଟିଆର ସ୍ଥାନୀୟ ଲୋକେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବା ସହ ଆନ୍ଧ୍ରର ନିର୍ବାଚନୀ ପୋଷ୍ଟର ଚିରି ଫୋପାଡ଼ିବା ପରେ ଆନ୍ଧ୍ର ପୁଲିସ ଓ ପୁଲିଂ ପାର୍ଟି ବୁଧବାର କୋଟିଆ ଛାଡ଼ିଥିବା ଜଣାପଡ଼ିଛି। ଉପଜିଲ୍ଲାପାଳଙ୍କ ନେତୃତ୍ୱରେ କୋରାପୁଟ ଜିଲ୍ଲା ପ୍ରଶାସନ ଏବେ ସମଗ୍ର କୋଟିଆ ଅଞ୍ଚଳକୁ ପୁଣିଥରେ ନିଜ ଦଖଲକୁ ନେଇଛି। ସୀମାନ୍ତରେ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ଆଉ ୮ ପ୍ଲାଟୁନ୍ ପୁଲିସ



ଫୋର୍ସ ମୁତୟନ କରାଯାଇଥିବା ସୂଚନା ମିଳିଛି।

ସୂଚନା ଅନୁସାରେ, ଆନ୍ଧ୍ରପ୍ରଦେଶ ସରକାର ନଭେମ୍ବର ୫ତାରିଖରେ କୋଟିଆରେ ମଣ୍ଡଳ ଓ ପଞ୍ଚାୟତ ନିର୍ବାଚନ କରିବା ନିମନ୍ତେ ପୁଲିଂ ପାର୍ଟି ମୁତୟନ ସହ ଅନ୍ୟାନ୍ୟ ପ୍ରସ୍ତୁତି କରିସାରିଥିଲେ। ମାତ୍ର ସ୍ଥାନୀୟ ଲୋକଙ୍କ ତୀବ୍ର ବିରୋଧ ଓ କୋରାପୁଟ ଜିଲ୍ଲା ପ୍ରଶାସନର ଚାପ ପରେ ଏହି ପୁଲିଂ ପାର୍ଟି ଫେରିଯାଇଥିବା ଜଣାପଡ଼ିଛି। ଏପରିକି ରାଜ୍ୟର ସ୍ୱାର୍ଥ ସବୁଦଳର ନେତା ଓ କର୍ମୀମାନେ କୋଟିଆରେ ଏକଜୁଟ ହୋଇ ସୀମା ଜଗିଛନ୍ତି। ଏହାସହିତ କୋଟିଆରେ ଗୁରୁବାର ନିର୍ବାଚନ ହେବାର ସମ୍ଭାବନା କ୍ଷୀଣ ଥିବା ସୂଚନା ମିଳିଛି। ଏପଟେ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କଡ଼ା ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, କୋଟିଆରେ (ପୃଷ୍ଠା ୭ରେ)

ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ କୋଟିଆ ବିବାଦର ସମାଧାନ କର : ନବୀନ

ଭୁବନେଶ୍ୱର,୪।୧୧

ନ୍ୟୁଜ୍‌ବ୍ୟୁରୋ

କୋଟିଆକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୁଣି ଥରେ ଚିଠି ଲେଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ୨୦୨୪ ବିଜେପି ଇସ୍ତାହାରରେ ଦେଇଥିବା ପ୍ରତିଶ୍ରୁତି ମନେ ପକାଇ 'କୋଟିଆ' ସମସ୍ୟାର ସମାଧାନ କରିବାକୁ ବିରୋଧୀ ଦଳ ନେତା ଦାବି କରିଛନ୍ତି। ଏହା ପୂର୍ବରୁ ମଧ୍ୟ ସେ କୋଟିଆକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ।

ନବୀନ ତାଙ୍କ ଚିଠିରେ ଲେଖିଛନ୍ତି ଯେ ଓଡ଼ିଶାବାସୀଙ୍କ ତୀବ୍ର ବିରୋଧ ସତ୍ତ୍ୱେ ଆନ୍ଧ୍ରପ୍ରଦେଶ ଗୁରୁବାର କୋଟିଆରେ ନିର୍ବାଚନ କରାଇବାକୁ ଅଗ୍ରସର ହେଉଥିବା ନିଶ୍ଚିତ ଭାବରେ ଚିନ୍ତାର ବିଷୟ।

କୋଟିଆ ସମ୍ପର୍କରେ ମୁଁ ଅକ୍ଟୋବର ୧୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିର



ଉତ୍ତର ଅକ୍ଟୋବର ୨୭ ତାରିଖରେ ପାଇଥିଲି। ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ମୁଁ ଜାଣିବାକୁ ପାଉଛି ଯେ, କୋଟିଆରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଅଧିକାରୀମାନଙ୍କ ମଧ୍ୟରେ ବଢ଼ୁଥିବା ଉତ୍ତେଜନା ଓ ମୁହାଁମୁହିଁ ଅବସ୍ଥା ତୃଣମୂଳସ୍ତରରେ ସ୍ଥିତିକୁ ଅଧିକ ଜଟିଳ କରିଦେଉଛି।

ବର୍ତ୍ତମାନର ଉତ୍ତେଜନାପୂର୍ଣ୍ଣ ପରିବେଶ ଏବଂ ଆସନ୍ନ ନିର୍ବାଚନ ସ୍ଥିତିକୁ ଦୃଷ୍ଟିରେ ରଖି, ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ଏବଂ ଆନ୍ଧ୍ରପ୍ରଦେଶ ସରକାରଙ୍କ (ପୃଷ୍ଠା ୭ରେ)

ଅଗ୍ନିବୀରଙ୍କ କାର୍ଯ୍ୟକାଳକୁ ଆଉ ୨ ବର୍ଷ ବୃଦ୍ଧି

ନୂଆଦିଲ୍ଲୀ,୪।୧୧

କେନ୍ଦ୍ର ସରକାର ଅଗ୍ନିବୀରଙ୍କ କାର୍ଯ୍ୟକାଳକୁ ଆଉ ୨ ବର୍ଷ ବୃଦ୍ଧି କରିଥିବାର କରିଛନ୍ତି ବଡ଼ ଘୋଷଣା। ଏହାଦ୍ୱାରା ଅଗ୍ନିବୀରମାନେ ସଶସ୍ତ୍ର ବାହିନୀରେ ଅଧିକ ସମୟ ସେବା କରିବା ସହ ନିୟମିତ ସେନାରେ ସାମିଲ ହେବାର ସୁଯୋଗ ମଧ୍ୟ ପାଇପାରିବେ। ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଏନ୍.ଏସ୍. ରାଜା ସୁବ୍ରମଣି ବୁଧବାର ଏହି ବଡ଼ ଘୋଷଣା କରିଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଅଗ୍ନିବୀରଙ୍କୁ ଅତିରିକ୍ତ ୨ ବର୍ଷର ଏନଗେଜ୍‌ମେଣ୍ଟ ପିରିୟଡ୍ ମିଳିବ। ଏହି ସମୟସୀମା ଶେଷ ହେବା ପରେ ଯୋଗ୍ୟ ଓ ଆଗ୍ରହୀ ଅଗ୍ନିବୀରଙ୍କୁ ନିର୍ଦ୍ଧାରିତ ଚୟନ ପ୍ରକ୍ରିୟା ଆଧାରରେ ସେନାରେ ନିୟମିତ ଭାବେ ନିଯୁକ୍ତି ମିଳିବାର ସୁଯୋଗ ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅଗ୍ନିବୀରଙ୍କ କାର୍ଯ୍ୟକାଳ ବୃଦ୍ଧି ନେଇ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ଏପରି ଏକ ସମୟରେ ଆସିଛି, ଯେତେବେଳେ ପ୍ରାୟ ୧୮୦୦୦ ଅଗ୍ନିବୀର ନିଜର କାର୍ଯ୍ୟକାଳ ଶେଷ କରି ସେବାରୁ ଅବସର ନେବାକୁ ଯାଉଥିଲେ। ସିଡିଏସ୍ ଜେନେରାଲ ରାଜା ସୁବ୍ରମଣି କହିଛନ୍ତି ଯେ, ସମସ୍ତ ଅଗ୍ନିବୀରଙ୍କୁ ସଶସ୍ତ୍ର ବାହିନୀରେ ନିଜର



ସେବା ଜାରି ରଖିବାର ସୁଯୋଗ ଦିଆଯିବ। ତେବେ ଏହା ସେମାନଙ୍କ କାର୍ଯ୍ୟଦକ୍ଷତା ଓ ମୂଲ୍ୟାଙ୍କନ ଉପରେ ନିର୍ଭର କରିବ। ସିଡିଏସ୍ କହିଛନ୍ତି, ଆଜିର ଦିନ ଭାରତୀୟ ପ୍ରତିରକ୍ଷା ବଳ ଓ ଆମର ଅଗ୍ନିବୀରଙ୍କ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ। କ୍ୟାବିନେଟ ସମସ୍ତ ଅଗ୍ନିବୀରଙ୍କୁ ଭାରତୀୟ ପ୍ରତିରକ୍ଷା ବାହିନୀରେ ଯୋଗଦେବା ପାଇଁ ପଥ ଖୋଲି ଦେଇଛି। ୧୪ ଜୁନ୍ ୨୦୨୨ ରେ ଆରମ୍ଭ ହୋଇଥିଲା ଅଗ୍ନିପଥ ଯୋଜନା। ଏହି ଯୋଜନା ଅନୁଯାୟୀ ଅଗ୍ନିବୀରମାନଙ୍କୁ ଚାରି ବର୍ଷ ପାଇଁ ସେନାରେ ନିଯୁକ୍ତି ଦିଆଯାଉଥିଲା। ଚାରି ବର୍ଷ ପରେ ସେମାନଙ୍କ ମଧ୍ୟରୁ ମେଧା ଓ ଯୋଗ୍ୟତା ଆଧାରରେ ୨୫ ପ୍ରତିଶତଙ୍କୁ ନିୟମିତ ସେନାରେ ରଖିବାର ବ୍ୟବସ୍ଥା ରହିଥିଲା। ଅବଶିଷ୍ଟ ୭୫ ପ୍ରତିଶତ ଅଗ୍ନିବୀରଙ୍କୁ ସେବାରୁ ଫେରିବାକୁ ପଡୁଥିଲା। କିନ୍ତୁ ନୂଆ ନିଷ୍ପତ୍ତି ଅନୁଯାୟୀ, ଏହି ୭୫ ପ୍ରତିଶତ ଅଗ୍ନିବୀରଙ୍କୁ ଆଉ ୨ ବର୍ଷର ଅତିରିକ୍ତ ସେବା ଅବଧି ମିଳିବ।

ଆଜିର ମୁଖ୍ୟ ଖବର

- କେନ୍ଦ୍ର କ୍ରିଟିକାଲ ମିନରାଲ ସଂସ୍କରଣ ପାଇଁ ୨,୮୧୪ କୋଟି ଟଙ୍କାର ଯୋଜନାକୁ ଦେଲା ମଞ୍ଜୁରୀ।
- ମହାରାଷ୍ଟ୍ରରେ ପ୍ରବଳ ମରୁଡ଼ି ଯୋଗୁଁ ମନସେର ଦୀପୋତ୍ସବ ପାଳନ ବାତିଲ।
- କେଦାରତାଲ ଟ୍ରେକରେ ଉଦ୍ଧାର କାର୍ଯ୍ୟ ସମୟରେ ଆଉ ତିନିଟି ମୃତଦେହ ଉଦ୍ଧାର।
- କେରଳ ଓ ଚେନ୍ନାଇର ୧୧ଟି ସ୍ଥାନରେ ଇଡିର ଚଢ଼ଉ, ସମବାୟ ସମିତିର ଅର୍ଥ ହଡ଼ପ ଅଭିଯୋଗ।
- ଶ୍ରୀନଗରର ବେମିନା ଅଞ୍ଚଳରେ ଅଗ୍ନିକାଣ୍ଡ, ୮୦ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ଜଳି ପାଉଁଶ, ଦୁଇ ଜଣଙ୍କ ମୃତ୍ୟୁ।
- ରୁଷ୍ ବୈଦେଶିକ ମନ୍ତ୍ରୀଙ୍କ ଭିଡିଓ ସେୟାର ମାମଲାରେ ପ୍ରଶାନ୍ତ ଭୂଷଣଙ୍କ ବିରୋଧରେ ଏତଲା।
- ଷ୍ଟେରାଇଲ ଔଷଧର ଗୁଣବତ୍ତା ପାଇଁ ଗ୍ରେଡ ଏ କ୍ଲିନ୍ ଏରିଆର ମାନକ ହେବ ଶକ୍ତ।

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୮୦ (୩୧୬)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୦୯୦ (+୨୯୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୭୧୦ (+୨୩୭)

ରୁପା ଦର

ରୂପା – ପ୍ରତି ଗ୍ରାମ ୨୦୦ (+୦)

ଏକାଳ ପଖାଳ



ବଜାର ଦର ଡଲାରକୁ ଗଲେ
କହିବେ କି ଭାଉ ବଢ଼ିଲା
କୁଆଳିଆଙ୍କ କଥା ଲାଉଡ଼ଙ୍କ
ଛାଏଁ ଛାଏଁ ପରା ମାଜିଲା
ଦୁର୍ବୁଦ୍ଧିରେ ମୁଣ୍ଡ ସଢ଼ିଲା
ଜନତା ଭାବୁଛି ଅପାତ୍ରରେ କାହିଁ
ଶୁଦ୍ଧ ଗୁଆ ଘିଅ ଢାଳିଲା !!

ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ବାତ୍ୟା ପରବର୍ତ୍ତୀ ସ୍ଥିତି ଓ ପୁନରୁଦ୍ଧାର ନେଇ କଲେ ଆଲୋଚନା

ନୂଆଦିଲ୍ଲୀ,୪।୧୧

ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବୁଧବାର ନୂଆଦିଲ୍ଲୀଠାରେ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଅମିତ ଶାହଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ରାଜ୍ୟରେ ସାମ୍ପ୍ରତିକ ବାତ୍ୟା, ତତ୍‌ପରବର୍ତ୍ତୀ ସ୍ଥିତି, ରିଲିଫ୍ ତଥା ପୁନରୁଦ୍ଧାର କାର୍ଯ୍ୟ ଏବଂ ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟର ସ୍ଥାୟୀ ମୁକାବିଲା ନିମନ୍ତେ ଭିତ୍ତିଭୂମି ସୁଦୃଢ଼ୀକରଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୃହମନ୍ତ୍ରୀଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ତ୍ୱରିତ ସହାୟତା ତଥା ନିରନ୍ତର ସହଯୋଗ



ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମଙ୍ଗଳବାର ଭାରତ ମଣ୍ଡପଠାରେ ଅନୁଷ୍ଠିତ ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ ଓ ପ୍ରଦର୍ଶନୀ-୨୦୨୬ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରାଙ୍କ ପରଲୋକ

ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ଓ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

ଭୁବନେଶ୍ୱର,୪।୧୧

ନ୍ୟୁଜ୍‌ବ୍ୟୁରୋ

ପୂର୍ବତନ ମନ୍ତ୍ରୀ ତଥା କଳାହାଣ୍ଡିର ପୂର୍ବତନ ସାଂସଦ ରାସବିହାରୀ ବେହେରାଙ୍କର ବୁଧବାର ପରଲୋକ ଘଟିଛି। ଭବାନୀପାଟଣାସ୍ଥିତ ନିଜ ବାସଭବନରେ ଦୀର୍ଘଦିନର ଅସୁସ୍ଥତା ପରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୮୮ ବର୍ଷ ହୋଇଥିଲା। ପରିବାର ସୂତ୍ରରୁ ଏହି ସୂଚନା ମିଳିଛି। ୧୯୩୮ ଏପ୍ରିଲ ୧୨ ତାରିଖରେ ଜନ୍ମଗ୍ରହଣ କରିଥିବା ଶ୍ରୀ ବେହେରାଙ୍କର ରାଜନୈତିକ ଜୀବନ ବେଶ୍ ଦୀର୍ଘ ଓ ଉଲ୍ଲେଖନୀୟ ଥିଲା। ସେ କୋକସରା ବିଧାନସଭା ଆସନରୁ ଦୁଇଥର ବିଧାୟକ



ଭାବେ ନିର୍ବାଚିତ ହୋଇଥିଲେ। ଏହାବ୍ୟତୀତ ୧୯୮୦ ମସିହାରେ ସେ କଳାହାଣ୍ଡି ଲୋକସଭା ଆସନରୁ ନିର୍ବାଚିତ ହୋଇ ସଂସଦରେ ଅଞ୍ଚଳର ପ୍ରତିନିଧିତ୍ୱ କରିଥିଲେ। ଶ୍ରୀ ବେହେରା (ପୃଷ୍ଠା ୭ରେ)

ଅର୍ଣ୍ଣବ ପ୍ରଭାବିତଙ୍କ ସହାୟତା ପାଇଁ ୧୦୭.୭୦ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର,୪।୧୧

ନ୍ୟୁଜ୍‌ବ୍ୟୁରୋ

ରାଜ୍ୟସରକାର ଗଞ୍ଜାମ ଓ କୋରାପୁଟ ଜିଲ୍ଲା ପାଇଁ ପ୍ରାୟ ୧୦୭ କୋଟି ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ପ୍ୟାକେଜ୍ ଅନୁଯାୟୀ ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ପ୍ରଭାବିତ ପରିବାର ମାନଙ୍କୁ ନଗଦ ଅନୁଗ୍ରହ ସହାୟତା ପ୍ରଦାନ ନିମନ୍ତେ ଏହି ଟଙ୍କା ଦିଆଯାଇଛି। ଏଥିମଧ୍ୟରୁ ଗଞ୍ଜାମ ଜିଲ୍ଲା ପାଇଁ ୧୦୭ କୋଟି ୪୪ ଲକ୍ଷ ୫୫ ହଜାର ଟଙ୍କା ଏବଂ କୋରାପୁଟ ଜିଲ୍ଲା ପାଇଁ ୨୬ ଲକ୍ଷ ୨୭ ହଜାର ୫୦୦ ଟଙ୍କା ମଞ୍ଜୁର କରାଯାଇଛି। ଗଞ୍ଜାମ ଜିଲ୍ଲାର ବାତ୍ୟା 'ଅର୍ଣ୍ଣବ' ପ୍ରଭାବିତ ୪ ଲକ୍ଷ ୨୯ ହଜାର ୭୮୨ଟି ପରିବାରକୁ ପରିବାର ପିଛା ୨,୫୦୦ ଟଙ୍କା ହାରରେ (ପୃଷ୍ଠା ୭ରେ)

ପାହାଡ଼ ଉପରେ ଓ ତଳେ ଥିବା ଲୋକଙ୍କୁ ସ୍ଥାନାନ୍ତର କରାଯିବ

ଭୁବନେଶ୍ୱର,୪।୧୧

ନ୍ୟୁଜ୍‌ବ୍ୟୁରୋ

ଭୂସ୍ଖଳନ ପ୍ରଭାବିତ ଗଜପତି ଓ କନ୍ଧମାଳ ଭଳି ଜିଲ୍ଲାରେ ଅନେକ ପାହାଡ଼ ଓ ପର୍ବତ ରହିଥିବାରୁ ଏହି ଅଞ୍ଚଳର ଲୋକମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଏହି ପାହାଡ଼ଗୁଡ଼ିକର ପାଦଦେଶରେ ଅନେକ ଲୋକ ବସବାସ କରୁଛନ୍ତି ଏବଂ ଚାଷବାସ କରି ଜୀବିକା ନିର୍ବାହ କରୁଛନ୍ତି। କିନ୍ତୁ ପାହାଡ଼ରୁ ପଥର ଓ ମାଟି ଖସି ସିଧାସଳଖ ଘର ଉପରେ ପଡ଼ିବା ଯୋଗୁଁ ସେମାନଙ୍କ ଜୀବନ ଓ ସମ୍ପତ୍ତି ପ୍ରତି ବଡ଼ ବିପଦ ସୃଷ୍ଟି ହେଉଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ସର୍ଭେ କରିବା ସହ (ପୃଷ୍ଠା ୭ରେ)

ରାଜ୍ୟସରକାର ଓ ଜେ-ପାଲ ସାଉଥ୍ ଏସିଆ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

ସୁଦୃଢ଼ ହେବ ପ୍ରମାଣଭିତ୍ତିକ ନୀତିନିର୍ଦ୍ଧାରଣ

ଭୁବନେଶ୍ୱର,୪।୧୧

ନ୍ୟୁଜ୍‌ବ୍ୟୁରୋ

ରାଜ୍ୟରେ ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଏବଂ ଅବଦୁଲ୍ ଲତିଫ୍ ଜମିଲ୍ ପଭର୍ଟି ଆକ୍ସନ୍ ଲ୍ୟାବ୍ (ଜେ-ପାଲ) ସାଉଥ୍ ଏସିଆ ମଧ୍ୟରେ ବୁଧବାର ତିନିବର୍ଷିଆ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି।

ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗର ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ଶାସନ



ସଚିବ ରଶ୍ମି କବି ଏବଂ ଜେ-ପାଲ ସାଉଥ୍ ଏସିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶୋଭିନୀ ମୁଖାର୍ଜୀ ଏମଓୟୁରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଜେ-ପାଲ ସାଉଥ୍ ଏସିଆର କାର୍ଯ୍ୟକାରୀ ସହଯୋଗୀ (ପୃଷ୍ଠା ୭ରେ)

ବେସରକାରୀ ଅନୁଦାନପ୍ରାପ୍ତ ଅଧ୍ୟକ୍ଷମାନଙ୍କ ପାଇଁ ପ୍ରୋତ୍ସାହନ ରାଶିକୁ ଅନୁମୋଦନ

ଭୁବନେଶ୍ୱର,୪।୧୧

ନ୍ୟୁଜ୍‌ବ୍ୟୁରୋ

ରାଜ୍ୟର ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଦାୟିତ୍ୱରେ ଥିବା ଭାରପ୍ରାପ୍ତ ଅଧ୍ୟକ୍ଷମାନଙ୍କ ପାଇଁ ଖୁସି ଖବର। ସେମାନେ ଏଣିକି ସ୍ଥାନ ଓ ପୋଷ୍ଟିଂ ଅନୁଯାୟୀ ପାଇବେ ମାସିକ ପ୍ରୋତ୍ସାହନ ରାଶି। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି।

ଏହାଦ୍ୱାରା ଏହି ବର୍ଗର ବିଭିନ୍ନ କଲେଜର ଅଧ୍ୟାପକମାନେ ଦୂର ଦୂରାନ୍ତରରେ ଥିବା କଲେଜ ଗୁଡ଼ିକରେ ଅଧ୍ୟକ୍ଷ ଦାୟିତ୍ୱ ନେବା ପାଇଁ ଆଗ୍ରହ ପ୍ରକାଶ କରିବେ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ଶିକ୍ଷାଦାନ ପ୍ରକ୍ରିୟା ସୁଚାରୁ ରୂପେ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।

ଏହି ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ୪୮୮ ଓ ୬୬୨ ବର୍ଗର (ପୃଷ୍ଠା ୭ରେ)

୪୩ ବର୍ଷ ପରେ ସରକାରୀ ଖାତାକୁ ଫେରିଲା ୮୦୦ କୋଟିର ଜମି



ଭୁବନେଶ୍ୱର,୪।୧୧

ନ୍ୟୁଜ୍‌ବ୍ୟୁରୋ

କଟକ ମହାନଗର ନିଗମ ଅଞ୍ଚଳରେ ଥିବା ବହୁମୂଲ୍ୟ ସରକାରୀ ଜମିକୁ ନେଇ ଦୀର୍ଘ ୪୩ ବର୍ଷ ଧରି ଚାଲିଥିବା ଆଇନଗତ ବିବାଦର ଅନ୍ତ ଘଟିଛି। ଜଗତପୁର ଗୋଲେଇ ଛକ ନିକଟସ୍ଥ ତୋରଳ ମୌଜାର ୬୨.୭୨ ଏକର ସରକାରୀ ଜମି ଉପରେ ବ୍ୟକ୍ତିଗତ ମାଲିକାନା ଦାବିକୁ ରାଜସ୍ୱ ପର୍ଷଦ ଖାରଜ କରି ଦେଇଛନ୍ତି। ଏହା ସହିତ ସମ୍ପୃକ୍ତ ଜମିକୁ ପୂର୍ବଭଳି ସରକାରୀ ଖାତାରେ କାଏମ୍ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜମିର ବର୍ତ୍ତମାନ ବଜାର ମୂଲ୍ୟ ୮୦୦ କୋଟି ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି।

ରାଜସ୍ୱ ପର୍ଷଦ ସଦସ୍ୟ ସତ୍ୟବ୍ରତ ସାହୁ କଟକ ମହାନଗର ନିଗମ ଅଞ୍ଚଳରେ ଥିବା ବହୁମୂଲ୍ୟ ସରକାରୀ ଜମିକୁ ନେଇ ଦୀର୍ଘ ୪୩ ବର୍ଷ ଧରି ଚାଲିଥିବା ଆଇନଗତ ବିବାଦର ଅନ୍ତ ଘଟାଇଛନ୍ତି। ମାମଲାରେ ରାୟ ପ୍ରଦାନ କରି ଆବେଦନକାରୀଙ୍କ ରିଭିଜନ ମାମଲାକୁ ଖାରଜ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଦାଖଲ ହୋଇଥିବା ଦଲିଲ, ରାଜସ୍ୱ ରେକର୍ଡ ଓ ଅନ୍ୟାନ୍ୟ ତଥ୍ୟ ଜମି ଉପରେ ଆଇନଗତ ମାଲିକାନା କିମ୍ବା ରୟତି (ପୃଷ୍ଠା ୭ରେ)



32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୫ ନଭେମ୍ବର ୨୦୨୬ ଗୁରୁବାର



ଗୋପ ହାଟରେ ବୁଲୁଛି ଜାଲ୍ ଶହେ ଟଙ୍କିଆ ନୋଟ୍

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ



କେନ୍ଦ୍ରାପଡା ଜିଲ୍ଲାର ସବୁଠାରୁ ବଡ ହାଟ ଭାବେ ପରିଚିତ ଗୋପ ହାଟରେ ଦିନକୁ ଦିନ ଅନିୟମିତତା ବଢ଼ିବାରେ ଲାଗିଛି। ଜିଲ୍ଲା ନିୟନ୍ତ୍ରୀତ ବଜାର କମିଟି ନିୟନ୍ତଣରେ ନଥିବା ଏହି ଗୋପ ହାଟଟି ପ୍ରତି ଗୁରୁବାର ଓ ରବିବାର ଜାତୀୟ ରାଜପଥ କଡରେ ଓ ପୋଲ ତଳେ ଲାଗିଥାଏ। ଏଠାରେ ଏତେ ଭିଡ ଜମେ ଯେ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ବଡ ବଡ ବ୍ୟବସାୟୀମାନେ ଟ୍ରକ୍ ଯୋଗେ ଯାତାୟାତ କରିଥାନ୍ତି। ଭିଡର ସୁଯୋଗ ନେଇ ସ୍ଥାନୀୟ ଅଞ୍ଚଳର ଜଣେ ପରିବା ବ୍ୟବସାୟୀଙ୍କୁ ଜଣେ ଶହେ ଟଙ୍କିଆ ଜାଲ୍ ନୋଟ୍ ଦେଇ ପରିବା କିଣି ଫେରାର୍ ହୋଇଯାଇଛନ୍ତି। ନିରିହ ପରିବା ଦୋକାନଟି ଜାଣିନପାରି ଅନ୍ୟଙ୍କୁ ଏହି ନୋଟ୍ ଦେଲାବେଳେ ଏହା ଜାଲ୍ ନୋଟ୍ ବୋଲି ଜଣାପଡିଛି। ତେଣୁ ଭିଡର ସୁଯୋଗରେ ଅପରାଧୀମାନେ ଏଠି ବିଭିନ୍ନ ପ୍ରକାର ଜାଲ୍ ନୋଟ୍ କାରବାର ସହିତ ପକେଟ୍ ମାର୍ ଓ ବାଇକ୍ ଚୋରି କରୁଥିବା କେନ୍ଦ୍ରାପଡା ଟାଉନ୍ ଓ ସଦର ଥାନାରେ ଅଭିଯୋଗ ହୋଇଛି।

ଦୁର୍ନୀତି ମୁକ୍ତ ସମାଜ ଗଠନ ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଦୁର୍ନୀତିମୁକ୍ତ ସମାଜ ଗଠନ, ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା ଓ ସାଧୁତାର ମୂଲ୍ୟବୋଧକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁର୍ନୀତି ନିବାରଣ ଦିଗରେ ପ୍ରତ୍ୟେକଙ୍କ ନୈତିକ ଦାୟିତ୍ୱ ଓ ସାମୂହିକ ଭୂମିକା ଉପରେ ଆଲୋକପାତ କରିଥିଲେ। ସମାଜରେ ସଚ୍ଚୋଟତା, ସ୍ୱଚ୍ଛତା ଓ ଦାୟିତ୍ୱବୋଧର ମନୋଭାବକୁ ଦୃଢ଼ କରିବା ସହ ସରକାରୀ କାର୍ଯ୍ୟରେ ନିଷ୍ଠା ଓ ସାଧୁତା ବଜାୟ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଫେସର ନନ୍ଦ କିଶୋର ପରିଡ଼ା ଦୁର୍ନୀତିର ବିଭିନ୍ନ ଦିଗ, ଏହାର ସାମାଜିକ ଓ ଆର୍ଥିକ କୁପ୍ରଭାବ ଏବଂ ଏହାର ନିରାକରଣରେ ନାଗରିକ ସମାଜର ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସାଧୁତା ଓ ନୈତିକତା କେବଳ ବ୍ୟକ୍ତିଗତ ଜୀବନରେ ନୁହେଁ, ବରଂ ସାମାଜିକ ଓ ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିଥିଲେ। ଯୁବପିଢ଼ିଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧ ଓ ଦୁର୍ନୀତି ବିରୋଧୀ ମନୋଭାବ ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଭିଜିଲାନ୍ସ ଡିଏସ୍‌ପି ଭାଗ୍ୟଲକ୍ଷ୍ମୀ ପୁହାଣ ଦୁର୍ନୀତି ନିବାରଣ ଆଇନ୍, ଭିଜିଲାନ୍ସ ବିଭାଗର କାର୍ଯ୍ୟଧାରା ଏବଂ ଦୁର୍ନୀତି ସମ୍ପର୍କିତ ଅଭିଯୋଗ ଜଣାଇବାର ବିଭିନ୍ନ ମାଧ୍ୟମ ସମ୍ପର୍କରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନମିତା ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ଶୁଭେନ୍ଦୁ ସାହୁ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଯାମିନୀ ମହାପାତ୍ର, ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ କୁମାର ମହାପାତ୍ର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ସପ୍ତାହ ପାଳନ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସଭା ଶେଷରେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚ୍ଚୋଟତା, ନୈତିକତା ଓ ଦୁର୍ନୀତି ବିରୋଧୀ ସଚେତନତାର ଭାବନାକୁ ଆହୁରି ଦୃଢ଼ କରିବାର ବାର୍ତ୍ତା ଦିଆଯାଇଥିଲା। ଚଳିତ ବର୍ଷର ସଚେତନତା ସପ୍ତାହର ବିଷୟବସ୍ତୁ; ସାଧୁତାରୁ ସମୃଦ୍ଧି ଉପରେ ଆଧାରିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱଚ୍ଛ, ଦାୟିତ୍ୱସମ୍ପନ୍ନ ଓ ଦୁର୍ନୀତିମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କୁ ନିଜ ନିଜ ସ୍ତରରେ ସଚ୍ଚୋଟତା ଓ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଥିଲା।



୩୦ ଦିବ୍ୟାଙ୍ଗଙ୍କୁ ବ୍ୟାଟେରୀ ଚାଳିତ ଟ୍ରାଇସାଇକେଲ ବଣ୍ଟନ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ଦିବ୍ୟାଙ୍ଗ ବ୍ୟକ୍ତିବିଶେଷଙ୍କ ଯାତାୟାତକୁ ସହଜ ଓ ସୁବିଧାଜନକ କରିବା ଉଦ୍ଦେଶ୍ୟରେ ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଅମଳିକୋ ଏବଂ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ୩୦ ଜଣ ଦିବ୍ୟାଙ୍ଗ ବ୍ୟକ୍ତିବିଶେଷ ଓ ଛାତ୍ରଛାତ୍ରୀ ମାନଙ୍କୁ ବ୍ୟାଟେରୀ ଚାଳିତ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ଜିଲ୍ଲାପାଳ ଦେବାଶିଷ ସିଂହ ହିତାଧିକାରୀ ମାନଙ୍କୁ ଏହି ଟ୍ରାଇସାଇକେଲ ବଣ୍ଟନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ସମସ୍ତ ହିତାଧିକାରୀ ମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ ପରେ ଟ୍ରାଇସାଇକେଲ ଯୋଗାଇ ଦିଆଯାଇଛି। ଏହାଦ୍ୱାରା ସେମାନେ ନିଜର ଦୈନନ୍ଦିନ କାର୍ଯ୍ୟ ସହଜରେ ସମ୍ପାଦନ କରିବା ସହ ଯାତାୟାତରେ ସୁବିଧା ପାଇପାରିବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ହିତାଧିକାରୀ ମାନଙ୍କୁ ଟ୍ରାଇସାଇକେଲ ସହିତ ହେଲ୍‌ମେଟ୍, ବ୍ୟାଟେରୀ ଚାର୍ଜର ଏବଂ କ୍ରଚେସ୍ (ଆଶାବାଡ଼ି) ମଧ୍ୟ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ.କେ. ହରିପ୍ରସାଦ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ନିର୍ବାହୀ ଅଧିକାରୀ, ତଥା ଜିଲ୍ଲା ପରିଷଦର ଅଶ୍ୱିନୀ ମେହେର ଉପସ୍ଥିତ ଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି ଅବସରରେ ଲଛିପୁର ମହାବିଦ୍ୟାଳୟରେ ପାଠ ପଢୁଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ନିଜ ଅନୁଭୂତି ପ୍ରକାଶ କରି କହିଥିଲେ ଯେ, ପରୀକ୍ଷା ସମୟରେ ଯାତାୟାତ କରିବାରେ ସେମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହି ଟ୍ରାଇସାଇକେଲ ପାଇବା ଦ୍ୱାରା ସେମାନଙ୍କ ଯାତାୟାତ ସମସ୍ୟା ଦୂର ହେବା ସହ ଅନ୍ୟ କାହା ଉପରେ ନିର୍ଭର ନକରି ନିଜେ ଚଳପ୍ରଚଳ କରିପାରିବେ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ।

ଆପଣ କେମିତି ଅଛନ୍ତି କାର୍ଯ୍ୟକ୍ରମ:ସମାଜସେବୀ ଅକ୍ଷୟ ଦାସଙ୍କୁ ଭେଟିଲେ ମେୟର

କଟକ, ନ୍ୟୁଜ୍ ବ୍ୟୁରୋ



ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ମାନ ଓ ସେମାନଙ୍କ ସହ ଆତ୍ମୀୟତାର ସମ୍ପର୍କକୁ ଅଧିକ ମଜଭୁତ କରିବା ଲକ୍ଷ୍ୟରେ କଟକ ମହାନଗର ନିଗମ ପକ୍ଷରୁ ଜାରି ରହିଛି 'ଆପଣ କେମିତି ଅଛନ୍ତି' କାର୍ଯ୍ୟକ୍ରମ। ଏହି କ୍ରମରେ ସହରର ବିଶିଷ୍ଟ ସମାଜସେବୀ ତଥା ୧୯୬୯ ମସିହାର ଐତିହାସିକ ଛାତ୍ର ଆନ୍ଦୋଳନର ଅନ୍ୟତମ ପ୍ରମୁଖ ନେତା ଅକ୍ଷୟ କୁମାର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି କଟକ ମେୟର ସୁବାସ ସିଂହ। ୮୧ ବର୍ଷ ବୟସରେ ପଦାର୍ପଣ କରିଥିବା ଶ୍ରୀ ଦାସଙ୍କ ବାସଭବନରେ ପହଞ୍ଚି ମେୟର ତାଙ୍କ ସ୍ୱାସ୍ଥ୍ୟାବସ୍ଥା, ଦୈନନ୍ଦିନ ଜୀବନ ଓ ପାରିବାରିକ କୁଶଳତା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ଉଭୟଙ୍କ ମଧ୍ୟରେ ଅତୀତର ଛାତ୍ର ଆନ୍ଦୋଳନ, ସାମାଜିକ କାର୍ଯ୍ୟକଳାପ ଏବଂ କଟକର ସାମାଜିକ ଓ ସାଂସ୍କୃତିକ ପରମ୍ପରାକୁ ନେଇ ଭାବବିନିମୟ ହୋଇଥିଲା। ୧୯୬୯ ମସିହାର ଛାତ୍ର ଆନ୍ଦୋଳନରେ ଶ୍ରୀ ଦାସଙ୍କ ସକ୍ରିୟ ଭୂମିକା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଛାତ୍ରଛାତ୍ରୀଙ୍କ ଅଧିକାର ଓ ସ୍ୱାର୍ଥର ସୁରକ୍ଷା ପାଇଁ ତାଙ୍କର ନେତୃତ୍ୱ ସେହି ସମୟରେ ଚର୍ଚ୍ଚାର ବିଷୟ ଥିଲା। ପରବର୍ତ୍ତୀ ସମୟରେ ମଧ୍ୟ ସେ ସମାଜସେବା ଓ ଜନସାଧାରଣଙ୍କ ସହ ଜଡ଼ିତ ରହି ନିଜର ସାମାଜିକ ପରିଚୟ ବଜାୟ ରଖିଛନ୍ତି। ସାକ୍ଷାତ ସମୟରେ ମେୟର ଶ୍ରୀ ସିଂହ କହିଥିଲେ ଯେ, ସମାଜ ଗଠନରେ ବରିଷ୍ଠ ନାଗରିକଙ୍କ ଅନୁଭବ, ତ୍ୟାଗ ଓ ଅବଦାନ ଅତୁଳନୀୟ। ସେମାନଙ୍କ ଜୀବନ ସଂଘର୍ଷ ଓ ସାମାଜିକ ଅନୁଭୂତି ନୂତନ ପିଢ଼ି ପାଇଁ ଏକ ମୂଲ୍ୟବାନ ଶିକ୍ଷା। ତେଣୁ ସେମାନଙ୍କ ସୁଖଦୁଃଖ ବୁଝିବା ସହ ଯଥୋଚିତ ସମ୍ମାନ ଓ ଯତ୍ନ ପ୍ରଦାନ କରିବା ସମସ୍ତଙ୍କ ଦାୟିତ୍ୱ। କଟକ ମହାନଗର ନିଗମର ଏହି ପଦକ୍ଷେପ କେବଳ ସୌଜନ୍ୟମୂଳକ ସାକ୍ଷାତରେ ସୀମିତ ନୁହେଁ; ବରଂ ସହରର ବିଶିଷ୍ଟ ବ୍ୟକ୍ତିତ୍ୱ, ପୂର୍ବତନ ଜନନେତା ଓ ସମାଜ ପାଇଁ ଅବଦାନ ରଖିଥିବା ବରିଷ୍ଠ ନାଗରିକଙ୍କ ସହ ମାନବୀୟ ସମ୍ପର୍କ ସ୍ଥାପନର ଏକ ପ୍ରୟାସ। ଏଭଳି ଉଦ୍ୟମ ବରିଷ୍ଠଙ୍କ ମନରେ ଆତ୍ମୀୟତାର ଭାବନା ସୃଷ୍ଟି କରିବା ସହ ସେମାନଙ୍କ ଅଭିଜ୍ଞତାକୁ ନୂତନ ପିଢ଼ି ନିକଟରେ ପହଞ୍ଚାଇବାରେ ସହାୟକ ହେବ।



ଦେଶରେ ଭାଇଚାରା ସୁଦୃଢ଼ ପାଇଁ ଗଣଦୌଡ଼

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜନ୍ମ ଦିବସରେ ସାରା ଦେଶରେ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଉଛି । ଏହି ଅବସରରେ ଯାଜପୁର ରୋଡ଼ ପୋଲିସ ପକ୍ଷରୁ ବ୍ୟାସନଗର ସହରରେ ଆୟୋଜିତ ହୋଇଥିଲା ଗଣଦୌଡ଼। କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ ନନ୍ଦ ପତାକା ହଲାଇ ଏହି ଗଣଦୌଡ଼ର ଶୁଭାରମ୍ଭ କରିଥିଲେ । କାଳୀ ମେଳଣ ପଡ଼ିଆରୁ ସକାଳ ଆଠ ଘଟିକାରେ ଆରମ୍ଭ ହୋଇ ଏହି ଗଣଦୌଡ଼ ଯାଜପୁର ରୋଡ଼ ଆଦର୍ଶ ଥାନାରେ ପହଞ୍ଚିଥିଲା। ରାଷ୍ଟ୍ରୀୟ ଏକତା ଓ ଅଖଣ୍ଡତାର ବାର୍ତ୍ତା ନେଇ ଆୟୋଜିତ ଏହି ଗଣଦୌଡ଼ରେ ସ୍କୁଲ ଓ କଲେଜର ବହୁ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ଯାଜପୁର ରୋଡ଼ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର, ଥାନା ଅଧିକାରୀ ଆଶିଷ ସାହୁଙ୍କ ସମେତ ପୋଲିସ ବିଭାଗର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଦେଶର ଏକତା, ଅଖଣ୍ଡତା ଓ ଭାଇଚାରାକୁ ମଜବୁତ କରିବା ନେଇ ଏହି ଗଣଦୌଡ଼ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା । ଅପରାହ୍ନରେ ଥାନା ପରିସରରେ ଯାଜପୁର ରୋଡ ଏସ୍.ଡି.ପି.ଓ ଶରତ ଚନ୍ଦ୍ରପାତ୍ରଙ୍କ ଅଧ୍ୟକ୍ଷତାରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଦେଶ ଗଠନର ଭୂମିକା ଦେଶ ଭକ୍ତ ତ୍ୟାଗ ଆଦର୍ଶ ତାଙ୍କର ଦେଶ ପ୍ରତି ଚିନ୍ତାଧାରା ନିର୍ଭୀକ ସମ୍ପର୍କରେ ଆଲୋଚନା ଚକ୍ର ହୋଇଥିଲା । ଏହି ଆଲୋଚନା ଚକ୍ରରେ କୋରେଇ ବିଧାୟକ ଆକାଶ ଦାସନାୟକ, ଯାଜପୁର ଜିଲ୍ଲା ବାର୍ ଆସୋସିଏସନ୍‌ର ସଭାପତି ବିବେକା ନନ୍ଦ ମହାନ୍ତି, ବ୍ୟାସନଗର ପୌରପରିଷଦର ଅଧ୍ୟକ୍ଷ ସୁବାସଚନ୍ଦ୍ର ବଳ, ବିଶିଷ୍ଟ ଶିକ୍ଷାବିତ୍ ଡ଼ ଦୁଷ୍ମନ୍ତ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ଯାଜପୁର ରୋଡ ଥାନା ଅଧିକାରୀ ଆଶିଷ କୁମାର ସାହୁ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ୟାସନଗର ସହରର ବହୁ ମାନ୍ୟଗନ୍ୟ ବ୍ୟକ୍ତିବିଶେଷ ମାନେ ଯୋଗଦେଇଥିଲେ ।

ଜପକୁଦ ଗ୍ୟାସ୍ ଲିକ୍ ମୃତକଙ୍କ ପରିବାରକୁ ବିଧାୟକଙ୍କ ସହାୟତା

ସାଲେପୁର, ନ୍ୟୁଜ୍

ଜପକୁଦ ବଜାର ଗ୍ୟାସ୍ ଲିକ୍ ଅଗ୍ନିକାଣ୍ଡ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଅମର ଆତ୍ମାଙ୍କ ସଦ୍‌ଗତି ପାଇଁ ଏବଂ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ଉଦ୍ଦେଶ୍ୟରେ ଜପକୁଦ ବଜାର କମିଟି ଦ୍ୱାରା ଏକ ଶ୍ରଦ୍ଧାଞ୍ଜଳି ସଭା ଜପକୁଦ ଦୁର୍ଗା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ବଜାର କମିଟି ସଭାପତି ବିଭୁତିଭୂଷଣ ଭାନୁପ୍ରକାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତି ସଭାରେ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ସ୍ମୃତିଚାରଣ କରିବା ସହ ମୃତ୍ୟୁ ହୋଇଥିବା ତିନି ଜଣଙ୍କ ପରିବାରକୁ ନିଜସ୍ୱ ପାଣ୍ଠିରୁ ପନ୍ଦର ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିଲେ। ଏହି ସଭାରେ ସମାଜସେବୀ ନାରାୟଣ ପତି, କଟରପା ସରପଞ୍ଚ ରଞ୍ଜନ ରାଉଳ, ସମିତିସଭ୍ୟ ଗୟାଧର ମଳିକ, ବଜାର କମିଟି ସମ୍ପାଦକ ଧୀରେନ୍ଦ୍ର ମିଶ୍ର, ସହ ସମ୍ପାଦକ ଦେବାଶିଷ ପ୍ରଧାନ, ଉପସଭାପତି ଲକ୍ଷ୍ମୀଧର ନାୟକ, ସମାଜ ସେବୀ ପ୍ରଦୀପ୍ତ କୁମାର ଦାସ, ରାମକୃଷ୍ଣପୁର ସମିତି ସଭ୍ୟ ସୁଧୀର ପ୍ରଧାନ ପ୍ରମୁଖ ଯୋଗଦେଇ ଅମର ଆତ୍ମା ମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବଜାର କମିଟିର କାର୍ଯ୍ୟକାରୀ ସଦସ୍ୟ ତ୍ରିଲୋଚନ ମିଶ୍ର, ମାନସ ନାୟକ, ରଶ୍ମି ରଞ୍ଜନ ନନ୍ଦ, ବିଜୟ କୁମାର ସେଠି, ଲଲାଟେନ୍ଦୁ ନାୟକ, କୋଷାଧ୍ୟକ୍ଷ ଅଚ୍ୟୁତାନନ୍ଦ ଶତପଥୀ, ଲଳିତ କୁମାର ବେହେରା, ସୌମ୍ୟ ରଞ୍ଜନ ବାରିକ, ହେମନ୍ତ ଭୂଷଣ ପରିଡା, ପ୍ରମୋଦ କୁମାର ନନ୍ଦ, ଜଗନ୍ନାଥ ସ୍ୱାଇଁ ଭୁବନା ନନ୍ଦ ବେହେରା ଓ ଜପକୁଦ ବଜାରର ସମସ୍ତ ବ୍ୟବସାୟୀ ମାନେ ଉପସ୍ଥିତ ଥିଲେ।



ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ଜାତୀୟ ଆଇନ୍ ସେବା ପ୍ରାଧିକରଣ, ନୂଆଦିଲ୍ଲୀଙ୍କ ଆଦେଶ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ସୁବର୍ଣ୍ଣପୁରର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଗିରିଜା ପ୍ରସାଦ ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ହୋଇଥିବା ସୁରକ୍ଷିତ ଶୈଶବ ଅଭିଯାନ ପର୍ଯ୍ୟାୟକ୍ରମେ ସ୍ଥାନୀୟ କିଡ୍‌ସ୍ ଇଂରାଜୀ ମିଡିୟମ୍ ବିଦ୍ୟାଳୟ ଠାରେ ସୁରକ୍ଷିତ ଶୈଶବ ଅଭିଯାନ, ଏକ ପାନ ଇଣ୍ଡିଆ ବିଦ୍ୟାଳୟ ସଚେତନତା ଅଭିଯାନ, ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଆଇନ୍ ୨୦୧୨ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଦେବାଶିଷ ଦାସ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଆଇନ୍ ବିଷୟରେ ଆଲୋଚନା କରି ଉକ୍ତ ଆଇନ୍ ଅଧୀନରେ ଆସୁଥିବା ଅପରାଧ ଏବଂ ଦଣ୍ଡ ଉପରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ ଓ ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମହିଳା ଅଦାଲତ, ସୋନପୁରର ବିଚାରପତି ବବିତା ପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ, ସୋନପୁର ପ୍ରିତିଶ କୁମାର ସାମଲ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ, ସୋନପୁର ରାହୁଲ ବିକ୍ରମ ପାଠୀ, ଜିଲ୍ଲା ପୋଲିସ ୟୁନିଟ୍‌ର ଭାରପ୍ରାପ୍ତ Cyber Cell ଅଧିକାରୀ ରବୀନ୍ଦ୍ର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ସୋନପୁରର ଆଇନ୍ ସୁରକ୍ଷା ଅଧିକାରୀ ଭାସ୍କର ବାବୁ ସ୍ରଧକର ଦାସ ଏବଂ ଶିଶୁ ମଙ୍ଗଳ କମିଟିର ସଦସ୍ୟା ରଂଜିତା ସାହୁ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ସ୍ପର୍ଶ ଏବଂ ଅସୁରକ୍ଷିତ ସ୍ପର୍ଶ ତଥା ସତର୍କତାମୂଳକ ସଂକେତ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ତରଫରୁ ଯୋଗଦେଇ POCSO ଆଇନ୍‌ର ଅନ୍ୟାନ୍ୟ ଧାରା ବିଷୟରେ ବୁଝାଇଥିଲେ ଓ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସୁବର୍ଣ୍ଣପୁର ଦ୍ୱାରା ଏକ ଦ୍ରୁତ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ସଭା ଶେଷରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଜୋସେଫ ଠେନୋମକଲ ଧନ୍ୟବାଦ ବକ୍ତବ୍ୟ ପ୍ରଦାନ କରିଥିଲେ ।

କେନ୍ଦୁଝରରେ ଅଭିଯୋଗ ଶୁଣାଣି:୪୮ଟିର ତୁରନ୍ତ ସମାଧାନ

କେନ୍ଦୁଝର, ନ୍ୟୁଜ୍

କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍ ଠାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କରେ ଅଭିଯୋଗ ଉପସ୍ଥାପନ କରିଥିବାବେଳେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ। ଏବଂ ଏହି ଶିବିରରେ ମୋଟ୍ ୧୮୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସେଥିମଧ୍ୟରୁ ୧୪୨ଟି ବ୍ୟକ୍ତିଗତ ଏବଂ ୩୮ଟି ସାମୂହିକ ଅଭିଯୋଗ ରହିଥିଲା। ଏଥିସହ ରେଡକ୍ରସ୍ ପାଣ୍ଠିରୁ ସହାୟତା ପାଇବା ନିମନ୍ତେ ୬ଟି ଆବେଦନ ମଧ୍ୟ ଗ୍ରହଣ କରାଯାଇଥିଲା। ପଞ୍ଜିକୃତ ଅଭିଯୋଗଗୁଡ଼ିକ ମଧ୍ୟରୁ ୪୮ଟିର ତୁରନ୍ତ ସମାଧାନ କରାଯାଇଥିବାବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକର ଆଶୁ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପାଇଁ କୁହାଯାଇଥିଲା। ଏହି ଶିବିରରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ସିଡିଏମ୍‌ଓ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ଓ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ଓ ସରକାରୀ ସେବାକୁ ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯିବ। ଏହି କ୍ରମରେ ନିମ୍ନଲିଖିତ ତାରିଖରେ ଶିବିର ଅନୁଷ୍ଠିତ ହେବ। ୯ ନଭେମ୍ବର ୨୦୨୬ (ସୋମବାର): ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହାଟଡିହି। ୧୬ ନଭେମ୍ବର ୨୦୨୬ (ସୋମବାର): ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାଂଶପାଳ। ୨୩ ନଭେମ୍ବର ୨୦୨୬ (ସୋମବାର): ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚମ୍ପୁଆ। ୩୦ ନଭେମ୍ବର ୨୦୨୬ (ସୋମବାର): ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଘଟଗାଁ। ଜନସାଧାରଣ ନିଜ ନିଜ ଅଞ୍ଚଳରେ ଆୟୋଜିତ ହେବାକୁ ଥିବା ଏହି ଶିବିରଗୁଡ଼ିକରେ ଯୋଗଦେଇ ନିଜର ସମସ୍ୟା ଓ ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିବାର ଜଣାପଡିଛି।



କାଳୀପୂଜା ମେଳଣ ଉତ୍ସବ ଶୃଙ୍ଖଳାର ସହ ସମ୍ପନ୍ନ କରାଯିବ



ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ


ଯାଜପୁର ଜିଲ୍ଲା ବ୍ୟାସନଗର ସହରର ଗଣପର୍ବ ମା' ଶ୍ୟାମାକାଳୀ ପୂଜା ଓ ମେଳଣ ନିମନ୍ତେ ଚଣ୍ଡୀ କ୍ଲବ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ଏକ ମିଳିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଚଣ୍ଡୀ କ୍ଲବ ତଥା ମେଳଣ କମିଟିର ସଭାପତି ପ୍ରମୋଦ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ସମସ୍ତ ୧୯ଟି ପୂଜା କମିଟିର ସଭାପତି ଓ ସମ୍ପାଦକ, ବ୍ୟାସନଗର ପୌରାଧ୍ୟକ୍ଷ ସୁବାଷ ଚନ୍ଦ୍ର ବଳ, ଯାଜପୁର ରୋଡ ଏସ୍‌ଡ଼ିପିଓ ଶରତ ଚନ୍ଦ୍ର ପାତ୍ର, ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ଯାଜପୁରରୋଡ଼ ଥାନାଧିକାରୀ ଆଶିଷ କୁମାର ସାହୁ, ଶାନ୍ତି କମିଟି ପକ୍ଷରୁ ବିଦ୍ୟାଧର ମହାନ୍ତି ଓ ଚଣ୍ଡୀ କ୍ଲବ ସମ୍ପାଦକ ଶିଶିର କୁମାର ରାଉତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ମେଳଣ ଉତ୍ସବରେ ଲକ୍ଷାଧିକ ଜନ ସମାଗମ ହେବାର ଥିବା ହେତୁ କିପରି ଶାନ୍ତି ଶୃଙ୍ଖଳା ସହ ଏହି ଉତ୍ସବ ଅନୁଷ୍ଠିତ ହେବ ତାହା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଆସନ୍ତା ୮ ତାରିଖରେ କାଳୀପୂଜା ଆରମ୍ଭ ହୋଇ ଦୀର୍ଘ ୧୧ ଦିନ ଧରି ଅନୁଷ୍ଠିତ ହୋଇ ୧୮ ତାରିଖ ବୁଧବାର ମେଳଣ ଓ ଭାଷାଣୀ ଉତ୍ସବ ଅନୁଷ୍ଠିତ ହେବ। ପୋଲିସ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ସମୟ ଅନୁଯାଇ ମେଢ଼ ଗୁଡିକ ଚାରିଦିଗରୁ ଶୋଭାଯାତ୍ରାରେ ଆସି ମେଳଣ ପଡିଆରେ ଏକତ୍ରିତ ହେବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଶାସନ ସମୟ ନିର୍ଘଣ୍ଟ ଅନୁଯାଇ ସବୁ ମେଢ଼ କାଳୀ ମେଳଣ ପଡିଆରେ ପହଞ୍ଚିବା ପରେ ମେଳଣ ଉତ୍ସବ ଓ ସଭା କାର୍ଯ୍ୟ ଅନୁଷ୍ଠିତ ହେବ ବୋଲି ସର୍ବ ସମ୍ମତ ନିଷ୍ପତ୍ତି ହୋଇଥିଲା। ଶୋଭାଯାତ୍ରା ସମୟରେ ପ୍ରତ୍ୟେକ ମେଢ଼ ନିକଟରେ ପୋଲିସ ଓ ଶାନ୍ତି କମିଟି ସଦସ୍ୟ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିବେ। ସହରର ଭାଇଚାରା ରକ୍ଷା କରିବା ପାଇଁ ଏହି ମେଳଣ ଉତ୍ସବ ଆଜକୁ ୩୦ ବର୍ଷ ଧରି ଚଣ୍ଡୀ କ୍ଲବ ପକ୍ଷରୁ ଅନୁଷ୍ଠିତ ହୋଇଆସୁଛି। ବିଗତ ବର୍ଷ ମାନଙ୍କ ପରି ଚଳିତ ବର୍ଷ ମେଳଣ ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ଚଣ୍ଡୀ କ୍ଲବ ପକ୍ଷରୁ ପ୍ରୟାସ ଜାରି ରହିଛି। ଏହି ବୈଠକରେ ଶାନ୍ତି କମିଟି ପୁନର୍ଗଠିତ ହୋଇଛି। ଶାନ୍ତି କମିଟିର ସଭାପତି ଭାବେ ପ୍ରଶାସନିକ ଅଧିକାରୀ ବ୍ୟାସନଗର ତହସିଲଦାର ପ୍ରଶାନ୍ତ କୁମାର ପୁହାଣ ଓ ସମ୍ପାଦକ ଭାବେ ସହରର ବିଶିଷ୍ଟ ବ୍ୟକ୍ତି ବିଦ୍ୟାଧର ମହାନ୍ତି ଓ ୧୯ ଗୋଟି କମିଟିର ସଦସ୍ୟଙ୍କ ନାମ ଘୋଷଣା କରାଯାଇଥିଲା। ଶେଷରେ ଚଣ୍ଡୀ କ୍ଲବର ସଦସ୍ୟ ସନାତନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ନିଶାମୁକ୍ତ ଭାରତ ଗଠନ ପାଇଁ ପଞ୍ଚମ ବାଟାଲିୟନ୍‌ର ପଦକ୍ଷେପ

ବାରିପଦା, ନ୍ୟୁଜ୍ ବ୍ୟୁରୋ

ଦେଶର ଏକତା ଓ ଅଖଣ୍ଡତାର ସୁରକ୍ଷା ସହ ନିଶାମୁକ୍ତ ସମାଜ ଗଠନର ସଂକଳ୍ପ ନେଇ ବାରିପଦା ସ୍ଥିତ ପଞ୍ଚମ ବାଟାଲିୟନ୍ ପକ୍ଷରୁ ଜାତୀୟ ଏକତା ଦିବସ ପାଳିତ ହୋଇଛି। ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ବାଟାଲିୟନ୍ ପକ୍ଷରୁ ରଞ୍ଜନ ଫର୍ ୟୁନିଟି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାଟାଲିୟନ୍‌ର ଦୁର୍ଗପତି ତଥା କମାଣ୍ଡାଣ୍ଟ କାହ୍ନୁଚରଣ ହାଁସଦାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଏକତା ଦୌଡ଼ରେ ବହୁ ଅଧିକାରୀ, ଶାଖା ସଂଘର ସଦସ୍ୟ, ହାବିଲଦାର ଓ ସିପାହୀ ସାମିଲ ହୋଇଥିଲେ। ଦୌଡ଼ ମାଧ୍ୟମରେ ଜାତୀୟ ସଂହତି, ଭାଇଚାରା ଓ ଦେଶପ୍ରେମର ବାର୍ତ୍ତା ପ୍ରସାର କରାଯାଇଥିଲା। ଏହା ସହ ପରେଡ଼ ଗ୍ରାଉଣ୍ଡରେ ଶୃଙ୍ଖଳିତ ପରେଡ ଆୟୋଜିତ ହେବା ସହ ନିଶାମୁକ୍ତ ଭାରତ ଅଭିଯାନ ଉପରେ ଏକ ସଚେତନତା ମୂଳକ ନାଟକ ମଞ୍ଚସ୍ଥ ହୋଇଥିଲା। ନିଶା ସେବନର ଭୟାବହ ପରିଣାମ ସମ୍ପର୍କରେ ଅବଗତ କରାଇବା ସହ ସୁସ୍ଥ ଓ ନିଶାମୁକ୍ତ ସମାଜ ଗଠନ ପାଇଁ ନାଟକ ମାଧ୍ୟମରେ ଆହ୍ୱାନ ଦିଆଯାଇଥିଲା।

ଶୋଭାଯାତ୍ରା ମାଧ୍ୟମରେ ଏକତା ଓ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ



କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଏବଂ ଜାତୀୟ ଏକତା ଦିବସ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଦୁର୍ନୀତିମୁକ୍ତ ସମାଜ ଗଠନ, ସ୍ୱଚ୍ଛତା, ସାଧୁତା ଓ ସାଧାରଣ ଜୀବନରେ ସଚ୍ଚୋଟତାର ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ସହ ଜାତୀୟ ଏକତା ଓ ଅଖଣ୍ଡତାର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୋଭାଯାତ୍ରା ବାହାରି ସହରର ବିଭିନ୍ନ ରାସ୍ତା ପରିକ୍ରମା କରିଥିଲା। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ ପତାକା ଦେଖାଇ ଏହି ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଦୁର୍ନୀତି ହେଉଛି ସମାଜର ବିକାଶରେ ଏକ ପ୍ରମୁଖ ପ୍ରତିବନ୍ଧକ। ଏହାର ମୂଳୋତ୍ପାଟନ ପାଇଁ କେବଳ ପ୍ରଶାସନ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ସହଯୋଗ ଓ ସଚେତନତା ଆବଶ୍ୟକ। ସଚ୍ଚୋଟତା, ସ୍ୱଚ୍ଛତା ଓ ନୈତିକତାକୁ ଜୀବନର ଆଦର୍ଶ ଭାବେ ଗ୍ରହଣ କରିବା ସହ ଦୁର୍ନୀତି ବିରୋଧରେ ସମସ୍ତେ ଏକଜୁଟ୍ ହେବାକୁ ଏହି ଶୋଭାଯାତ୍ରା ମାଧ୍ୟମରେ ଆହ୍ୱାନ ଦିଆଯାଇଥିଲା। ଶୋଭାଯାତ୍ରାରେ ଭିଜିଲାନ୍ସ ଡିଏସ୍‌ପି ଭାଗ୍ୟଲକ୍ଷ୍ମୀ ପୁହାଣ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂଙ୍କ ସମେତ ଭିଜିଲାନ୍ସ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଏଥିସହ ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଏହି ଶୋଭାଯାତ୍ରାରେ ସାମିଲ୍ ହୋଇ ଦୁର୍ନୀତି ବିରୋଧୀ ସଚେତନତାର ବାର୍ତ୍ତା ପ୍ରସାର କରିଥିଲେ। ଭିଜିଲାନ୍ସ ବିଭାଗର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ। ଚଳିତ ବର୍ଷର ଦୁର୍ନୀତି ନିବାରଣ ସଚେତନତା ସପ୍ତାହର ବାର୍ତ୍ତା ସାଧୁତାରୁ ସମୃଦ୍ଧିକୁ ଆଧାର କରି ଏକ ସ୍ୱଚ୍ଛ, ସଚ୍ଚୋଟ ଓ ଦୁର୍ନୀତିମୁକ୍ତ ସମାଜ ଗଠନ ଦିଗରେ ସମସ୍ତେ ନିଜ ନିଜର ଦାୟିତ୍ୱ ନିର୍ବାହ କରିବାକୁ ଏହି କାର୍ଯ୍ୟକ୍ରମ ଆହ୍ୱାନ ଜଣାଇଥିଲା।



ସଂସ୍କୃତ ଭାଷାରେ କଥା ହେବା ପାଇଁ ସଂକଳ୍ପ ନେଲେ ୨୦୦ ଛାତ୍ରଛାତ୍ରୀ

ଖପ୍ରାଖୋଲ, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଫୁଲକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅଖିଳ ଭାରତ ଅମୃତ ବାଣୀ ସେବା ପ୍ରତିଷ୍ଠାନ, ବାଲେଶ୍ୱର ପକ୍ଷରୁ ୧୦ ଦିନିଆ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବଲାଙ୍ଗିର ଜିଲ୍ଲା ସଂଯୋଜକ ତଥା ମହରାପଦର ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନବ କିଶୋର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀ ନନ୍ଦ ସଂସ୍କୃତ ଭାଷାର ମହତ୍ତ୍ୱ ଓ ଏହାର ପ୍ରଚାର ପ୍ରସାର ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀ ମାନେ ସଂସ୍କୃତ ଭାଷା ଶିଖିବା ଏବଂ ଦୈନନ୍ଦିନ ଜୀବନରେ ଏହାର ବ୍ୟବହାର କରିବାକୁ ଆହ୍ୱାନ ଦେଇଥିଲେ। ଅମୃତ ବାଣୀ ସେବା ପ୍ରତିଷ୍ଠାନର ମହାସଚିବ ତଥା ବରିଷ୍ଠ ପ୍ରଶିକ୍ଷକ ଜୟପ୍ରକାଶ ଶାସ୍ତ୍ରୀ ଶିବିରର ପରିଚାଳନା କରିଥିଲେ। ଏହି ଶିବିରରେ ବିଦ୍ୟାଳୟର ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ସଂସ୍କୃତ ଭାଷାରେ କଥାବାର୍ତ୍ତା କରିବା ପାଇଁ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୋପୀକୃଷ୍ଣ ଦଳାଇ, ଅମର ସିଂ ମାଝୀ, ସହଦେବ କୁମାର ପତି, ଅତସି ସାହୁ, ନିଳିମା କୁମାରୀ ମିଶ୍ରଙ୍କ ସମେତ ଶିକ୍ଷା କର୍ମଚାରୀ ଡିଲେଶ୍ୱର ମେହେର, ଜଗବନ୍ଧୁ ବେହେରା ଓ ଦିନବନ୍ଧୁ ଚାରବେମାଲ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଭୁବନେଶ୍ୱର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।



ସରକାରଙ୍କ ବଡ଼ ପଦକ୍ଷେପ:୧୨୧ଟି ବ୍ଲକରେ ନିର୍ମାଣ ହେବ ଆଦିବାସୀ ସଂସ୍କୃତି ଭବନ

ଉମରକୋଟ, ନ୍ୟୁଜ୍ ବ୍ୟୁରୋ

ଆଦିବାସୀ ସମାଜର ପରମ୍ପରା, ସଂସ୍କୃତି ଓ ଭାଇଚାରାର ଅନନ୍ୟ ନିଦର୍ଶନ ସାଜିଛି ଗୋଣ୍ଡୱାନା ସମାଜର ନୂଆଖାଇ ଭେଟଘାଟ୍ କାର୍ଯ୍ୟକ୍ରମ। ଉମରକୋଟର ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍ ଠାରେ ଏହି ସାଂସ୍କୃତିକ ସମାରୋହ ଅତି ଉତ୍ସାହର ସହ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅପରାହ୍ନରେ ଉଭୟ ଅତିଥି ହେଲିକପ୍ଟର ଯୋଗେ ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ପହଞ୍ଚିବା ପରେ, ଗୋଣ୍ଡୱାନା ସମାଜର ପାରମ୍ପରିକ ନୃତ୍ୟ-ଗୀତ ଓ ବାଦ୍ୟର ତାଳେ ତାଳେ କଳାକାରମାନେ ସେମାନଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ଝରିଗାଁ ବିଧାୟକ ନରସିଂହ ଭତରା, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀଙ୍କ ସମେତ ବିଜେପିର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସଭାରେ ଉଦ୍‌ବୋଧନ ଦେଇ ଉପବାଚସ୍ପତି ଶ୍ରୀ ଭୋଇ ଗୋଣ୍ଡୱାନା ସମାଜକୁ ନୂଆଖାଇ ଭେଟଘାଟର ଶୁଭେଚ୍ଛା ଜଣାଇବା ସହ କହିଥିଲେ ଯେ, ଆଦିବାସୀ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ ଓ ସଂସ୍କୃତିର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସେହିପରି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତାଙ୍କ ଅଭିଭାଷଣରେ ଘୋଷଣା କରିଥିଲେ ଯେ, ନବରଙ୍ଗପୁର ଜିଲ୍ଲାର ୧୦ଟି ବ୍ଲକ ସମେତ ରାଜ୍ୟର ମୋଟ୍ ୧୨୧ଟି ବ୍ଲକରେ ଆଦିବାସୀ ସଂସ୍କୃତି ଭବନ ନିର୍ମାଣ କରାଯିବ। ବିଶେଷ କରି ରାଇଘର ବ୍ଲକରେ ଗୋଣ୍ଡୱାନା ସମାଜ ଭବନ ପାଇଁ ୧ ଏକର ଜମି ଚିହ୍ନଟ ହୋଇସାରିଛି ଏବଂ ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ଏଠାରେ ଏକ ଭବ୍ୟ ଭବନ ନିର୍ମାଣ କରାଯିବ। ଶିକ୍ଷା କ୍ଷେତ୍ରର ବିକାଶ ସମ୍ପର୍କରେ ମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜୋରଦାର୍ ଚାଲିଛି। ମୁଖ୍ୟମନ୍ତ୍ରୀ ୨,୦୬୭ ଜଣ ନୂତନ ଶିକ୍ଷକଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ଏହାସହ ଗୋଦାବରୀଶ ବିଦ୍ୟାଳୟ ମାଧ୍ୟମରେ ଶିକ୍ଷାର ମାନ ବୃଦ୍ଧି ପାଇଁ ସରକାରୀ ପ୍ରୟାସ ଜାରି ରହିଛି। ଏହି ନୂଆଖାଇ ଭେଟଘାଟ୍ କାର୍ଯ୍ୟକ୍ରମରେ ଗୋଣ୍ଡୱାନା ସମାଜର ହଜାର ହଜାର ପୁରୁଷ, ମହିଳା, ବୁଦ୍ଧିଜୀବୀ ଓ ସଦସ୍ୟ ଯୋଗଦେଇ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମର ଆନନ୍ଦ ନେଇଥିଲେ। ସଭା ଶେଷରେ ଉପବାଚସ୍ପତି ଓ ମନ୍ତ୍ରୀ ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ କୃଷି କାର୍ଯ୍ୟାଳୟରେ ନିର୍ମିତ ନୂତନ ବିହନ ସଂରକ୍ଷଣ ଗୃହର ଉଦ୍‌ଘାଟନ କରି ଭୁବନେଶ୍ୱର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଛନ୍ତି।

ଅବକାରୀ ବିଭାଗର ଚଢ଼ଉ:୧୨୫୦ ଲିଟର ମହୁଲି ଓ ୮୦ ଲିଟର ଦେଶୀ ମଦ ନଷ୍ଟ



ରାଇଘର, ନ୍ୟୁଜ୍ ବ୍ୟୁରୋ

ଅବୈଧ ମଦ ପ୍ରସ୍ତୁତି ଓ କାରବାର ବିରୋଧରେ ରାଇଘର ତହସିଲ ଅନ୍ତର୍ଗତ କାଳିଆପଦର ଓ କଚରାପାରା ଗ୍ରାମରେ ମିଳିତ ଚଢ଼ଉ କରାଯାଇଥିଲା। ରାଇଘର ତହସିଲଦାର ମନ ମୋହନ ସାହୁ, ରାଇଘର ଥାନା ଅଧିକାରୀ ଟିକେ ଚାନ୍ଦ ବାହାବଲ ଖଟୁଆ, ବ୍ଲକ୍ ଅବକାରୀ ଅଧିକାରୀ ସମୀର କୌଶଲ୍ୟା, ଅଂଶୁମାନ ପରିଡ଼ା, ଦେବାଶିଷ ଦାସ, ଅନନ୍ତ ମଲିକ, ସୁରେଖା ଭତ୍ରା ଏବଂ ଅନ୍ୟ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଏହି ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ପ୍ରାୟ ୧୨୫୦ ଲିଟର ମହୁଲି ପୋଚ୍ ଓ ୮୦ ଲିଟର ଦେଶୀ ମଦ ଜବତ କରାଯାଇ ନଷ୍ଟ କରାଯାଇଛି। ଅବୈଧ ମଦ ପ୍ରସ୍ତୁତି ଓ ବିକ୍ରୟ ରୋକିବା ସହ ଏହାର କୁପରିଣାମ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ଏଭଳି ଚଢ଼ଉ ଓ ଯାଞ୍ଚ ଅଭିଯାନ ଜାରି ରହିବ।

ଦୁଇ ଲୋକାଲ୍ ଟ୍ରେନ୍ ବାତିଲ୍:ଯାତ୍ରୀ ହିନସ୍ତା

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ପୂର୍ବତଟ ରେଳପଥର କଟକ ଷ୍ଟେସନ୍ ଠାରୁ ଭଦ୍ରକ ଅଭିମୁଖେ ଯାଉଥିବା ଦୁଇଟି ଲୋକାଲ୍ ଟ୍ରେନ୍‌କୁ ଲଗାତାର ଭାବେ ବାତିଲ୍ କରାଯାଉଥିବାରୁ ଏଥିରେ ଯାତାୟାତ କରୁଥିବା ଯାତ୍ରୀମାନେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। କଟକରୁ ସକାଳ ୮.୪୫ରେ ବାହାରି ଭଦ୍ରକ ଯାଉଥିବା ୬୮୪୨୪ ନମ୍ବରଯୁକ୍ତ କଟକ-ଭଦ୍ରକ ମେମୁ ଟ୍ରେନ୍ (ପ୍ରତିଦିନ)କୁ ଗତ କିଛି ମାସ ହେଲା ସପ୍ତାହକୁ ୫ ଦିନରୁ ଅଧିକ ଥର ବାତିଲ୍ କରାଯାଉଛି। ସେହିପରି କଟକରୁ ଦିନ ୧୧.୧୦ ମିନିଟ୍‌ରେ ଛାଡୁଥିବା ୬୮୪୩୮ ନମ୍ବର ଯୁକ୍ତ କଟକ-ଭଦ୍ରକ ଫାଷ୍ଟ ମେମୁ ଟ୍ରେନ୍‌କୁ ମଧ୍ୟ ଲଗାତାର ଭାବେ ବାତିଲ୍ କରାଯାଉଛି। ଏ ସମ୍ପର୍କରେ ରେଳବାଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପୂର୍ବ ସୂଚନା ଦିଆଯାଉନଥିବାରୁ ଏହି ଦୁଇଟି ଟ୍ରେନ୍‌ରେ ଯାତାୟାତ କରୁଥିବା ବହୁ ସଂଖ୍ୟକ ଡେଲି ପାସେଞ୍ଜର ଓ ବିଭିନ୍ନ ଅଫିସରେ କାର୍ଯ୍ୟରତ ଯାତ୍ରୀ ତଥା ବହୁ ସଂଖ୍ୟକ ଛାତ୍ରଛାତ୍ରୀ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ଯିବା ଆସିବା କରିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେଳେବେଳେ ରେଳବାଇ କର୍ତ୍ତୃପକ୍ଷ ଟ୍ରାକ୍ ରିପ୍ୟାରିଂ ଓ ମେଣ୍ଟେନାନ୍ସର ବାହାନା କରି ଟ୍ରେନ୍ ଗୁଡ଼ିକୁ ବାତିଲ୍ କରିଦେଉଥିବା ବହୁ ଡେଲି ପାସେଞ୍ଜର ଅଭିଯୋଗ କରିଛନ୍ତି। ହେଲେ ଏ ଦୁଇଟି ଟ୍ରେନ୍ ସମୟରେ ମାଲଗାଡ଼ି ଓ ଏକ୍ସପ୍ରେସ୍ ଟ୍ରେନ୍ ଗୁଡ଼ିକ ନିୟମିତ ଭାବେ ଚାଲୁଥିବା ଦେଖିବାକୁ ମିଳୁଛି। ଏହି ଟ୍ରେନ୍ ଦୁଇଟିରେ କଟକ, କେନ୍ଦ୍ରାପଡ଼ା ରୋଡ଼, ମଙ୍ଗୁଳି-ଚୌଦ୍ୱାର, ନିର୍ଗୁଣ୍ଡି, କପିଳାସ ରୋଡ଼, ବୈରୀ, ବରି ଠେଙ୍ଗଡ଼, ଧାନ ମଣ୍ଡଳ, ହରିଦାସପୁର, ଗଡ଼ ମଧୁପୁର, ଜେନାପୁର, ଜଖପୁରା ଆଦି ଷ୍ଟେସନ୍ ମାନଙ୍କରୁ ହଜାର ହଜାର ସଂଖ୍ୟାରେ ଡେଲି ପାସେଞ୍ଜର ପ୍ରତିଦିନ ନିୟମିତ ଭାବେ ଯାଜପୁର ରୋଡ଼ ଓ ଭଦ୍ରକକୁ ଯାତାୟାତ କରିଥାନ୍ତି। ଏହି ଦୁଇଟି ଟ୍ରେନ୍ ସେମାନଙ୍କ ଯାତାୟାତର ଏକମାତ୍ର ମାଧ୍ୟମ ହୋଇଥିବାରୁ ପୂର୍ବତଟ ରେଳପଥ କର୍ତ୍ତୃପକ୍ଷ ତୁରନ୍ତ ଟ୍ରେନ୍ ଦୁଇଟିର ନିୟମିତ ଚଳାଚଳର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି।

ପୁରୁଣା ଘର ଫଟୋ ଦେଖାଇ ଟଙ୍କା ଆତ୍ମସାତ୍ ଅଭିଯୋଗରେ ଏଡିଇଓ ନିଲମ୍ବିତ



ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଗରିବ ଲୋକଙ୍କୁ ପକ୍କା ଘର ଯୋଗାଇ ଦେବାକୁ ସରକାରଙ୍କ ତରଫରୁ ଆବାସ ଗୃହ ଯୋଜନା କରାଯାଇଛି। ହେଲେ କିଛି ନ୍ୟସ୍ତ ସ୍ୱାର୍ଥ ଲୋକଙ୍କ ପାଇଁ ଏହି ଯୋଜନାର ସୁଫଳ ଗରିବ ଲୋକେ ପାଇପାରୁନାହାନ୍ତି। ଏଭଳି ଏକ ଆବାସଗୃହ ଦୁର୍ନୀତି ମାମଲା ସାମ୍ନାକୁ ଆସିଛି। ନୂଆ ଘର ନିର୍ମାଣର ଫଟୋ ବଦଳରେ ପୁରୁଣା ଘରର ଫଟୋ ଅପ୍‌ଲୋଡ୍ କରି ଦ୍ୱିତୀୟ କିସ୍ତି ଟଙ୍କା ହାତେଇବାକୁ ଉଦ୍ୟମ ହୋଇଥିବା ଅଭିଯୋଗରେ ଜଣେ ଏଡିଇଓଙ୍କ ଉପରେ ପଡ଼ିଛି ନିଲମ୍ବନର ଛାଟ। ଏଭଳି ଏକ ଲଜ୍ଜାକର ଘଟଣା ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଖଟଖଟିଆ ଗ୍ରାମ ପଞ୍ଚାୟତରେ ଘଟିଛି। ପଞ୍ଚାୟତର ଏଡିଇଓ ସରୋଜ କୁମାର ମହାକୁଡ଼ଙ୍କ ଏଭଳି ଅନିୟମିତତା କାର୍ଯ୍ୟ ପାଇଁ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ତାଙ୍କୁ ନିଲମ୍ବନ କରିଛନ୍ତି। ମିଳିଥିବା ଖବର ଅନୁଯାୟୀ, ପିଏମ୍ଏୱାଇ-ଜି ଯୋଜନାର ଜଣେ ହିତାଧିକାରୀଙ୍କ ଦ୍ୱିତୀୟ କିସ୍ତି ଅର୍ଥ ମଞ୍ଜୁର କରାଇବା ପାଇଁ ନୂତନ ଘରର ଫଟୋ ବଦଳରେ ପୂର୍ବରୁ ଥିବା ପୁରୁଣା ଘରର ଫଟୋ ଅପ୍‌ଲୋଡ୍ କରାଯାଇଥିବା ଅଭିଯୋଗ ହୋଇଛି। ଏହାସହ ସରକାରୀ କାର୍ଯ୍ୟରେ ଅବହେଳା ଓ ଆର୍ଥିକ ଅନିୟମିତତା ଅଭିଯୋଗକୁ ମଧ୍ୟ ଜିଲ୍ଲାପାଳ ଗୁରୁତ୍ୱର ସହ ନେଇଛନ୍ତି। ଏହାପରେ ଓଡ଼ିଶା ସିଭିଲ ସର୍ଭିସେସ୍ (ଶ୍ରେଣୀକରଣ, ନିୟନ୍ତ୍ରଣ ଓ ଅପିଲ) ନିୟମ, ୧୯୬୨ର ଧାରା ୧୨(୧) ଅନୁଯାୟୀ ତାଙ୍କୁ ତତ୍କାଳ ନିଲମ୍ବନ କରାଯାଇଛି। ନିଲମ୍ବନ ସମୟରେ ତାଙ୍କୁ ମୁଖ୍ୟାଳୟ କଣ୍ଟାମାଳ ତହସିଲ କାର୍ଯ୍ୟାଳୟରେ ରହିବେ। ତହସିଲଦାରଙ୍କ ଅନୁମତି ବିନା ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ନିୟମ ଅନୁସାରେ ତାଙ୍କୁ ନିର୍ବାହ ଭତ୍ତା ମିଳିବ। ଅନ୍ୟପକ୍ଷରେ ଖଟଖଟିଆ ପଞ୍ଚାୟତର ସରକାରୀ କାର୍ଯ୍ୟ ଯେପରି ଠପ୍ ନହୁଏ, ସେଥିପାଇଁ ତୁରନ୍ତ ଅନ୍ୟ ଅଧିକାରୀଙ୍କୁ ଦାୟିତ୍ୱ ଦେବାକୁ ବିଡିଓଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଆବାସ ଯୋଜନାରେ ଏଭଳି ଅଭିଯୋଗ ସାମ୍ନାକୁ ଆସିବା ପରେ ପଞ୍ଚାୟତ ଓ ପ୍ରଶାସନିକ ମହଲରେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ଦେଢ଼ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ସହ କାର୍ ଏବଂ ଲକ୍ଷାଧିକ ଟଙ୍କା ଜବତ:୩ ଗିରଫ



ବାରିପଦା, ନ୍ୟୁଜ୍ ବ୍ୟୁରୋ

ମୟୁରଭଞ୍ଜ ଜିଲ୍ଲାରେ ନିଶା ଦ୍ରବ୍ୟ ଚୋରା ଚାଲାଣ ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ, ଚୋରା ଗଞ୍ଜେଇ ଚାଲାଣ ରୋକିବା ଦିଗରେ ବାରିପଦା ଭଞ୍ଜପୁର ଥାନା ପୋଲିସକୁ ଏକ ବଡ଼ ଧରଣର ସଫଳତା ମିଳିଛି। ଲକ୍ଷ୍ମୀପୋଷି ଫାଣ୍ଡି ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ସୁବର୍ଣ୍ଣରେଖା କେନାଲ୍ ରାସ୍ତାରେ ଗୋଡାଇ ଗୋଡାଇ ବେଆଇନ୍ ଗଞ୍ଜେଇ ଚାଲାଣ କାର୍ ଉପରେ ଚଢ଼ଉ କରି ପୋଲିସ ୩ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏଥିସହ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଗଞ୍ଜେଇ, ନଗଦ ଟଙ୍କା ଏବଂ ଚାଲାଣରେ ବ୍ୟବହୃତ ଏକ ଦାମୀ କାର୍ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଲକ୍ଷ୍ମୀପୋଷି ସ୍ଥିତ କେନ୍ଦ୍ରିୟ ବିଦ୍ୟାଳୟ ନିକଟ ଦେଇ ଏକ କାରରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଚାଲାଣ ହେଉଥିବା ନେଇ ଭଞ୍ଜପୁର ପୋଲିସକୁ କୌଣସି ସୂତ୍ରରୁ ଗୁଇନ୍ଦା ସୂଚନା ମିଳିଥିଲା। ଖବରପାଇ ପୋଲିସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ନାକାବନ୍ଦୀ କରି ଯାନବାହନ ଯାଞ୍ଚ ଆରମ୍ଭ କରିଥିଲା। ଏହି ସମୟରେ ଏକ ସନ୍ଦିଗ୍ଧ ପଶ୍ଚିମବଙ୍ଗ ନମ୍ବର କାର୍‌କୁ ଅଟକାଇ ତଲାସି କରିବା ପରେ ଗାଡ଼ି ଭିତରୁ ଦେଢ଼ କୁଇଣ୍ଟାଲ୍‌ରୁ ଅଧିକ ଗଞ୍ଜେଇ ମିଳିଥିଲା। ପୋଲିସ ତୁରନ୍ତ ଗାଡ଼ିରେ ଥିବା ୩ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ କାବୁ କରିବା ସହ ଘଟଣାସ୍ଥଳରୁ ଉକ୍ତ ଗଞ୍ଜେଇ, ନଗଦ ଲକ୍ଷାଧିକ ଟଙ୍କା ଓ କାର୍‌ଟିକୁ ଜବତ କରିଛି। ଗିରଫ ଅଭିଯୁକ୍ତମାନଙ୍କୁ ଥାନାକୁ ଆଣି ପଚରା ଉଚରା ଜାରି ରହିଛି। ଏହି ଗଞ୍ଜେଇ କେଉଁଠାରୁ ଆସି କେଉଁ ସ୍ଥାନକୁ ଚାଲାଣ କରାଯାଉଥିଲା ଏବଂ ଏହି ର୍ୟାକେଟ୍ ପଛରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଚାଲିଥିବା ଜଣାପଡ଼ିଛି। ଗିରଫ ବ୍ୟକ୍ତିମାନେ ହେଲେ ପଶ୍ଚିମବଙ୍ଗ ରାଜ୍ୟ ଉଲୁବେରା ଥାନା ଅନ୍ତର୍ଗତ ୩୬ ବର୍ଷୀୟ ଶ୍ରୀକାନ୍ତ ବାଗ, ମୟୂରଭଞ୍ଜ ଜିଲ୍ଲା ବେଶିଙ୍ଗା ଥାନା ଅନ୍ତର୍ଗତ ସରିଶକଠା ଗ୍ରାମର ୩୨ ବର୍ଷୀୟା ଜଗନ ମହାଳିକ ଏବଂ ଭଞ୍ଜପୁର ଥାନା ଅନ୍ତର୍ଗତ ତଥା ବାରିପଦା ସହରର ୱାର୍ଡ ନଂ ୩ ୱାଲିଗଞ୍ଜ ଅଞ୍ଚଳର ୩୯ ବର୍ଷୀୟ ରାଜେଶ କୁମାର ପରିଡ଼ା ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

ବଡ଼ଓଷା ପାଇଁ କଟକ ଜିଲ୍ଲା ପ୍ରଶାସନର କଟକଣା:ନଭେମ୍ବର ୧୯ରୁ ୨୪ ଯାଏଁ ଟି-ବ୍ରିଜ୍‌ରେ ଯାନବାହନ ଚଳାଚଳ ନିଷେଧ

କଟକ, ନ୍ୟୁଜ୍ ବ୍ୟୁରୋ

ପ୍ରସିଦ୍ଧ ବାବା ସିଂହନାଥଙ୍କ ପୀଠରେ ପଞ୍ଚକ ଓ ବଡ଼ଓଷା ଉତ୍ସବ ଅବସରରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଯାତାୟାତ କଟକଣା ଜାରି କରାଯାଇଛି। ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ, ଆସନ୍ତା ୧୯ ନଭେମ୍ବର ମଧ୍ୟରାତ୍ରିରୁ ୨୪ ନଭେମ୍ବର ମଧ୍ୟରାତ୍ରି ପର୍ଯ୍ୟନ୍ତ ଟି-ବ୍ରିଜ୍‌କୁ 'ନୋ ଭେହିକିଲ୍ ଜୋନ୍' ଘୋଷଣା କରାଯାଇଛି। ଜିଲ୍ଲାପାଳ ତଥା ଆଞ୍ଚଳିକ ପରିବହନ ପ୍ରାଧିକରଣର ଅଧ୍ୟକ୍ଷ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ ଅନୁଯାୟୀ, ବଡ଼ମ୍ବା ପାର୍ଶ୍ୱରୁ ବୈଦେଶ୍ୱର ପାର୍ଶ୍ୱକୁ ସଂଯୋଗ କରୁଥିବା ସମଗ୍ର ଟି-ବ୍ରିଜ୍‌ରେ କୌଣସି ଯାନବାହନ ଚଳାଚଳ କରିପାରିବ ନାହିଁ। ସେହିପରି ବଡ଼ମ୍ବା-ନରସିଂହପୁର ରାସ୍ତାର ଗୋପୀନାଥପୁର ଏବଂ ବାଙ୍କୀ-ବୈଦେଶ୍ୱର ରାସ୍ତାର ବୈଦେଶ୍ୱର ଛକ ଠାରେ ଭାରୀଯାନ ଚଳାଚଳ ଉପରେ କଟକଣା ଲଗାଯାଇଛି। ତେବେ ଜରୁରୀକାଳୀନ ସେବାରେ ନିୟୋଜିତ ଯାନବାହନ ଏବଂ ଆମ୍ବୁଲାନ୍ସକୁ ଏହି କଟକଣାରୁ ବାଦ୍ ଦିଆଯାଇଛି। ବଡ଼ଓଷା ଓ ପଞ୍ଚକ ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଭକ୍ତ ବାବା ସିଂହନାଥଙ୍କ ଦର୍ଶନ ପାଇଁ ଆସୁଥିବାରୁ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇବା, ଟ୍ରାଫିକ୍ ବ୍ୟବସ୍ଥାର ସୁଚାରୁ ପରିଚାଳନା ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ତେଣୁ ଉକ୍ତ ସମୟ ମଧ୍ୟରେ ଯାତାୟାତ କରୁଥିବା ଜନସାଧାରଣ ପ୍ରଶାସନର ନିୟମାବଳୀ ପାଳନ କରିବା ସହ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

ନୀଳାଦ୍ରି ବିହାରରେ ଜଳ ସମସ୍ୟା:ସ୍ଥାୟୀ ସମାଧାନ କେବେ ?

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ରାଜଧାନୀର ନୀଳାଦ୍ରି ବିହାର ଅଞ୍ଚଳରେ ବର୍ଷା ହେଲେ ଜଳବନ୍ଦୀ ଓ ଦୁର୍ଗନ୍ଧମୟ ଜଳର ସମସ୍ୟା ଏବେ ଅଞ୍ଚଳବାସୀଙ୍କ ପାଇଁ ଏକ ନିତିଦିନିଆ ଦୁର୍ଦ୍ଦଶାରେ ପରିଣତ ହୋଇଛି। ସାମାନ୍ୟ ଅଧିକ ବର୍ଷା ହେଲେ ଘରେ ଘରେ ବନ୍ୟା ଜଳ ପଶିବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଦୀର୍ଘଦିନର ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏକ ସ୍ୱତନ୍ତ୍ର ବିକଳ୍ପ ଡ୍ରେନ୍ ନିର୍ମାଣ ନିମନ୍ତେ ଦାବି ଜୋର୍ ଧରିଛି। ପ୍ରାକୃତିକ ଜଳ ନିଷ୍କାସନ ପଥ ଅବରୋଧ ହିଁ ସମସ୍ୟାର ମୂଳ କାରଣ। ୧୯୯୦ ମସିହା ବେଳକୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ପାଞ୍ଚଟି ସେକ୍ଟରକୁ ନେଇ ନୀଳାଦ୍ରି ବିହାର ଆବାସିକ ଅଞ୍ଚଳ ପ୍ରତିଷ୍ଠା କରାଯାଇଥିଲା। ଏହି ଅଞ୍ଚଳରେ ପ୍ରାୟ ୧୦ ହଜାର ଲୋକ ବସବାସ କରୁଛନ୍ତି। ଏହାର କିଛି ସମୟ ପରେ ନୀଳାଦ୍ରି ବିହାରର ପଶ୍ଚିମ ପାର୍ଶ୍ୱରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୩୦୦ ଲୋକଙ୍କ ପାଇଁ ଏକ ଛୋଟ ବସ୍ତି ସ୍ଥାପନ କରାଯାଇଥିଲା। କିନ୍ତୁ ସମୟକ୍ରମେ ଏହାର ବିସ୍ତାର ଘଟି ୧୦ଟି ବସ୍ତିରେ ପରିଣତ ହୋଇଛି। ପ୍ରାୟ ୧୨ ଏକର ଜମିରେ ବ୍ୟାପ୍ତ ଏହି ବସ୍ତିଗୁଡ଼ିକରେ ଏବେ ପ୍ରାୟ ୧୦ ହଜାର ଲୋକ ବସବାସ କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ନୀଳାଦ୍ରି ବିହାର ଓ ଏହି ବସ୍ତିଗୁଡ଼ିକର ସୃଷ୍ଟି ପୂର୍ବରୁ ଏହି ଅଞ୍ଚଳରେ ଭରତପୁର ଅଭୟାରଣ୍ୟରୁ ନିର୍ଗତ ବର୍ଷାଜଳ ନିଷ୍କାସନ ପାଇଁ ଏକ ପ୍ରାକୃତିକ ଜଳପଥ ରହିଥିଲା। ଏହି ଜଳପଥ ଦେଇ ବର୍ଷାଜଳ ନୀଳାଦ୍ରି ବିହାରର ସେକ୍ଟର-୫ରୁ ସେକ୍ଟର-୧ ମଧ୍ୟ ଦେଇ ଶନି ମନ୍ଦିର ନିକଟସ୍ଥ ମୁଖ୍ୟ ଡ୍ରେନ୍‌ରେ ମିଶୁଥିଲା। ଫଳରେ ଅଞ୍ଚଳର ବର୍ଷାଜଳ ସ୍ୱାଭାବିକ ଭାବେ ନିଷ୍କାସିତ ହୋଇପାରୁଥିଲା। ଯୋଜନାବିହୀନ ଜଳ ନିଷ୍କାସନ ବ୍ୟବସ୍ଥା ଜନିତ ଦୁର୍ଦ୍ଦଶା ବସ୍ତିଗୁଡ଼ିକରେ ସରକାରଙ୍କ ପକ୍ଷରୁ ରାସ୍ତା, ବିଦ୍ୟାଳୟ, ପାନୀୟ ଜଳ ଓ ବିଦ୍ୟୁତ୍ ଭଳି ମୌଳିକ ସୁବିଧା ଯୋଗାଇ ଦିଆଯାଇଥିଲେ ମଧ୍ୟ ମଳମୂତ୍ର ମିଶ୍ରିତ ବର୍ଜ୍ୟଜଳ, ଦୈନନ୍ଦିନ ବ୍ୟବହୃତ ଜଳ ଓ ବର୍ଷାଜଳ ନିଷ୍କାସନ ପାଇଁ ଆବଶ୍ୟକ ସ୍ଥାୟୀ ବ୍ୟବସ୍ଥା କରାଯାଇନଥିବା ଅଭିଯୋଗ ହେଉଛି। ଫଳରେ ଏହି ବର୍ଜ୍ୟଜଳ ଓ ଅନ୍ୟାନ୍ୟ ଜଳ ପୂର୍ବରୁ ରହିଥିବା ପ୍ରାକୃତିକ ଜଳପଥ ଦେଇ ନିଷ୍କାସିତ ହେବାକୁ ଲାଗିଲା। ପରବର୍ତ୍ତୀ ସମୟରେ ପିଡବ୍ଲୁଡି ବିଭାଗ ପକ୍ଷରୁ ଏହି ପ୍ରାକୃତିକ ଜଳପଥ ଉପରେ ଏକ ଡ୍ରେନ୍ ନିର୍ମାଣ କରାଗଲା। ମାତ୍ର ଧୀରେ ଧୀରେ ବିଭିନ୍ନ ସ୍ଥାନରେ ଜବରଦଖଲ ଯୋଗୁଁ ଡ୍ରେନ୍‌ର ଆକାର ଓ ଜଳଧାରଣ କ୍ଷମତା ହ୍ରାସ ପାଇଛି। ଏହା ସହିତ ଡ୍ରେନ୍‌ରେ ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ଆବର୍ଜନା ଜମି ଜଳ ନିଷ୍କାସନ ପଥକୁ ଅଧିକ ସଂକୀର୍ଣ୍ଣ କରିଦେଇଛି। ଫଳସ୍ୱରୂପ, ବସ୍ତି ଅଞ୍ଚଳରୁ ଆସୁଥିବା ବର୍ଷାଜଳ ଓ ଦୈନନ୍ଦିନ ବ୍ୟବହୃତ ଜଳର ପ୍ରବାହକୁ ଏହି ଡ୍ରେନ୍ ଆଉ ସମ୍ଭାଳି ପାରୁନାହିଁ। ଟିକିଏ ଅଧିକ ବର୍ଷା ହେଲେ ନୀଳାଦ୍ରି ବିହାରର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେଉଛି। ଘରେ ଦୂଷିତ ଓ ଦୁର୍ଗନ୍ଧମୟ ଜଳ ପଶିବା ଫଳରେ ବିଶେଷକରି ବରିଷ୍ଠ ନାଗରିକ, ଶିଶୁ ଓ ମହିଳାମାନେ ଅଧିକ ଦୁର୍ଦ୍ଦଶା ଭୋଗୁଛନ୍ତି। ସୂଚନାନୁସାରେ, ବସ୍ତି ଅଞ୍ଚଳର ଶୌଚାଳୟରୁ ନିର୍ଗତ ମଳଜଳ ଓ ବର୍ଜ୍ୟଜଳର ନିଷ୍କାସନ ପାଇଁ ୱାଟ୍‌କୋ ପକ୍ଷରୁ ଏକ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବାକୁ ଯାଉଛି। ଏହାଦ୍ୱାରା ମଳ ଜଳ ଆଉ ନୀଳାଦ୍ରି ବିହାର ମଧ୍ୟ ଦେଇ ନିଷ୍କାସିତ ହେବ ନାହିଁ। ଏହା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଏହାଦ୍ୱାରା ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହେବନାହିଁ। କାରଣ, ୧୨ ଏକର ଅଞ୍ଚଳରେ ବ୍ୟାପ୍ତ ୧୦ଟି ବସ୍ତିରୁ ନିର୍ଗତ ଦୈନନ୍ଦିନ ବ୍ୟବହୃତ ଜଳ ଓ ବର୍ଷାଜଳର ନିଷ୍କାସନ ପାଇଁ ଏବେବି ଏକ ସ୍ୱତନ୍ତ୍ର ଓ ପର୍ଯ୍ୟାପ୍ତ କ୍ଷମତାସମ୍ପନ୍ନ ବିକଳ୍ପ ଡ୍ରେନ୍‌ର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ, ୧୦ଟି ବସ୍ତିରୁ ନିର୍ଗତ ଦୈନନ୍ଦିନ ବ୍ୟବହୃତ ଜଳ ଓ ବର୍ଷାଜଳକୁ ନୀଳାଦ୍ରି ବିହାରର ଡ୍ରେନ୍ ଉପରେ ନିର୍ଭରଶୀଳ ନକରି ଏକ ସ୍ୱତନ୍ତ୍ର ବିକଳ୍ପ ଡ୍ରେନ୍ ମାଧ୍ୟମରେ ୧୦୦ ଫୁଟିଆ ପଣ୍ଡିତ ରଘୁନାଥ ମୁର୍ମୁ ରାସ୍ତାର ମୁଖ୍ୟ ଡ୍ରେନ୍ ସହ ସଂଯୋଗ କରିବା ଦିଗରେ ପଦକ୍ଷେପ ନେବା ଜରୁରୀ। ଏଥିପାଇଁ ପିଡବ୍ଲୁଡି ଡିଭିଜନ୍-୩ ପକ୍ଷରୁ ତୁରନ୍ତ ସ୍ଥଳ ପରିଦର୍ଶନ, ବୈଷୟିକ ସର୍ଭେ ଓ ଜଳପ୍ରବାହର ମୂଲ୍ୟାଙ୍କନ କରାଯାଇ ଏକ ସ୍ଥାୟୀ ଡ୍ରେନେଜ୍ ଯୋଜନା ପ୍ରସ୍ତୁତ କରାଯାଉ। ଆବଶ୍ୟକ ସ୍ଥଳେ ଜବରଦଖଲ ହଟାଇବା, ଡ୍ରେନ୍ ସଫେଇ ଓ ଜଳ ନିଷ୍କାସନ ପଥର ପୁନରୁଦ୍ଧାର ମଧ୍ୟ କରାଯାଉ। ନୀଳାଦ୍ରି ବିହାରର ହଜାର ହଜାର ଅଧିବାସୀ, ବିଶେଷକରି ଶହ ଶହ ବରିଷ୍ଠ ନାଗରିକଙ୍କ ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ଜୀବନଯାପନ ପାଇଁ ଏହା ଅତ୍ୟନ୍ତ ଜରୁରୀ। ଏହି ଗୁରୁତର ଜନସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ନୀଳାଦ୍ରିବିହାର ସ୍ଥିତ ବରିଷ୍ଠ ନାଗରିକ ବିକାଶ ପରିଷଦର ସଭାପତି ତଥା ପୂର୍ବତନ ବରିଷ୍ଠ ପ୍ରଶାସକ ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ ସରକାରଙ୍କ ନିକଟରେ ଦୃଢ଼ ନିବେଦନ କରିଛନ୍ତି। ଏବେ ପ୍ରଶ୍ନ ହେଉଛି- ବର୍ଷ ବର୍ଷ ଧରି ନୀଳାଦ୍ରିବିହାର ବାସୀ ଭୋଗୁଥିବା ଏହି ଜଳବନ୍ଦୀ ଓ ଦୁର୍ଗନ୍ଧମୟ ଜଳର ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାର ଆଉ କେତେଦିନ ଅପେକ୍ଷା କରିବେ? ଜନସାଧାରଣଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ସ୍ୱାଭାବିକ ଜୀବନଯାପନକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଭାଗଗୁଡ଼ିକ ତୁରନ୍ତ ସମନ୍ୱିତ ପଦକ୍ଷେପ ଗ୍ରହଣ କରନ୍ତୁ। ନୀଳାଦ୍ରି ବିହାରବାସୀଙ୍କୁ କେବଳ ଆଶ୍ୱାସନା ନୁହେଁ, ଏକ ସ୍ଥାୟୀ ସମାଧାନ ଆବଶ୍ୟକ।



ସ୍ୱଚ୍ଛତା କେବଳ କଥାରେ ନୁହେଁ, ନିଜ କାର୍ଯ୍ୟରେ ପ୍ରତିଫଳିତ ହେବା ଉଚିତ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ସ୍ୱଚ୍ଛତା କେବଳ କଥାରେ ନୁହେଁ, ବରଂ ନିଜ କାର୍ଯ୍ୟରେ ପ୍ରତିଫଳିତ ହେବା ଉଚିତ। ଏଭଳି ଏକ ସକାରାତ୍ମକ ବାର୍ତ୍ତା ଦେଇ କେନ୍ଦ୍ରାପଡ଼ା ସହରରେ ଆୟୋଜିତ ଗଣସଫେଇ ଅଭିଯାନରେ ନିଜେ ଝାଡୁ ଧରି ସଫେଇ କାର୍ଯ୍ୟରେ ସାମିଲ୍ ହୋଇଥିଲେ। ଜିଲ୍ଲାପାଳ ରଘୁରାମ ଆର୍. ଆୟର। ଜିଲ୍ଲାପାଳଙ୍କ ଏହି ପ୍ରତ୍ୟକ୍ଷ ଅଂଶଗ୍ରହଣ ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଓ ଅନ୍ୟ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିବା ସହ ସହରବାସୀଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ସଚେତନତାର ବାର୍ତ୍ତା ପ୍ରସାର କରିଥିଲା। କେନ୍ଦ୍ରାପଡ଼ା ପୌରପାଳିକା ପକ୍ଷରୁ ଆୟୋଜିତ ଏହି ବ୍ୟାପକ ଗଣ ସଫେଇ ଅଭିଯାନରେ ସହରର ପୁରୁଣା ବସ୍‌ଷ୍ଟାଣ୍ଡ, କୋର୍ଟ ପରିସର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସମେତ ଅନ୍ୟାନ୍ୟ ପ୍ରମୁଖ ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ସଫେଇ କାର୍ଯ୍ୟ କରାଯାଇଥିଲା। ଜିଲ୍ଲାପାଳ ନିଜେ ସଫେଇ କାର୍ଯ୍ୟରେ ହାତ ମିଳାଇବା ସହ ସ୍ୱଚ୍ଛତା ରକ୍ଷା ପାଇଁ ସମସ୍ତଙ୍କୁ ଆଗେଇ ଆସିବାକୁ ପ୍ରେରଣା ଦେଇଥିଲେ। ଏହି ଅଭିଯାନରେ ପୌରପାଳିକାର ନିର୍ବାହୀ ଅଧିକାରୀ ତ୍ରିନାଥ ବେହେରାଙ୍କ ସମେତ ନିର୍ବାଚିତ ଜନପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ପୌରପାଳିକାର ଅଧିକାରୀ ଓ କର୍ମଚାରୀ, ସଫେଇ କର୍ମଚାରୀ ଏବଂ ଅନ୍ୟାନ୍ୟ ସହଯୋଗୀମାନେ ସକ୍ରିୟ ଭାବେ ଯୋଗଦେଇଥିଲେ। ସମସ୍ତଙ୍କ ସାମୂହିକ ପ୍ରୟାସରେ ସହରର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ସ୍ୱଚ୍ଛତା କେବଳ ପୌରପାଳିକା କିମ୍ବା ସଫେଇ କର୍ମଚାରୀଙ୍କ ଦାୟିତ୍ୱ ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କର ସାମୂହିକ ଦାୟିତ୍ୱ। ନିଜ ଘର, ରାସ୍ତାଘାଟ ଓ ଆଖପାଖ ପରିବେଶକୁ ସ୍ୱଚ୍ଛ ରଖିବା ସହ ସର୍ବସାଧାରଣ ସ୍ଥାନରେ ଅଳିଆ ଆବର୍ଜନା ନପକାଇବା ଦିଗରେ ସମସ୍ତେ ସଚେତନ ହେବା ଆବଶ୍ୟକ। ସଫେଇ କାର୍ଯ୍ୟରେ ସାମିଲ ହୋଇଥିବା ସମସ୍ତ ଜନପ୍ରତିନିଧି, କର୍ମଚାରୀ ଓ ସଫେଇ କର୍ମଚାରୀଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଜିଲ୍ଲାପାଳଙ୍କ ନିଜେ ସଫେଇ କାର୍ଯ୍ୟରେ ସାମିଲ୍ ହେବା ଏହି ଅଭିଯାନକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। କେନ୍ଦ୍ରାପଡ଼ାକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ସହର ଭାବେ ଗଢ଼ି ତୋଳିବା ପାଇଁ ଏଭଳି ସଫେଇ ଅଭିଯାନରେ ନିରନ୍ତର ସାମିଲ ହେବା ସହ ପ୍ରତ୍ୟେକ ନାଗରିକ ନିଜ ନିଜ ସ୍ତରରେ ସ୍ୱଚ୍ଛତା ବଜାୟ ରଖିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି।



ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)

ମୋବାଇଲ-୯୩୩୭୬୯୩୦୨୨

csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର



ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ


ତା୫।୧୧।୨୦୨୬, କାର୍ତ୍ତିକ ଦ୨୦ନ, ଗୁରୁବାର

ସୂର୍ଯ୍ୟୋଦୟ- ଘ ୫।୫୦।୪୧ ଚନ୍ଦ୍ରୋଦୟ- ରାଘ୩।୦୩।୫୨


ଏକାଦଶୀ ଦିଘ ୧୦।୩୭ ପର୍ଯ୍ୟନ୍ତ। ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ରାଘ ୩।୫୮ ପର୍ଯ୍ୟନ୍ତ, ସିଂହ ଚନ୍ଦ୍ର ଦିଘ ୯।୩୭ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ, ମୀନ ରାଶିର। ଦିଘ ୯।୩୭ ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ, ମୀନ ରାଶିର। **ଘାତଚନ୍ଦ୍ର-** କର୍କଟ ଓ ମକର ରାଶିର। ଦିଘ ୯।୩୭ ଗତେ ବୃଷ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଓ ଆମିଷ ଦିଘ ୧୦।୩୭ ଗତେ ପୋଇ, ମସୁର ଡାଲି ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୫୫ ଗତେ ଦିଘ ୭।୨୫ ପର୍ଯ୍ୟନ୍ତ। **ପର୍ବୋତ୍ସବ-** ରମା ଏକାଦଶୀ, ଗୋବତ୍ସା ଦ୍ୱାଦଶୀ।




ମେଷ: କର୍ମକ୍ଷେତ୍ରରେ ସଫଳତା ଦେଖାଦେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ନୂତନ ଦ୍ରବ୍ୟ ମାନ କ୍ରୟ କରିପାରନ୍ତି। ଆୟରେ ଉନ୍ନତି ଦେଖାଦେବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ।



ବୃଷ: ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଅସହଯୋଗ ଦେଖାଦେବ। ଶରୀର ସୁସ୍ଥ ରହିବ। ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ।



ମିଥୁନ: ବ୍ୟବସାୟିକ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ। କୁ-ଭୋଜନ କରି ଉଦର ପୀଡ଼ା ଦେଖାଦେଇପାରେ। ସାମାଜିକ କ୍ଷେତ୍ରରେ ସମ୍ମାନ ହାନୀ ଘଟିପାରେ। ବ୍ୟୟ ଅଧିକ ହେବ। ଘରେ ଅଶାନ୍ତି ଦେଖାଦେବ।



କର୍କଟ: ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ପାରିବାରିକ କଳହ ଦେଖାଦେବ। କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ। ଠକାମିର ଶୀକାର ହୋଇପାରନ୍ତି। ଅଯଥାରେ ଭ୍ରମଣ ଯୋଗ।




ସିଂହ: କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଶତ୍ରୁ ଉପରେ ବିଜୟ ହାସଲ କରିବେ। ଆୟର ପରିମାଣ ବଢ଼ିବ। ପାରିବାରିକ ସୁଖ ଶାନ୍ତି ବଜାୟ ରହବ।



କନ୍ୟା: ବ୍ୟବସାୟରେ କ୍ଷତି ଦେଖାଦେଇପାରେ। ଅଯଥାରେ ବ୍ୟୟର ମାତ୍ରା ଅଧିକ ହେବ। ଘରେ ଅସନ୍ତୋଷ ଦେଖାଦେବ। ବନ୍ଧୁଙ୍କ ସହ ମତାନ୍ତର ଓ କଳହ ଦେଖାଦେବ। ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ।



ତୁଳା: ନୂତନ କାର୍ଯ୍ୟ ଆରମ୍ଭ ହୋଇପାରେ। ବନ୍ଧୁ ମିଳନ ସହ ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ। ଦେହ ଓ ମନ ଭଲ ରହିବ। ଆୟର ପରିମାଣ ଅଧିକ ହେବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ।



ବିଛା: ଦାମ୍ପତ୍ୟ ଜୀବନରେ ଅସନ୍ତୋଷ ଦେଖାଦେବ। ଅଳସୁଆ ହେବେ। ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହୋଇପାରେ। ମନ ଅସ୍ଥିର ରହିବ।



ଧନୁ: ଚାକିରୀ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ଶରୀର ସୁସ୍ଥ ରହିବ। ଘରେ ସୁଖ ଲାଭ ହେବ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଦୂରକୁ ଯାତ୍ରା କରିପାରନ୍ତି।



ମକର: ସାମାଜିକ ସ୍ତରରେ ସମ୍ମାନ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆୟ ଓ ବ୍ୟୟର ମାତ୍ରା ସମାନ ରହିବ। ଘରେ ସୁଖ ଲାଭ ହେବ। ଲୋକ ସମ୍ପର୍କ ବୃଦ୍ଧି ପାଇବ।



କୁମ୍ଭ: ଅତ୍ୟଧିକ ବ୍ୟୟ କରିପାରନ୍ତି। ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ। ମାନସିକ ଅଶାନ୍ତି ଦେଖାଦେବ। ଘରେ ପିଲାଙ୍କୁ ନେଇ ଚିନ୍ତିତ ରହିବେ। ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ମିଳିବ।



ମୀନ: ଶତ୍ରୁଙ୍କ ପରିମାଣ ବଢ଼ିବ। ଦେହ ଓ ମନ ଭଲ ରହିବ। ଘରେ ସୁଖ ଲାଭ ହେବ। ରୋଜଗାରର ପରିମାଣ ବଢ଼ିବ। ନୂତନ କାର୍ଯ୍ୟ ଆରମ୍ଭ ହୋଇପାରେ। ବନ୍ଧୁଙ୍କ ସହ ଭେଟ ହୋଇପାରେ।

ପୋଲିସ ବିଭାଗରେ ଅଦଳବଦଳ:୯ ଏଏସ୍‌ଆଇ ଓ କନେଷ୍ଟବଲଙ୍କ ବଦଳି

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଜିଲ୍ଲା ପୋଲିସ ବିଭାଗରେ ପ୍ରଶାସନିକ ଆବଶ୍ୟକତା ଓ ଜନସେବାକୁ ଦୃଷ୍ଟିରେ ରଖି ୯ଜଣ ଏଏସ୍‌ଆଇ ଓ କନେଷ୍ଟବଲଙ୍କ ବଦଳି କରାଯାଇଛି। ଜିଲ୍ଲା ପ୍ରତିଷ୍ଠାନ ବୋର୍ଡ ବୈଠକର ନିଷ୍ପତ୍ତିକ୍ରମେ ଏହି ବଦଳି ଆଦେଶ ଜାରି ହୋଇଛି। ବଦଳି ତାଲିକା ଅନୁଯାୟୀ, ଏଏସ୍‌ଆଇ ବ୍ରହ୍ମାନନ୍ଦ ପ୍ରଧାନଙ୍କୁ ବାଘିଆପଡ଼ା ଫାଣ୍ଡିରୁ ଘଣ୍ଟାପଡ଼ା ଥାନାକୁ ବଦଳି କରାଯାଇଥିବା ବେଳେ ଏଏସ୍‌ଆଇ କୁମୁଦା ଭୋଇଙ୍କୁ ଆରଓ ବୌଦ୍ଧରୁ ବାଘିଆପଡ଼ା ଫାଣ୍ଡିକୁ ଏବଂ ଏଏସ୍‌ଆଇ ରାମକୃଷ୍ଣ ଶତପଥୀଙ୍କୁ ଆରଓ ବୌଦ୍ଧରୁ ଆର୍‌ଏଏସ୍‌ଆଇ, ଆରଓ ବୌଦ୍ଧକୁ ବଦଳି କରାଯାଇଛି। ସେହିପରି କନେଷ୍ଟବଲ ଉମେଶ ଚନ୍ଦ୍ର ଜାନୀ, ପଞ୍ଚୁ ନାୟକ ଓ ପ୍ରଫୁଲ୍ଲ କୁମାର ସାହୁଙ୍କୁ ବାଘିଆପଡ଼ା ଫାଣ୍ଡିରୁ ଆରଓ ବୌଦ୍ଧକୁ ବଦଳି କରାଯାଇଛି। କନେଷ୍ଟବଲ ବିଘ୍ନରାଜ କର୍ଣ୍ଣଙ୍କୁ ଜହ୍ନପଙ୍କ ଫାଣ୍ଡିରୁ ଆରଓ ବୌଦ୍ଧକୁ, ଜଗତ ମୋହନ ନାଏକଙ୍କୁ ଆରଓ ବୌଦ୍ଧରୁ ବାଘିଆପଡ଼ା ଫାଣ୍ଡିକୁ ଏବଂ କେଶବ ପ୍ରଧାନଙ୍କୁ ଆଡେଣିଗଡ଼ ଫାଣ୍ଡିରୁ ବାଘିଆପଡ଼ା ଫାଣ୍ଡିକୁ ବଦଳି କରାଯାଇଛି। ବଦଳି ହୋଇଥିବା ସମସ୍ତ କର୍ମଚାରୀଙ୍କୁ ତୁରନ୍ତ ନିଜ ନୂତନ କର୍ମସ୍ଥଳୀରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଆଗାମୀ କାଲିର ପଞ୍ଜିକା

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

ତା୬।୧୧।୨୦୨୬, କାର୍ତ୍ତିକ ଦ୨୧ନ, ଶୁକ୍ରବାର

ସୂର୍ଯ୍ୟୋଦୟ- ଘ ୫।୫୧।୧୧ ଚନ୍ଦ୍ରୋଦୟ- ରାଘ୩।୫୫।୦୮

ଦ୍ୱାଦଶୀ ଦିଘ ୧୦।୩୧ ପର୍ଯ୍ୟନ୍ତ। ହସ୍ତା ନକ୍ଷତ୍ର ନିଘ ୪।୪୫ ପର୍ଯ୍ୟନ୍ତ, କନ୍ୟା ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ, ମୀନ ରାଶିର। **ଘାତଚନ୍ଦ୍ର-** ବୃଷ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଇ, ମସୁର ଡାଲି ଦିଘ ୧୦।୩୧ ଗତେ ବାଇଗଣ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୫।୫୫ ଗତେ ଦିଘ ୬।୪୦ ମଧ୍ୟେ ଦିଘ ୧୧।୫୪ ଗତେ ଦିଘ ୨।୫୩ ମଧ୍ୟେ। **ପର୍ବୋତ୍ସବ-** ଶିବ ପ୍ରଦୋଷ ବ୍ରତ, ଧନ୍‌ତେରସ୍, ଲକ୍ଷ୍ମୀ ପୂଜା, ଯମ ଦୀପ ଦାନ।

ପ୍ରଭାତୀୟ

31 YEARS

ସମ୍ବାଦ କଳିକା

ଆମେରିକା ନିର୍ବାଚନରେ ଭାରତୀୟଙ୍କ ବାଜିମାତ

ଆମେରିକାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନର ପ୍ରାରମ୍ଭିକ ତଥା ଗୁରୁତ୍ୱପୂର୍ଣ୍ଣ ଫଳାଫଳଗୁଡ଼ିକ କ୍ରମଶଃ ସାମ୍ନାକୁ ଆସିବାରେ ଲାଗିଛି । ଏହି ନିର୍ବାଚନରେ ଆମେରିକାରେ ବାସ କରୁଥିବା ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ବିଶେଷ କରି ଡେମୋକ୍ରାଟିକ୍ ଦଳର ଭାରତୀୟ-ଆମେରିକୀୟ ନେତାମାନେ ଏକାଧିକ ପ୍ରମୁଖ ଆସନରେ ବିଜୟ ହାସଲ କରି ଦେଶର ରାଜନୈତିକ ଦୃଶ୍ୟପଟ୍ଟରେ ନିଜର ପ୍ରଭାବ ଜାହିର କରିଛନ୍ତି । ଆସନ୍ତୁ ଜାଣିବା ଏହି ନିର୍ବାଚନରେ କେଉଁ ଭାରତୀୟ ବଂଶୋଦ୍ଭବ ନେତା ବିଜୟୀ ହୋଇଛନ୍ତି ଏବଂ କାହାର ସ୍ଥିତି କିପରି ରହିଛି: ସୁହାସ ସୁବ୍ରମଣ୍ୟମଙ୍କ ଶାଣିତ ବିଜୟ: ଭର୍ଜିନିଆର ୧୦ମ କଂଗ୍ରେସନାଲ ଜିଲ୍ଲାରୁ ଡେମୋକ୍ରାଟିକ୍ ପ୍ରାର୍ଥୀ ସୁହାସ ସୁବ୍ରମଣ୍ୟମ ଏକ ପ୍ରଭାବଶାଳୀ ଏବଂ ବଡ଼ଧରଣର ବିଜୟ ହାସଲ କରିଛନ୍ତି । ଏଠାରେ ପ୍ରାୟ ୯୫ ପ୍ରତିଶତ ଭୋଟ୍ ଗଣତି ଶେଷ ହୋଇଥିବାବେଳେ, ଶ୍ରୀ ସୁବ୍ରମଣ୍ୟମଙ୍କୁ ଏକକାଳୀନ ପ୍ରାୟ ୬୩% ଭୋଟ୍ ମିଳିଛି। ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ରିପବ୍ଲିକାନ୍ ପ୍ରାର୍ଥୀ ଡେଭ୍ ବେକବିଥ୍ ମାତ୍ର ୩୭% ଭୋଟ୍ ପାଇବାରେ ସମର୍ଥ ହୋଇଛନ୍ତି । ୨୦୨୪ ମସିହାରେ ଭର୍ଜିନିଆରୁ କଂଗ୍ରେସର ପ୍ରଥମ ଭାରତୀୟ-ଆମେରିକୀୟ ସଦସ୍ୟ ଭାବେ ଇତିହାସ ରଚିଥିବା ସୁହାସ, ଏହି ଜିତିବା ସହିତ ଦ୍ୱିତୀୟ କାର୍ଯ୍ୟକାଳ ପାଇଁ ଆମେରିକୀୟ କଂଗ୍ରେସକୁ ନିର୍ବାଚିତ ହୋଇଛନ୍ତି । ପିଆ ଡାଣ୍ଡିଆଙ୍କର ରୋମାଞ୍ଚକର ବିଜୟ: ଫ୍ଲୋରିଡାର କଂଗ୍ରେସନାଲ ଜିଲ୍ଲାରେ ଏକ ଅତ୍ୟନ୍ତ କଡ଼ାକଡ଼ି ମୁକାବିଲାରେ ଡେମୋକ୍ରାଟ୍ ପ୍ରାର୍ଥୀ ପିଆ ଡାଣ୍ଡିଆ ବିଜୟୀ ହୋଇଛନ୍ତି । ପ୍ରାୟ ୯୭.୬% ଭୋଟ୍ ଗଣତି ସୁଦ୍ଧା ପିଆ ଡାଣ୍ଡିଆ ୫୧.୯% ଭୋଟ୍ ହାସଲ କରିଥିବାବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ରିପବ୍ଲିକାନ୍ ପ୍ରାର୍ଥୀ କେସି ଅସକର ୪୮.୧% ଭୋଟ୍ ପାଇ ପରାସ୍ତ ହୋଇଛନ୍ତି । ଏହି ଆସନର ଫଳାଫଳ ଉପରେ ସମସ୍ତଙ୍କର ନଜର ଥିଲା, କାରଣ ଏହା ଆମେରିକୀୟ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ନିୟନ୍ତ୍ରଣ ନିର୍ଦ୍ଧାରଣ କରିବାରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଅରୁଣା ମିଲରଙ୍କ ମଜବୁତ କାର୍ଯ୍ୟକାଳ: ପଡ଼ୋଶୀ ମେରିଲ୍ୟାଣ୍ଡ ରାଜ୍ୟରେ, ଭାରତୀୟ-ଆମେରିକୀୟ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଅରୁଣା ମିଲର ମଧ୍ୟ ନିଜର ଦାୟିତ୍ୱ ଏବଂ ସ୍ଥିତିକୁ ବଜାୟ ରଖିବାରେ ସଫଳ ହୋଇଛନ୍ତି । ଡେମୋକ୍ରାଟିକ୍ ଟିକେଟରେ ମୁରୁଙ୍କ ସହିତ ମିଳିତ ଭାବେ ନିର୍ବାଚନ ଲଢୁଥିବା ଅରୁଣା ମିଲର ରିପବ୍ଲିକାନ୍ ଲେଫ୍ଟନାଣ୍ଟ ଗଭର୍ଣ୍ଣର ପ୍ରାର୍ଥୀ ରବ କ୍ରୋପ୍‌ଙ୍କୁ ପରାସ୍ତ କରିଛନ୍ତି । ତାଙ୍କର ଏହି ପୁନଃ ନିର୍ବାଚିତ ହେବା ଆମେରିକାର ସର୍ବୋଚ୍ଚ ରାଜ୍ୟ କାର୍ଯ୍ୟନିର୍ବାହୀ ପଦବୀଗୁଡ଼ିକ ମଧ୍ୟରୁ ଅନ୍ୟତମରେ ଭାରତୀୟ-ଆମେରିକୀୟଙ୍କ ଦୃଢ଼ ପ୍ରତିନିଧିତ୍ୱକୁ ଦର୍ଶାଉଛି । ଅନ୍ୟପକ୍ଷରେ, ଓହାୟୋ ରାଜ୍ୟର ଗଭର୍ଣ୍ଣର ପଦବୀ ପାଇଁ ଚାଲିଥିବା ପ୍ରତିଯୋଗିତାରେ ରିପବ୍ଲିକାନ୍ ପ୍ରାର୍ଥୀ ତଥା ପ୍ରମୁଖ ଭାରତୀୟ-ଆମେରିକୀୟ ନେତା ବିବେକ ରାମାସ୍ୱାମୀ ପରାଜୟ ହୋଇଛନ୍ତି । ଡେମୋକ୍ରାଟ୍ ପାର୍ଟିର ଆମି ଆକ୍ଟନ ବିଜୟ ହାସଲ କରିଛନ୍ତି । ଏହି ମଧ୍ୟବର୍ତ୍ତୀକାଳୀନ ନିର୍ବାଚନର ପ୍ରାରମ୍ଭିକ ଫଳାଫଳରୁ ଏହା ସ୍ପଷ୍ଟ ହୋଇଛି ଯେ ଆମେରିକୀୟ ରାଜନୀତିରେ ଭାରତୀୟ-ଆମେରିକୀୟ ସମୁଦାୟର ପ୍ରଭାବ କ୍ରମଶଃ ବୃଦ୍ଧି ପାଉଛି । ବିଶେଷକରି ଡେମୋକ୍ରାଟିକ୍ ଦଳର ଭାରତୀୟ ବଂଶୋଦ୍ଭବ ନେତାମାନେ ଗୁରୁତ୍ୱପୂର୍ଣ୍ଣ ଆସନଗୁଡ଼ିକରେ ବିଜୟୀ ହୋଇ ନିଜର ସ୍ଥିତିକୁ ଅଧିକ ଦୃଢ଼ କରିଛନ୍ତି ।



ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ଶ୍ରେଷ୍ଠ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଭଗବାନ ଯେତେବେଳେ ଭକ୍ତକୁ ହେଉ କି ଶିଷ୍ୟକୁ ହେଉ ଶ୍ରେଷ୍ଠରୁ ଶ୍ରେଷ୍ଠତର ସୋପାନକୁ ନେବାକୁ ଚାହାଁନ୍ତି ସେତେବେଳେ ଶିଷ୍ୟ ହେଉକି ଭକ୍ତ ହେଉ ତାକୁ ଗରିଷ୍ଠରୁ ଗରିଷ୍ଠତାର କଷ୍ଟକୁ ଭୋଗ କରିବାକୁ ପଡିଥାଏ । ଏହାହିଁ ଭକ୍ତ ଭଗବାନଙ୍କର ମିଳନକୁ ଦୃଢ଼ିଭୂତ କରିଥାଏ। ବିଶ୍ୱାସର ପ୍ରତ୍ୟେକ ନିଶ୍ୱାସକୁ ସେ ଅନୁଭବ କରିଥାଏ । ତାପରେ ଯାଇଁ ସେ ଆତ୍ମ ଉପଲବ୍ଧି ପାଇ ସମାଜର ଶ୍ରେଷ୍ଠତର ସୋପାନକୁ ଅଳଙ୍କୃତ କରି ଜନ ସମାଜକୁ ସୃଷ୍ଟିର ତତ୍ତ୍ୱ ପ୍ରଦାନ କରି ଈଶ୍ୱରଙ୍କ ପ୍ରତ୍ୟେକ ରେଣୁକୁ ପ୍ରତ୍ୟେକ ଅଣୁକୁ ଜନ ସମାଜରେ ନିଷ୍ଠାର ସହିତ ପ୍ରତିପାଦିତ କରି ବିଶ୍ୱାସର ଅମୃତକୁ ଜନ ସମାଜରେ ଦେଇ ଭଗବତ୍ ପ୍ରାପ୍ତିର କୌଶଳତାକୁ ରହସ୍ୟାବୃତ ନକରି ସରଳୀକରଣ କରିଥାଏ । ସେ ହିଁ ପ୍ରକୃତ ଭକ୍ତ ଅଥବା ପ୍ରକୃତ ଶିଷ୍ୟ । ତେଣୁ ହେ ଭକ୍ତ ଯିଏ ଶ୍ରେଷ୍ଠତାକୁ ହାଲକାରେ ବିଚାରକୁ ନିଏ । ସେ ହିଁ ଈଶ୍ୱରଙ୍କର ଘନିଷ୍ଠ । ସେହିଁ ଈଶ୍ୱରଙ୍କର ଆତ୍ମା ସେହିଁ ପରମାତ୍ମାଙ୍କ ବିଭୂତି । ସେ ହିଁ ସମାଜର ଆଧାର । ତେଣୁ ହେ ଭକ୍ତ ପ୍ରତ୍ୟେକ ଭକ୍ତର ଭକ୍ତି ହିଁ ଶ୍ରେଷ୍ଠତାର ସିଡ଼ି, ତେଣୁ ସମୟ ନଷ୍ଟ ନକରି ନିଜର ପରିଚୟ ସମାଜରେ ଆବୃତ କରିବା ହେଉଛି ଭକ୍ତର ଧର୍ମ ମାନବର ଧର୍ମ, ଶିଷ୍ୟର ଧର୍ମ, ନଚେତ୍ ସବୁ ବୃଥା । ହରି ଓଁ ।

ଭାଗବତ ହେଉଛି ଜୀବନବେଦ



ଡ ଚନ୍ଦ୍ରକଳା ନାୟକ
ଅଧ୍ୟାପିକା,
ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ,
ଛତିଆ, ଯାଜପୁର,
ମୋ-୯୪୩୭୯୫୭୬୧୭

ଭାଗବତକାର ବିପ୍ରକବି ଜଗନ୍ନାଥ ଦାସ ଓଡିଆ ସାହିତ୍ୟରେ ଜଣେ ଅତୁଳନୀୟ ପ୍ରତିଭା। ସମସାମୟିକ ଭାରତୀୟ ସାହିତ୍ୟରେ ତାଙ୍କ ଭଳି ବିରଳ ଯୋଗଜନ୍ମା ପୁରୁଷ ଜନ୍ମ ଗ୍ରହଣ କରିଥିବା କ୍ୱଚିତ ଦୃଷ୍ଟିଗୋଚର ହୋଇଥାଏ। ଷୋଡଶ ଶତାବ୍ଦୀର ଭାରତବର୍ଷର ସନ୍ଥ ପରମ୍ପରାରେ ସେ ଥିଲେ ଯଥାର୍ଥ ଦାୟାଦ। ଜଗନ୍ନାଥ ଦାସ ଥିଲେ ପରମ ଜ୍ଞାନୀ, ପରମ ଯୋଗୀ ଓ ପରମ ବୈଷ୍ଣବ। ପଂଚଦଶ ଶତାବ୍ଦୀର ଶେଷ ଭାଗରେ ପୁରୁଷୋତ୍ତମ କ୍ଷେତ୍ର ନିକଟବର୍ତ୍ତୀ କପିଳେଶ୍ୱର ଶାସନରେ ଏକ କୁଳୀନ ବ୍ରାହ୍ମଣ ପରିବାରରେ କବିଙ୍କର ଜନ୍ମ ହୋଇଥିଲା। ପିତା ଭଗବାନ ଦାସ ଓ ମାତା ପଦ୍ମାବତୀଙ୍କର ସେ ଥିଲେ ସୁଯୋଗ୍ୟ ସନ୍ତାନ। ପୁରାଣ ଶାସ୍ତ୍ରରେ ଥିଲା ତାଙ୍କର ଅଗାଧ ପାଣ୍ଡିତ୍ୟ। ମାତ୍ର ବାରବର୍ଷ ବୟସରୁ ବିଭିନ୍ନ ଶାସ୍ତ୍ର ପୁରାଣ ଅଧ୍ୟୟନ ପୂର୍ବକ ଅସାଧାରଣ ପାଣ୍ଡିତ୍ୟର ଅଧିକାରୀ ହୋଇଥିଲେ। ଉତ୍କଳୀୟ ବୈଷ୍ଣବ ଧର୍ମୀ ଆନ୍ଦୋଳନର କର୍ଣ୍ଣଧାର ସନ୍ଥ କବିର, ଶ୍ରୀ ଚୈତନ୍ୟ ଦେବ, ଶଙ୍କର ଦେବ, ଏକନାଥ ସ୍ୱାମୀ, ନାନକ, ମୀରାବାଇ, ତୁଳସୀ ଦାସଙ୍କ ସମସାମୟିକ ଥିଲେ – ଜଗନ୍ନାଥ ଦାସ। ବାଳକ ସମୟରୁ ନିଜ ପୁତ୍ର ଠାରେ ମହାପୁରୁଷଙ୍କ ଲକ୍ଷଣମାନ ଦେଖି ପିତା ତାଙ୍କ ନାମ ଦେଇଥିଲେ ଜଗନ୍ନାଥ। ଚୈତନ୍ୟ ଦେବ ଜଗନ୍ନାଥ ଦାସଙ୍କୁ ଅତିବଡି ସମ୍ମାନ ଦେବା ପରବର୍ତ୍ତୀ ସମୟରୁ ଉଭୟଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତା ଦେଖା ଦେଇଥିଲା। ବୈଷ୍ଣବ ମାନଙ୍କ ମତରେ ଶ୍ରୀକୃଷ୍ଣଙ୍କ ହସରୁ ଶ୍ରୀଚୈତନ୍ୟ ଦେବ ଓ ଶ୍ରୀରାଧାଙ୍କ ହସରୁ ଜଗନ୍ନାଥ ଦାସଙ୍କର ଜନ୍ମ ହୋଇଛି। ଶ୍ରୀଚୈତନ୍ୟ ୧୫୧୦ ଖ୍ରୀଷ୍ଟାବ୍ଦରେ ଉତ୍କଳ ଭୂଖଣ୍ଡରେ ପଦାର୍ପଣ କରିଥିଲେ। ସେ ବେଢା ପରିକ୍ରମା ସମୟରେ ଦେଖିବାକୁ ପାଇଲେ ଯେ, ଜଣେ ସୌମ୍ୟ ଯୁବକ ଅତି ସରଳ ଭାବରେ ଭଗବତର ତତ୍ତ୍ୱମାନ ବୁଝାଉଛନ୍ତି। ସଙ୍ଗେ ସଙ୍ଗେ ଶ୍ରୀ ଚୈତନ୍ୟଦେବ ପ୍ରେମ ଗଦ ଗଦ ହୋଇ ଜଗନ୍ନାଥ ଦାସଙ୍କୁ ଆଲିଙ୍ଗନ କରି ପକାଇ ଥିଲେ। ସେହିଦିନ ଠାରୁ ଜଗନ୍ନାଥ ଦାସ ଓ ଶ୍ରୀ ଚୈତନ୍ୟ ଦେବଙ୍କ ମଧ୍ୟରେ ଏକ ଅତୁଟ ସମ୍ପର୍କ ଗଢି ଉଠିଥିଲା। ପ୍ରତ୍ୟହ ପ୍ରଭାତରୁ ଜଗନ୍ନାଥ ଦାସ ଶଯ୍ୟାତ୍ୟାଗ ପୂର୍ବକ ନିତ୍ୟକର୍ମ ସମାପନ କରି, ତତ୍‌ପରେ କଣ୍ଠରେ ତୁଳସୀ ମାଳ, କପାଳରେ ହରି ମନ୍ଦିର ଚିତା ଓ ବାହୁରେ ଶଙ୍ଖ ଚକ୍ର ଚିହ୍ନ ତିଳକ ଧାରଣ କରୁଥିଲେ। ଏହାପରେ ମହାପ୍ରଭୁଙ୍କ ଦର୍ଶନାର୍ଥେ ଆତ୍ମହରା ହେଉଥିଲେ। ସାରାଦିନ ସେ ଶ୍ରୀମନ୍ଦିର ବେଢାର ଦକ୍ଷିଣ ପାର୍ଶ୍ୱରେ ଥିବା ବଟ ଗଣେଶ ନିକଟରେ ପଡି ରହୁଥିଲେ। ପ୍ରଭୁଙ୍କର ଧୂପ, ମଙ୍ଗଳ ଆଳତୀ, ଅବକାଶ ଆଦି ଦେଖି ତାଙ୍କ ଶରୀର ରୋମାଞ୍ଚିତ ହେଉଥିଲା। ଏ ସମ୍ପର୍କରେ ସେ ଜଗନ୍ନାଥ ଚରିତାମୃତରେ ଲେଖିଛନ୍ତି – ବାହ୍ୟ ନିତ୍ୟ କର୍ମ କରନ୍ତି, ଭିତର ରାଗ ମାର୍ଗ ଚିନ୍ତି, ଶ୍ରୀହରି ନାମ ଶୁଣିବାରେ, ଓଷ୍ଠ କମ୍ପଇ ଧୀରେ ଧୀରେ, ପ୍ରେମରେ ଜର ଜର ଯେଣୁ, ପ୍ରଳାପ ପ୍ରାୟେ ବାକ୍ୟ ତେଣୁ। ଜଗନ୍ନାଥ ଥିଲେ ଏକନିଷ୍ଠ ଭକ୍ତ। ଭକ୍ତି ଭାବନା ବ୍ୟତୀତ ସେ ବହୁ ଅଲୌକିକ କବିତ୍ୱ ଶକ୍ତିର ଅଧିକାରୀ ଥିଲେ। ରାଜା ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ ସମୟରେ କାଶୀର ଭାରତ ବିଜୟୀ ପଣ୍ଡିତ ବ୍ରହ୍ମାନନ୍ଦ ଶ୍ରୀକ୍ଷେତ୍ରକୁ ଆସିଥିଲେ। ସେ ତିନିଧାମର ପଣ୍ଡିତ ମାନଙ୍କୁ ପରାସ୍ତ କରି ସାରିବା ପରେ ଜଗନ୍ନାଥ ଧାମରେ ପଦାର୍ପଣ କରିଥିଲେ। ସେ ତାଙ୍କ ସହ ତ୍ରିକୋଣାକାର ପତାକା ନେଇ ଆସିଥିଲେ। ପୁରୁଷୋତ୍ତମ କ୍ଷେତ୍ରରେ ବିଜୟ ଲାଭ ପରେ ଚତୁଷ୍କୋଣାକାର ପତାକା ଉଡାଇ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ ଥିଲା, ତାଙ୍କର ଲକ୍ଷ୍ୟ। ଜଗନ୍ନାଥ ଦାସଙ୍କ ସହ ତାଙ୍କର ଶାସ୍ତ୍ର ଯୁଦ୍ଧ ଆରମ୍ଭ ହେଲା। ବ୍ରହ୍ମାନନ୍ଦ ଥିଲେ ଅଦ୍ୱୈତ୍ୟ ବେଦାନ୍ତି। ଶାସ୍ତ୍ରୀୟ ପ୍ରମାଣ ସହ ଦାସେ ବ୍ରହ୍ମାନନ୍ଦଙ୍କର ସମସ୍ତ ଯୁକ୍ତି ଖଣ୍ଡନ କଲେ। ନିଜର ଅଚିନ୍ତ୍ୟ ଭେଦାଭେଦବାଦର ଯଥାର୍ଥ ତଥ୍ୟକୁ ପ୍ରମାଣିତ କଲେ। ଏହା ପରେ ପଣ୍ଡିତ ବ୍ରହ୍ମାନନ୍ଦ ନିଜର ଚତୁଷ୍କୋଣାକାର ପତାକାକୁ ଚିରି ଜଗନ୍ନାଥଙ୍କର ମସ୍ତକରେ ଦିବ୍ୟ ପାଟବସ୍ତ୍ର ସଦୃଶ ବାନ୍ଧିଲେ। ସେହିଦିନ ଠାରୁ ଜଗନ୍ନାଥ ଦାସଙ୍କର କ୍ଷ୍ୟାତି ଶ୍ରୀକ୍ଷେତ୍ରରେ ବ୍ୟାପିବାକୁ ଆରମ୍ଭ କଲା। ଜଗନ୍ନାଥ ଦାସଙ୍କ ଭଳି ଜଣେ ଅସାଧାରଣ ପ୍ରତିଭାଶାଳୀ କବିଙ୍କ ସମଗ୍ର ରଚନା ଆଜି ପର୍ଯ୍ୟନ୍ତ ସଂପୂର୍ଣ୍ଣ ପ୍ରସ୍ତୁତ ହୋଇ ପାରିନାହିଁ। ଶ୍ରୀମଦ ଭାଗବତ ତାଙ୍କର ସବୁଠାରୁ ପ୍ରଭାବଶାଳୀ ଗ୍ରନ୍ଥ। ଅନ୍ୟ ରଚନା ଗୁଡିକ ମଧ୍ୟରେ ତୁଳାଭିଣା, ଗୁପ୍ତ ଭାଗବତ, ଅର୍ଥ କୋଇଲି, ଦାରୁବ୍ରହ୍ମ ଗୀତା, ମୃଗୁଣିସ୍ତୁତି, ଶୂନ୍ୟ ଭାଗବତ ପ୍ରଭୃତି ଅନେକ ଗ୍ରନ୍ଥ ରହିଛି। ଯେଉଁ ସମୟରେ ଓଡିଶାର ଜନସାଧାରଣ ଭାଗବତର ବିଷୟବସ୍ତୁକୁ ଜାଣିବା ନିମିତ୍ତ ସଂସ୍କୃତ ପଣ୍ଡିତ ମାନଙ୍କ ଉପରେ ନିର୍ଭର କରୁଥିଲେ, ତତ୍କାଳରେ ଜଗନ୍ନାଥ ଦାସ ସରଳ ଓଡିଆ ଭାଷାରେ ଭାଗବତ ଗ୍ରନ୍ଥ ରଚନା ପୂର୍ବକ ସାହିତ୍ୟ ରାଜ୍ୟରେ ଏକ ବିରାଟ ବିପ୍ଲବ ସୃଷ୍ଟି କରିଥିଲେ। ଶ୍ରୀମଦ ଭାଗବତ ଭାରତୀୟ ଚିନ୍ତା ଚେତନାର ଏକ ଆଲୋକବର୍ତ୍ତିକା। ଯୁଗ ଯୁଗରୁ ମାନବ ସମାଜକୁ ଏହି ଜ୍ଞାନ ତତ୍ତ୍ୱପୂର୍ଣ୍ଣ ସର୍ବୋତ୍କୃଷ୍ଟ ରଚନା ଭାବରେ କେବଳ ଆଧ୍ୟାତ୍ମିକ ଶିକ୍ଷା ଦେଇନାହିଁ ବରଂ, ସାମାଜିକ ସଂସ୍କାର କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଭଗବାନ ବ୍ରହ୍ମାଙ୍କୁ, ବ୍ରହ୍ମା ନାରଦଙ୍କୁ, ନାରଦ ବ୍ୟାସଦେବଙ୍କୁ, ବ୍ୟାସଦେବ ଶୁକଦେବଙ୍କୁ ଏବଂ ଶୁକଦେବ ପରୀକ୍ଷିତଙ୍କୁ ଭାଗବତର ତତ୍ତ୍ୱ ଜ୍ଞାନ ଶିକ୍ଷା ଦେଇଥିଲେ। ଓଡିଆ ମାଟିରେ ପ୍ରତ୍ୟେକ ଗାଁ ଗହଳିରେ ଭାଗବତକୁ କେନ୍ଦ୍ର କରି ଭାଗବତ ଘର ଗଢି ଉଠିଥିଲା। ଅତିବଡି ଜଗନ୍ନାଥ ଦାସଙ୍କ ଭାଗବତ ମୂଳ ସଂସ୍କୃତ ଗ୍ରନ୍ଥର ଆକ୍ଷରିକ ଅନୁବାଦ ନୁହେଁ। ଓଡିଆ ଭାଗବତ ହେଉଛି ଓଡିଆ ଜାତିର ବେଦ ସ୍ୱରୂପ। ଜଗନ୍ନାଥ ଦାସଙ୍କ ଭାଗବତ ରଚନା, ଏହାର କବିତ୍ୱ ନିଶୀଥର ତାର ସଂଚିତ ଆକାଶ ପରି ରହସ୍ୟମୟ, ଶିଶିରସ୍ନାତ ସକାଳ ପରି ସ୍ନିଗ୍ଧ ଓ ନବୀନ ଗୋଧୂଳିର ସ୍ତିମିତ ଆଲୋକ ପରି ଭାବତୀର୍ଣ୍ଣ। ଭାଗବତର ପଦାବଳୀ ସର୍ବତ୍ର ସହଜ ବୋଧଗମ୍ୟ ନୁହେଁ। ତଥାପି ଏହାର ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ଓ ରହସ୍ୟମୟତା କବିଙ୍କ ମଧ୍ୟରେ ଭାବଦୃଷ୍ଟି ଭରି ଦେଇଛି। ମୂଳ ଗ୍ରନ୍ଥର ଅଧ୍ୟାୟ ଓ ଶ୍ଳୋକ ସହ ଏହା ସମାନ ନୁହେଁ। କବିଙ୍କ ଭାଗବତରେ ରାଗାନୁଗା ଭକ୍ତିର ପୂର୍ଣ୍ଣ ପରିଚୟ ମିଳେନାହିଁ। ବରଂ ଏଥିରେ ଜ୍ଞାନମିଶା ଭକ୍ତିର ଗୁରୁତ୍ୱ ଉପଲବ୍ଧ କରିହୁଏ। ଭାଗବତରେ ରାଧାଙ୍କୁ ଗୌଡିୟ ଦର୍ଶନ ଆଧାରି ଅଚିନ୍ତ୍ୟ ଭେଦାଭେଦବାଦୀ ବୈଷ୍ଣବଗଣ ମୁଖ୍ୟ ସ୍ଥାନ ଦେବାସ୍ଥଳେ କବି ଜଗନ୍ନାଥ ଗୋପୀ ମାନଙ୍କୁ ପ୍ରାଧାନ୍ୟ ଦେଇଛନ୍ତି। ଜଗନ୍ନାଥଙ୍କ ଭାଗବତରେ ଅଙ୍ଗୀକରଣ, ବିସ୍ମୃତିକରଣ, ଅନୁକ୍ତ ପ୍ରକ୍ଷେପ, ଭକ୍ତି ନିକ୍ଷେପ ଆଦି ପ୍ରକ୍ରିୟାରେ ନିଜର ମୌଳିକତା ପରିଲକ୍ଷିତ ହୁଏ। ଭାଗବତ ତ୍ରୟୋଦଶ ସ୍କନ୍ଧ ବିଶିଷ୍ଟ। ସ୍କନ୍ଧ କେତେକ ଅଧ୍ୟାୟର ସମାହାର। ଏଥିରେ ବ୍ୟବହୃତ ସୁନିପୁଣ ଛନ୍ଦ ମାଧୁରୀ ଶ୍ରୋତା ଓ ଉଦଗାତାଙ୍କୁ ଆନନ୍ଦ ଦେଇଥାଏ। ବିଭିନ୍ନ ଋତୁ ବର୍ଣ୍ଣନାରେ କବିଙ୍କର ବର୍ଣ୍ଣନା ନୈପୁଣ୍ୟ ପ୍ରକାଶ ପାଇଛି। ଯେପରି ମହିମଣ୍ଡଳ ଦୁଃଖ ଚାହିଁ, ଜଳ ଛାଡି ତୋଷ ହୋଇ, ଘୋର ଶବଦ ମେଘମାଳ, ଗର୍ଜିଣ ବରସନ୍ତି ଜଳ। ଭାଗବତରେ କବି ଆଠଟି ରସର ଅବତାରଣା କରିଛନ୍ତି। ରମଣୀୟ ଶବ୍ଦ ସଂଯୋଜନା, ଭାବଦୀପକ ବର୍ଣ୍ଣନାର ଇନ୍ଦ୍ରଜାଲିକ ସ୍ପର୍ଶରେ କବିଙ୍କର ଅନନ୍ୟ ସାଧାରଣ କବିତ୍ୱ ଫୁଟି ଉଠିଛି। ଭାଗବତର ଦଶମ ସ୍କନ୍ଧରେ ରାଜପଂଚାଧ୍ୟାୟୀ ବିରହ ସନ୍ତପ୍ତା ଗୋପଲଳନା ଶ୍ରୀକୃଷ୍ଣଙ୍କୁ ଅନ୍ୱେଷଣ କରିବାର ବର୍ଣ୍ଣନା ଅତ୍ୟନ୍ତ ଚିତାକର୍ଷକ ଓ ହୃଦୟସ୍ପର୍ଶୀ। ଅତି ଚମତ୍କାର ଉପମା, ଉତ୍‌ପ୍ରେକ୍ଷା ଓ ରୂପକ ଅଳଙ୍କାର ସମାବେଶ ଦେଖିବାକୁ ମିଳେ। ଯେପରି– ଉଦ୍ଧବ ଶୁଣ ବେଦସାର, ସ୍ୱଭାବେ ସଂସାରେ ବେଭାର, ସୁନ୍ଦର ପୁରୁଷ ନିର୍ଦ୍ଧନ, ଗଣିକା ଛାଡଇ ଯେସନ। ଓଡିଆ ଭାଗବତରେ ସରଳ ତତ୍‌ଭବ ଓ ତତ୍‌ସମ ଶବ୍ଦର ସଂଖ୍ୟା ଅଧିକ। ସମଗ୍ର ଭାଗବତରେ ଭାଷା ଅତ୍ୟନ୍ତ ସରଳ, ଶୁଦ୍ଧ ଓ ସାଧୁ ଶବ୍ଦ ପରିପୂର୍ଣ୍ଣ। ଭାଗବତର ଭାଷାକୁ ଆଦର୍ଶ ଭାଷା ଭାବେ ଗ୍ରହଣ କରାଯାଏ। କାରଣ ଭାଷା ଶୁଦ୍ଧ, ସଂଜତ, ମାର୍ଜିତ ଓ ଅର୍ଥପୂର୍ଣ୍ଣ। ଭାଗବତ ଏକ ଭକ୍ତି ତତ୍ତ୍ୱ ମୂଳକ ଗ୍ରନ୍ଥ। ଭାରତବର୍ଷରେ ଏହା ସର୍ବଶ୍ରେଷ୍ଠ ଗ୍ରନ୍ଥ ରୂପେ ବିବେଚିତ। ଏଥିରେ ନବଧା ଭକ୍ତିର ସ୍ୱରୂପ ଚମତ୍କାର ଭାବେ ବାଖ୍ୟା କରାଯାଇଛି। ନବଧା ମଧ୍ୟରେ ଭାଗବତ ନାମ ଶବ୍ଦ ହେଉଛି ଅନ୍ୟତମ। ନାମ ଶ୍ରବଣ ଦ୍ୱାରା କିଭଳି ମନ ମଧ୍ୟରେ ବିମଳ ଭକ୍ତିରସ ଉଦ୍ରେକ ହୋଇଥାଏ, ତାହା ପ୍ରଥମ ସ୍କନ୍ଦରେ କବି ଲେଖିଛନ୍ତି। ତତ୍ତ୍ୱ ବିଚାର ଜ୍ଞାନ ଯେତେ, ଜ୍ଞାନୀ କହନ୍ତି ଏ ଜଗତେ, କହୁ କହନ୍ତି ବ୍ରହ୍ମତତ୍ତ୍ୱ, କେହୁ ବା କହେ ପରମାର୍ଥ। ଭାଗବତ ଲୋକପ୍ରିୟତାର ଏକ ପ୍ରମୁଖ କାରଣ ତାର ଛନ୍ଦ ମାଧୁରୀ। ଭାଗବତ ଶତ ଶତ ପଦ ନୀତିବାକ୍ୟ ଓ ଢଗଢମାଳି ରୂପେ ପ୍ରତ୍ୟେକ ଓଡିଆଙ୍କ ତୁଣ୍ଡରେ ବ୍ୟବହାର ହୋଇଥାଏ। ଯେପରି ଯାହାଙ୍କୁ ରଖିବେ ଅନନ୍ତ କି କରିପାରେ ବଳବନ୍ତ। ଓଡିଆ ଭାଗବତର ଅମୃତମୟ ଭାଷା, ସୁଲଳିତ ରସ ମାଧୂର୍ଯ୍ୟ ଆବାଳବୃଦ୍ଧବନିତା ସମସ୍ତଙ୍କୁ ଆପ୍ୟାୟିତ କରିଥାଏ। ଷୋଡଶ ଶତାବ୍ଦୀର ଏହି କବିଙ୍କର ଅପୂର୍ବ କୌଶଳର ପରିଚୟ ପାଇ ଆଧୁନିକ ଜନସମାଜ ବିସ୍ମିତ ଓ ଭାବବିହ୍ୱଳ। ବିଦ୍ୟା ସାଧନାର ସର୍ବଶ୍ରେଷ୍ଠ ପରିଚୟ ଭାଗବତ। ଭାଗବତର ମୂଳ ଲକ୍ଷ୍ୟ ଆଧ୍ୟାତ୍ମିକ ଜୀବନ ଓ ଆଦର୍ଶର ପ୍ରାଣପ୍ରତିଷ୍ଠା। ମୁଁ , ମୋର ଭଳି ଅହଂ ଭାବ ପରିହାର କରିବାକୁ ବାରମ୍ବାର ଭାଗବତରେ ଉଲ୍ଲେଖ କରାଯାଇଛି। ସର୍ବାନ୍ତ କରଣରେ ଥରେ ଭଗବାନଙ୍କ ପାଖରେ ନିଜକୁ ସମର୍ପଣ କରିଦେଲେ ଆଉ କୌଣସି ଭୟ କି ଗ୍ଲାନି ରହେନାହିଁ। ଅଲୌକିକ ଆନନ୍ଦରେ ହୃଦୟ ଆପ୍ଲୁତ ହୋଇଉଠେ। ଜଗନ୍ନାଥ ଦାସଙ୍କ ଭାଗବତ ଏହି ଆନନ୍ଦର ଏକ ଚିରନ୍ତନୀ ଉତ୍ସ। ମାନବ ସମାଜ ପାଇଁ ଏହା ଜୀବନ ବେଦ ହେବା ଆବଶ୍ୟକ।

ରାଧାନାଥୀୟ କାବ୍ୟରେ ଜୀବନଦର୍ଶନ : ସତ୍ୟ–ଶିବ–ସୁନ୍ଦରର ମହାସମନ୍ୱୟ



ନାରାୟଣ ପଧାନ
ଛୁରିଆପାଲି, ସୋହେଲା, ବରଗଡ଼
ମୋ :୯୯୩୮୪୫୪୪୧
୪
Mail
naayanapadhan2014@gmail.com

ଓଡ଼ିଆ ନବଜାଗରଣର ଦିଗ୍‌ଦର୍ଶକ, ସୌନ୍ଦର୍ଯ୍ୟର ଦାର୍ଶନିକ ଏବଂ "ସତ୍ୟଂ–ଶିବଂ–ସୁନ୍ଦରମ୍"ର ଅନନ୍ୟ ସାଧକ କବିବର ରାଧାନାଥ ରାୟଙ୍କ ସାରସ୍ୱତ କୀର୍ତ୍ତି ତାଙ୍କ ଜୀବନଦର୍ଶନର ଏକ ଅନୁପମ ମହାସମ୍ଭାର। ପୁରାଣାଶ୍ରିତ ଭକ୍ତି, ରୀତି ଓ ଦରବାରୀ କାବ୍ୟପରମ୍ପରାର ଶୃଙ୍ଖଳରୁ ଓଡ଼ିଆ ସାହିତ୍ୟକୁ ମୁକ୍ତ କରି ସେ ଓ୍ୱାର୍ଡସ୍ୱର୍ଥୀୟ ପ୍ରକୃତିବାଦ, କିଟ୍ସୀୟ ସୌନ୍ଦର୍ଯ୍ୟବୋଧ, ଶେଲୀୟ ଆଦର୍ଶବାଦ, ବାୟରନୀୟ ମୁକ୍ତଚେତନା, ଡ୍ରାଇଡେନୀୟ ବ୍ୟଙ୍ଗବୈଦଗ୍ଧ୍ୟ ଏବଂ ଗ୍ରୀକୀୟ ଟ୍ରାଜେଡିର ଉପାଦାନକୁ ଉତ୍କଳୀୟ ଜୀବନ ଓ ପ୍ରକୃତି ସହ ସମାହିତ କରି ଓଡ଼ିଆ କାବ୍ୟକୁ ନବଚେତନାରେ ଉଦ୍ଭାସିତ କରିଥିଲେ। ଭାଷାର ଲାଳିତ୍ୟ, ଭାବର ଗାମ୍ଭୀର୍ଯ୍ୟ, ପ୍ରକୃତିଚିତ୍ରଣର ଅପୂର୍ବ କଳା, ଜାତୀୟ ଚେତନାର ଜାଗରଣ ଏବଂ ନୂତନ କାବ୍ୟରୀତିର ପ୍ରଚଳନ ତାଙ୍କୁ ସମକାଳୀନ ଓ ପରବର୍ତ୍ତୀ କବିମାନଙ୍କ ମଧ୍ୟରେ ଶ୍ରେଷ୍ଠତମ ଆସନରେ ଅଧିଷ୍ଠିତ କରିଛି। ବାମଣ୍ଡା ରାଜା ସୁଡ଼ଳ ଦେବ ପ୍ରଦତ୍ତ 'କବିବର' ଉପାଧି ତାଙ୍କ ସାରସ୍ୱତ ମହିମାର ଶାଶ୍ୱତ ସ୍ୱୀକୃତି।

ରାଧାନାଥ ଥିଲେ ବହୁଶାସ୍ତ୍ରଦର୍ଶୀ କବି। ସଂସ୍କୃତ, ଇଂରାଜୀ, ବଙ୍ଗଳା, ଗ୍ରୀକ ଓ ପାଶ୍ଚାତ୍ୟ ସାହିତ୍ୟର ବିଭିନ୍ନ ଧାରାରୁ ଆହୃତ ଜ୍ଞାନକୁ ସମନ୍ୱିତ କରି ସେ ଓଡ଼ିଆ କାବ୍ୟକୁ ନୂତନ ଚେତନା, ନୂତନ ରୂପ ଓ ନୂତନ ଦିଗ ପ୍ରଦାନ କରିଥିଲେ। ହୋମର-ଭର୍ଜିଲ-ମିଲ୍ଟନ-ଶେକ୍ସପିୟର-,କିଟ୍ସ -ଇଟ୍ସ -ମିଲ୍ଟନ-,ଓଭିଡ -ପେଟ୍ରାର୍କ -ଗ୍ୟେଥେ - କାଳିଦାସ-ଭବଭୂତି-ଶ୍ରୀହର୍ଷ - ଉପେନ୍ଦ୍ରଆଦି ପ୍ରାଚ୍ୟ, ପ୍ରତୀଚ୍ୟ କବିଙ୍କ ଦ୍ୱାରା ସେ ଗଭୀରଭାବେ ଅନୁପ୍ରାଣିତ ହୋଇଥିଲେ। ଚିଲିକା, ଚନ୍ଦ୍ରଭାଗା, ମହାଯାତ୍ରା, ଦରବାର ଓ ନନ୍ଦିକେଶ୍ୱରୀ ପ୍ରଭୃତି କାବ୍ୟରେ ତାଙ୍କ ଜୀବନଦର୍ଶନ ମହିମାମଣ୍ଡିତ ହୋଇଉଠିଛି।

"ଚିଲିକା"ମହାକାବ୍ୟରେ ପ୍ରକୃତିର ଚିରନ୍ତନ ରୂପ ସହ ମାନବଜୀବନର କ୍ଷଣସ୍ଥାୟୀ ଅବସ୍ଥାର ତୁଳନା କରି ରାଧାନାଥ ଜୀବନର ନଶ୍ୱରତା, ଅନିତ୍ୟତାର ମର୍ମକୁ ଉନ୍ମୋଚନ କରିଛନ୍ତି। ଚିଲିକାର ଉତ୍ତାଳ ଊର୍ମିମାଳା, ଆକାଶର ଅନନ୍ତ ନୀଳିମା ଓ ପ୍ରକୃତିର ଅବିନଶ୍ୱର ରୂପ ମଣିଷକୁ ଶିଖାଏ - ବିଭବ-ପ୍ରଭାବ-ଦମ୍ଭ କାଳସ୍ରୋତରେ ବିଲୀନ ହୋଇଯାଏ। ପ୍ରକୃତି ଶାଶ୍ୱତ, ମଣିଷ ଅନିତ୍ୟ। ଏହି ଅନିତ୍ୟତାବୋଧ ମିଥ୍ୟା ଅହମିକା ତ୍ୟାଗ କରି ସାର୍ଥକ ଜୀବନଯାପନ ପାଇଁ ପ୍ରେରିତ କରେ। କବିଙ୍କ ଭାଷାରେ –

"ସୁଖ ବୋଲି ଯାହା ଜନ ନେତ୍ରେ ଦିଶେ,
ହାତେ ଆସେ ହାତୁଁ ପଡ଼ିବା ପାଇଁ ସେ,
ବସ୍ତୁ ନୁହଇ ସେ ଅଟଇଟି ଧୂମ,
ଅନ୍ୟ ନାମ ତାର ଆକାଶ କୁସୁମ।"

କବିବରଙ୍କ ଜୀବନଦର୍ଶନ ଅନୁସାରେ ଏହି ନଶ୍ୱର ଜଗତରେ ମଣିଷ ଯାହାକୁ ସୁଖ ମନେକରି ଭ୍ରମବଶତଃ ଅନୁଧାବନ କରେ, ତାହା କଦାପି ଚିରସ୍ଥାୟୀ ନୁହେଁ; ବରଂ କାଳପ୍ରବାହରେ ନିତ୍ୟ ପରିବର୍ତ୍ତନଶୀଳ ଏକ ମୃଗମରୀଚିକାମାତ୍ର। କବି କହନ୍ତି - ସୁଖ ବସ୍ତୁ ନୁହେଁ, ଏହା ଧୂମ୍ରରେଖାବତ୍ କ୍ଷଣସ୍ଥାୟୀ ଓ ଆକାଶକୁସୁମବତ୍ ଅଳୀକ।

ରାଧାନାଥଙ୍କ ଜୀବନଦର୍ଶନର କେନ୍ଦ୍ରବିନ୍ଦୁ ହେଉଛି କର୍ମବାଦ। "ମହାଯାତ୍ରା"କାବ୍ୟରେ ପାଣ୍ଡବମାନଙ୍କ ମହାପ୍ରସ୍ଥାନ କାହାଣୀ ମାଧ୍ୟମରେ କବି ଜୀବନକୁ ଏକ ଦୀର୍ଘ ସଂଘର୍ଷମୟ ଯାତ୍ରା ରୂପେ ଚିତ୍ରିତ କରିଛନ୍ତି । ମଣିଷର ଗୌରବ ଜନ୍ମରେ ନୁହେଁ, ବରଂ କର୍ମ ଓ ଚରିତ୍ରରେ ନିହିତ। ଗୀତାର "କର୍ମଣ୍ୟେବାଧିକାରସ୍ତେ" ନୀତି ତାଙ୍କ କାବ୍ୟଚେତନାରେ ନବାର୍ଥ ଲଭିଛି । ଯେଉଁ ପାଣ୍ଡବମାନେ ମହାଭାରତ ଯୁଦ୍ଧ ଜିତି ବିଶାଳ ସାମ୍ରାଜ୍ୟର ଅଧିକାରୀ ହୋଇଥିଲେ, ସେମାନଙ୍କୁ ମଧ୍ୟ ଶେଷରେ ସବୁକିଛି ତ୍ୟାଗ କରି ହିମାଳୟ ଅଭିମୁଖେ ଯାତ୍ରା କରିବାକୁ ପଡ଼ିଛି। ଏଠାରେ କାଳର କରାଳ ଗ୍ରାସରେ ରାଜପ୍ରାସାଦ, ସାମ୍ରାଜ୍ୟ, ଅହଙ୍କାର ସବୁ ଧୂଳିସାତ୍ ହୁଏ - ଏହା ଅନିତ୍ୟତାର ନିର୍ମମ ସତ୍ୟ। କବି ଲେଖିଛନ୍ତି

ଏ ଜୀବ ନୁହଁଇ ସ୍ଥିର ,ସ୍ଥିରଟି ମରଣ,
ମାଟିର ଏ ଘଟ ନିଶ୍ଚେ ମିଶିବ ମାଟିରେ
ସର୍ବହର କାଳ ମହାବଳି ଠାରୁ ବଳୀ ।

ଦରବାର" କାବ୍ୟରେ କବିବର ରାଧାନାଥ ରାୟ ତତ୍କାଳୀନ ସମାଜର ତୋଷାମୋଦପ୍ରବୃତ୍ତି, ସାମନ୍ତବାଦୀ ଅହଙ୍କାର, ଚାଟୁକାରିତା ଓ ସାମାଜିକ ଭଣ୍ଡାମିକୁ ତୀବ୍ର ବ୍ୟଙ୍ଗ କରିଛନ୍ତି।

'କେଦାରଗୌରୀ' ଓ 'ଉଷା'ରେ ପ୍ରେମୀଯୁଗଳ ମର୍ତ୍ତ୍ୟ ମିଳନରେ ବିଫଳ ହୋଇ ମୃତ୍ୟୁବରଣ କରନ୍ତି, ମାତ୍ର ସେମାନଙ୍କ ନିଷ୍କଳଙ୍କ ପ୍ରେମ ମୃତ୍ୟୁ ପରେ ଶାଶ୍ୱତ ଓ ଅମର ହୋଇଯାଏ। ଏଠାରେ କବିଙ୍କ ଜୀବନଦର୍ଶନ ମାନବତାବାଦୀ ଆଧାରରେ ପ୍ରତିଷ୍ଠିତ। "ଚନ୍ଦ୍ରଭାଗା"କାବ୍ୟରେ ଚନ୍ଦ୍ରଭାଗାର ଚରିତ୍ର ଆତ୍ମମର୍ଯ୍ୟାଦା, ପବିତ୍ରତା ଓ ଆଦର୍ଶନିଷ୍ଠାର ଏକ ଉଜ୍ଜ୍ୱଳ ପ୍ରତିମୂର୍ତ୍ତି। ସୂର୍ଯ୍ୟଦେବଙ୍କ ପ୍ରଲୋଭନ ସତ୍ତ୍ୱେ ଚନ୍ଦ୍ରଭାଗାର ଆତ୍ମସମ୍ମାନର ସୁରକ୍ଷା ପାଇଁ ଜୀବନ ବିସର୍ଜନର ପ୍ରସ୍ତୁତି ଦର୍ଶାଏ ଯେ ରାଧାନାଥଙ୍କ ଦୃଷ୍ଟିରେ ଚରିତ୍ରର ପବିତ୍ରତା ଜୀବନଠାରୁ ମଧ୍ୟ ମହତ୍ତର।

୧୮୪୮ ସେପ୍ଟେମ୍ବର ୨୮ରେ ବାଲେଶ୍ୱର ଜିଲ୍ଲାର କେଦାରପୁର ଗ୍ରାମରେ ଜନ୍ମ ନେଇଥିବା କବିବର ୧୯୦୮ ଏପ୍ରିଲ ୧୭ରେ ଦେହତ୍ୟାଗ କଲେ, କିନ୍ତୁ ତାଙ୍କ ସାରସ୍ୱତ କୀର୍ତ୍ତି ଆଜି ମଧ୍ୟ ଅମ୍ଳାନ, ଅବିନଶ୍ୱର ଓ କାଳଜୟୀ। ରାଧାନାଥଙ୍କ ଜୀବନ ଯେପରି ସଂଘର୍ଷ, ବେଦନା ଓ ପ୍ରତିକୂଳତାରେ ଆବୃତ୍ତ ଥିଲା, ସେହିପରି ତାଙ୍କ କାବ୍ୟ ମଧ୍ୟ ଜୀବନର ବହୁମାତ୍ରିକ ଅନୁଭବର ଏକ ସୃଜନଶୀଳ ପ୍ରତିଫଳନ। ତାଙ୍କ ଜୀବନଦର୍ଶନ ଅନନ୍ୟ, ଅନତିକ୍ରମ୍ୟ ଓ ବେଦବାଣୀସମ ଅମୋଘ। ଯାବତ୍ ଉତ୍କଳର ଭାଷା ଓ ସଂସ୍କୃତି ଜୀବନ୍ତ, ତାବତ୍ ରାଧାନାଥଙ୍କ ସତ୍ୟ–ଶିବ–ସୁନ୍ଦରର ବାଣୀ ମାନବହୃଦୟରେ ଅନୁଗୁଞ୍ଜିତ, ସ୍ପନ୍ଦିତ ହୋଇ ରହିବ। ଉତ୍କଳସ୍ୟ ବିଭୂଷଣଂ କାବ୍ୟାକାଶସ୍ୟ ଭାସ୍କରମ୍ ।

ରାଧାନାଥକବିବରଂ ବନ୍ଦେ ସତ୍ୟଶିବସୁନ୍ଦରମ୍।

କାହିଁକି ଜଳୁଛି ଯୁରୋପ

ବିନୋଦ ମହାରଣା
ଭୁବନେଶ୍ୱର
ମୋ : ୯୪୩୭୧୬୪୭୬୪

ସାରା ଯୁରୋପରେ ଏବେ ଅଶାନ୍ତିର ନିଆଁ। ଯୁରୋପ ଅନ୍ତର୍ଗତ ୪୪ ରାଷ୍ଟ୍ର ମଧ୍ୟରୁ ଅଧିକାଂଶ ଦେଶରେ ଅସନ୍ତୋଷର ବହ୍ନି। ଜନଗଣଙ୍କ ପ୍ରତି ବର୍ଷ ବର୍ଷର ଅବହେଳା, ସ୍ୱାର୍ଥକୈନ୍ଦ୍ରିକ ସରକାର, ଜନଜୀବନର ବଞ୍ଚିବାର ମୌଳିକ ଅଧିକାରଗୁଡ଼ିକୁ କର୍ଣ୍ଣପାତ ନ କରିବା, ଯୁବବର୍ଗର ନ୍ୟାଯ୍ୟ ଦାବି ପୂରଣରେ ବିଫଳତା, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ନଦେବା, ବସ-ବାସ ପ୍ରତି ଧ୍ୟାନ ନଦେବା, ବେକାରୀ ଆଦି କାରଣକୁ ନେଇ ଦିନକୁ ଦିନ ସାରା ଯୁରୋପରେ ବ୍ୟାପୁଛି ଆନ୍ଦୋଳନ। ଏପରିକି ମହାଶକ୍ତିଶାଳୀ ରାଷ୍ଟ୍ର ଫ୍ରାନ୍ସ, ଇଟାଲୀ, ଜର୍ମାନୀ, ପୋଲାଣ୍ଡ ଆଦି ରାଷ୍ଟ୍ରରେ ବି ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି। ପ୍ରଶ୍ନ ଉଠୁଛି ଏହାର କାରଣ କ'ଣ? କାହିଁକି ଯୁରୋପ ପରି ଧନଶାଳୀ ଭୂଖଣ୍ଡରେ ଏତେ ଅସନ୍ତୋଷ? କାହିଁକି ଅଧିକାଂଶ ସରକାର ବିରୋଧରେ ଚାଲିଛି ଆନ୍ଦୋଳନ? ଫ୍ରାନ୍ସର ଅଧିକାଂଶ ସହରରେ ବିକ୍ଷୋଭ, ଆନ୍ଦୋଳନ ପରେ ଜର୍ମାନୀର ମ୍ୟୁନିକ, ଫ୍ରାଙ୍କଫର୍ଟ, ବର୍ଲିନ ଆଦି ସହରରେ ଏବେ ଯୁବ ଆନ୍ଦୋଳନର ନିଆଁ। ସର୍ବଆରେ ବି ଦୀର୍ଘ ଦିନ ଧରି ଗାଦି ମାଡ଼ି ବସିରହିଥିବା ଶାସକମାନଙ୍କ ବିରୋଧରେ ତାତିଛନ୍ତି ଜେନ-ଜି। ଯୁଦ୍ଧବାଦୀ ବିଶ୍ୱରେ ଜନଜୀବନ ପ୍ରତି ଗୁରୁତ୍ୱ ନ ଦେଇ ସାମରିକ ପ୍ରତିଯୋଗିତାରେ ବ୍ୟସ୍ତ ଅଛନ୍ତି ଅଧିକାଂଶ ସରକାର। ବିଭିନ୍ନ ମହଲରେ ଯୁକ୍ତି ହେଉଛି ଯେ, ବାଧ୍ୟତାମୂଳକ ସାମରିକ ବିଭାଗରେ ଚାକିରି ବେକାରୀ, ଦାରିଦ୍ର୍ୟ ଆଦି ସମସ୍ୟାର ସମାଧାନ କରିପାରିବ ନାହିଁ। ବରଂ ସେଥିପ୍ରତି ଗୁରୁତ୍ୱ ନଦେଇ ଉଚ୍ଚମାନର ନିଯୁକ୍ତିକୁ ଫୋକସ କରିବା ଲାଗି ଦାବି ଉଠୁଛି। ଜର୍ମାନୀ, କ୍ରୋଏସିଆ, ଅଷ୍ଟ୍ରିଆ, ସାଇପ୍ରସ, ଫିନଲ୍ୟାଣ୍ଡ, ଗ୍ରୀସ, ନରୱେ, ସୁଇଡେନ, ତୁର୍କୀ, ଫ୍ରାନ୍ସ, ବେଲଜିୟମ ଆଦି ଅଧିକାଂଶ ରାଷ୍ଟ୍ରରେ ଦାରିଦ୍ର୍ୟ, ବେକାରୀ, ଜୀବନମାନରେ ହ୍ରାସ ଆଦି ସମସ୍ୟା ଲାଗି ରହିଥିବା ସତ୍ତ୍ୱେ ସାମରିକ ସେବା ଲାଗି ରହିଥିବା ବାଧ୍ୟତାମୂଳକ ବ୍ୟବସ୍ଥା ବା ସମଧରଣର ଆପେକ୍ଷିକ ସର୍ତ୍ତାବଳୀ ବିରୋଧରେ ତାତୁଛନ୍ତି ଜେନ-ଜି। ଶାନ୍ତିରେ ବଞ୍ଚିବା, ବ୍ୟକ୍ତି ସ୍ୱାଧୀନତାର ସୁରକ୍ଷା, ଅର୍ଥନୈତିକ ସମାନତା ନେଇ ଏହି ଆନ୍ଦୋଳନ ଦିନକୁ ଦିନ ଘନୀଭୂତ ହେଉଛି। ଯଦିଓ ଏହି ସବୁ ଆନ୍ଦୋଳନ ପଛରେ ଉଗ୍ରବାମବାଦୀ ଓ ବିଦେଶୀ ଲିଙ୍କ୍ ରହୁଥିବା କୁହାଯାଉଛି ତଥାପି ଦେଶ ଭିତରେ ରହିଥିବା ସମସ୍ୟା ଯେ, ଏହାର ପ୍ରମୁଖ କାରଣ– ଏହା ଧରିବାକୁ ହେବ। ଜର୍ମାନୀର ଆର୍ଥିକ ଅବସ୍ଥା ଏତେ ଖରାପ ହୋଇଛି ଯେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ଦିଆଯାଇପାରୁନାହିଁ। ସେହିପରି କାମ କରିବା ବୟସର ଲୋକଙ୍କ ସଂଖ୍ୟା ହ୍ରାସ ପାଉଛି। କୁହାଯାଏ ଯୁରୋପରେ ୧୯୯୭ରୁ ୨୦୧୨ ମଧ୍ୟରେ ସୃଷ୍ଟି ହୋଇଥିଲା ଜେନ-ଜି। ଅର୍ଥାତ ସେବଠାରୁ ଯୁରୋପରେ ଏହି ଯୁବଗୋଷ୍ଠୀର ଶକ୍ତି ରହିଆସିଛି। ଏବେ ସାରା ଯୁରୋପରେ ସମସ୍ୟା ପ୍ରାୟ ଏକରକମରୁ ହେବାରୁ ଆନ୍ଦୋଳନ ବିସ୍ଫୋରକ ରୂପ ନେଇଛି। ଯୁରୋପର ଅଧିକାଂଶ ରାଷ୍ଟ୍ରରେ ବି ଦୁର୍ନୀତି ପ୍ରମୁଖ ସମସ୍ୟାରେ ପରିଣତ ହୋଇଛି। ଦୁର୍ନୀତିଗ୍ରସ୍ତ ସରକାରମାନେ କୌଣସି ପ୍ରକାରେ କ୍ଷମତାରେ ରହି ଲୁଣ୍ଠନରେ ମାତିଥିବାରୁ ଏହାର ପ୍ରଭାବ ସମାଜ ଉପରେ ପଡୁଛି। ବିଶେଷ କରି ଯୁବଗୋଷ୍ଠୀ ଏସବୁର ପ୍ରଥମ ଶିକାର ହେଉଥିବାରୁ ଆନ୍ଦୋଳନ ଦିନକୁ ଦିନ ଘନୀଭୂତ ହେବାରେ ଲାଗିଛି। ସ୍ଥିତି ଏପରି ହୋଇଛି ଯେ, ଶିକ୍ଷା, ସ୍ୱାସ୍ଥ୍ୟ, ଗୃହ ନିର୍ମାଣ ଲାଗି ବ୍ୟୟଭାର ସମ୍ପୂର୍ଣ୍ଣ ହ୍ରାସ କରାଯାଉଛି, ଭିତ୍ତିଭୂମିର ବିକାଶ କରାଯାଉନାହିଁ, କର୍ମଚାରୀଙ୍କ ଦରମା ବୃଦ୍ଧି କରାଯାଉନାହିଁ, ଦରଦାମ ନିୟନ୍ତ୍ରଣ କରାଯାଉନାହିଁ, ଅର୍ଥନୀତିରେ ମାନ୍ଦାବସ୍ଥା କିମ୍ବା ସ୍ଥିରତା ଦେଖାଦେଇଛି। ଏସବୁ ଅବ୍ୟବସ୍ଥା, ସଙ୍କଟ ପରିପ୍ରେକ୍ଷୀରେ ବିଭିନ୍ନ ଶ୍ରମିକ ସଂଗଠନର ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଜର୍ମାନୀ, ଫ୍ରାନ୍ସ, ପର୍ତ୍ତୁଗାଲ, ସ୍ପେନ, ଆଲବାନିଆ, ସର୍ବିଆ, ବେଲଜିୟମ ଆଦି ରାଷ୍ଟ୍ରରେ ପ୍ରାୟ ଏକ ପ୍ରକାର ସମସ୍ୟା ଲାଗିରହିଛି। ଏଥିଲାଗି ସରକାର ହଟାଇବା ପାଇଁ ଆନ୍ଦୋଳନକାରୀ ପଣ ରଖିଛନ୍ତି। ଯୁରୋପର ୪୪ଟି ରାଷ୍ଟ୍ର ମଧ୍ୟରୁ ତଥାକଥିତ ଆଭିଜାତ୍ୟ ସଂଘ ଯୁରୋପୀୟ ୟୁନିଅନରେ ରହିଛନ୍ତି ୨୭ ରାଷ୍ଟ୍ର। ଯୁରୋପୀୟ ୟୁନିଅନର ପ୍ରାୟ ୪୫ କୋଟି ଲୋକଙ୍କ ମଧ୍ୟରୁ ଦାରିଦ୍ର୍ୟ, ସାମାଜିକ ସଂକଟରେ ରହିଛନ୍ତି ପ୍ରାୟ ୩୦ ପ୍ରତିଶତ ଯୁବବର୍ଗ। ଅଧିକାଂଶ ରାଷ୍ଟ୍ରରେ ଜନଜୀବନ ସମସ୍ୟା ତୀବ୍ର ହେବାରେ ଲାଗିଛି। ଏସବୁ କାରଣରୁ ଯେଉଁ ଉଦ୍ଦେଶ୍ୟ ରଖି ୧୯୯୩ରେ ଗଠିତ ଯୁରୋପୀୟ ୟୁନିଅନ ଆଜି ଦିଗହରା ହୋଇଛି। ଏହା ପ୍ରତ୍ୟକ୍ଷ ଭାବେ ଆମେରିକା ନିର୍ଦ୍ଦେଶରେ ପରିଚାଳିତ ହେବାରେ ଲାଗିଛି। ବିଶେଷ କରି ସାମାଜିକ ଭିତ୍ତିଭୂମି ପ୍ରତି ଗୁରୁତ୍ୱ ନଦେବା, ସାମାଜିକ କ୍ଷେତ୍ର ପ୍ରତି ପୁଞ୍ଜିବିନିବେଶର ଅଭାବ, ଶ୍ରମ ଆଇନରେ ସଂସ୍କାରର ଅଭାବ, ରାଜସ୍ୱ ପରିଚାଳନାରେ ବ୍ୟର୍ଥତା ଆଦି କାରଣରୁ ସମଗ୍ର ଯୁରୋପରେ ସମଧରଣର ସମସ୍ୟା ଉପୁଜୁଛି ବୋଲି ମତ ଦେଉଛନ୍ତି ଯୁରୋପିଆନ ଇନଭେଷ୍ଟମେଣ୍ଟ ବ୍ୟାଙ୍କ ଓ ରିସର୍ଚ୍ଚ ଅନ ଯୁରୋପିଆ ଇକୋନୋମିକ ଗଭର୍ଣ୍ଣାନ୍ସ। ଏପରି ଜନ ଉଦଗୀରଣର ଆଉ ଏକ ପ୍ରମୁଖ କାରଣ ହେଲା ବାହ୍ୟଦେଶର ଲୋକଙ୍କ ଅନୁପ୍ରବେଶ। ଜର୍ମାନୀ, ଇଟାଲୀ, ଫ୍ରାନ୍ସ, ଅଷ୍ଟ୍ରିଆ, ଡେନମାର୍କ, ସୁଇଡେନ, ଫିନଲ୍ୟାଣ୍ଡ, ପୋଲାଣ୍ଡ ଆଦି ଦେଶରେ ଅନୁପ୍ରବେଶ ସମସ୍ୟା ତୀବ୍ର ହୋଇଛି। ତେବେ ଏହାକୁ ରୋକିବା ଲାଗି ଅନେକ ପ୍ରକାର ଆଇନଗତ ପ୍ରତିବନ୍ଧକ ରହିଥିବାରୁ ଏବଂ ସରକାର-ବିରୋଧୀଙ୍କ ମଧ୍ୟରେ ସମନ୍ୱୟ ରହୁ ନଥିବାରୁ ଏହି ସମସ୍ୟା ଉତ୍କଟ ହେବାରେ ଲାଗିଛି। ଗେଟ ୱେ ନେସନ ଭାବେ ପରିଚିତ ଇଟାଲୀ ଓ ଗ୍ରୀସରେ ଏହି ସମସ୍ୟା ଅତି ସଂଗୀନ ହୋଇଛି। ଯୁରୋପ ଓ ଯୁରୋପୀୟ ୟୁନିଅନକୁ ତୁଳନା କଲେ ଏହା ପ୍ରତୀୟମାନ ହେଉଛି ଯେ, ସେହି ଦେଶଗୁଡ଼ିକରେ ଦେଖାଯାଉଥିବା ସମସ୍ୟାଗୁଡ଼ିକ ଭାରତ କ୍ଷେତ୍ରରେ ନୂଆ ନୁହେଁ। ଭାରତର ଜନସଂଖ୍ୟା ହୁ ହୁ ଗତିରେ ବଢୁଥିବାବେଳେ ତତ୍‌ସଂଲଗ୍ନ ସମସ୍ୟାଗୁଡ଼ିକ ବି ସେହି ଅନୁପାତରେ ବଢ଼ିବାରେ ଲାଗିଛି। ଦେଶରେ ଶ୍ରମିକ, ଛାତ୍ର, ଯୁବ ନିରାପ । ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଶିଳ୍ପ କ୍ଷେତ୍ରରେ ଅତ୍ୟାଧୁନିକ ଯନ୍ତ୍ରାଂଶର ବ୍ୟବହାର, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ପ୍ରଭାବ, ସାମାଜିକ ନିରାପ । ଲାଗି ସୁସଂହତ ଯୋଜନାର ଅଭାବ, କ୍ଷୁଦ୍ର ଶିଳ୍ପୋଦ୍ୟୋଗୀମାନଙ୍କ ସୁରକ୍ଷା ଲାଗି ବ୍ୟାଙ୍କିଙ୍ଗ ସ୍ତରରେ ଯୋଜନାର ଅଭାବ, ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ବିଫଳତା, ଶ୍ରମିକ ଓ ଦାଦନ ସମସ୍ୟା ଉତ୍କଟ ହେବାରେ ଲାଗିଛି। ପ୍ରତିଦିନ ଘରୋଇ କ୍ଷେତ୍ରରୁ ଛଟେଇ ଜାରି ରହିଛି। ଶିକ୍ଷା ଶେଷରେ ଛାତ୍ରଛାତ୍ରୀ ଅନ୍ଧାର ଭବିଷ୍ୟତରେ ରହୁଛନ୍ତି। ଏପରି ସ୍ଥଳେ କୌଣସି ମୁହୂର୍ତ୍ତରେ ଯେ, ଜେନ-ଜି ତାତିବେ ତାହା କହିବା କଷ୍ଟକର। ତେବେ ଏସଆଇଆର ପ୍ରସଙ୍ଗରେ ଜେନ-ଜି ଯେପରି ନିଜର ଶକ୍ତି ହରାଇବାରେ ଲାଗିଛି ତାହା ସର୍ବୋତ ଭାବେ ସାମଗ୍ରିକ ପ୍ରଗତିଭିତ୍ତିକ ଆନ୍ଦୋଳନକୁ ଦୁର୍ବଳ କରୁଛି। ଶୀଘ୍ର ଉତଥାନ-ଶୀଘ୍ର ପତନ ଧାରାରେ ଜେନ-ଜି ଏବେ ଗୁରୁତର ଧକ୍କାର ସମ୍ମୁଖୀନ ହୋଇଛି। ତା' ସହ ଜାତୀୟ ଓ ଆଂଚଳିକ ରାଜନୈତିକ ଦଳଗୁଡ଼ିକ ବି ସେହି ଅନୁପାତରେ ନିଜର ଗୁରୁତ୍ୱ ହରାଇଛନ୍ତି। ଏସଆଇଆର ଆନ୍ଦୋଳନ ଯଦି ଦାରିଦ୍ର୍ୟ, ବେକାରୀ, ଘରୋଇକରଣ, ଛଟେଇ, ଅର୍ଥନୈତିକ ଅସମାନତା, ଅର୍ଥନୈତିକ ମାନ୍ଦାବସ୍ଥା, ବ୍ୟାଙ୍କଗୁଡ଼ିକର ଜନମାରଣ ନୀତି ଆଦି ବିରୋଧରେ ହୋଇଥାନ୍ତା ତେବେ ଦେଶବାସୀ ବହୁଳ ଭାବେ ଉପକୃତ ହୋଇଥାନ୍ତେ। ମାତ୍ର ତାହା ଘଟିଲା ନାହିଁ। ୨୦ରୁ ଅଧିକ ବିରୋଧୀ ରାଜନୈତିକ ଦଳ ଏକ ନିଷ୍ଫଳ ଆନ୍ଦୋଳନରେ ଏକାଠି ହେବାର ମୂଲ୍ୟ କିଛି ନାହିଁ। ଜେନ-ଜିକୁ ଏକ ଶ୍ରେଣୀଭିତ୍ତିକ ଆନ୍ଦୋଳନ ଦିଗରେ ଅଭିପ୍ରେତ କରିବା ଲାଗି କୌଣସି ଦଳ ଆଭିମୁଖ୍ୟ ପୋଷଣ କଲେ ନାହିଁ। ସୀମିତ ରାଜନୈତିକ ଫାଇଦା ଲାଗି ସମସ୍ତେ ବ୍ୟଗ୍ର ହେଉଛନ୍ତି। ଆଦର୍ଶଗତ ଭାବେ ବହୁଧା ବିଭକ୍ତ ରାଜନୈତିକ ଦଳଗୁଡ଼ିକ ଏସଆଇଆର ପ୍ରସଙ୍ଗରେ କେବଳ ନିଜ ଦଳର କର୍ମୀମାନଙ୍କ ସମର୍ଥନ ଲାଭ କରୁଛନ୍ତି ସିନା ଦେଶବାସୀଙ୍କ ସମର୍ଥନ ଲାଭ କରୁନାହାନ୍ତି। ଏହା ସେମାନଙ୍କ ଆଗାମୀ ରଣନୀତି ଲାଗି ନିଷ୍ଫଳ ସାବ୍ୟସ୍ତ ହେବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



ପିଲାଙ୍କ ମହାଭାରତ-୧୦୭

ରୁକ୍ମିଣୀ ବିବାହ-୧





ନିତ୍ୟାନନ୍ଦ ପଣ୍ଡା

ବିଦର୍ଭ ରାଜ୍ୟର ରାଜା ଭୀଷ୍ମକ । ତାଙ୍କର ପାଞ୍ଚପୁଅ ଓ ଗୋଟିଏ ଝିଅ । ବଡ଼ପୁଅର ନାମ ରୁକ୍ମ ଓ ଝିଅର ନାମ ରୁକ୍ମିଣୀ । ରୁକ୍ମିଣୀଙ୍କର ସ୍ୱର୍ଗୀୟ ସୌନ୍ଦର୍ଯ୍ୟ ଦ୍ୱାରା ବହୁ ରାଜା ଆକର୍ଷିତ ହୋଇଥିଲେ । ସେ ସମୟକୁ କୃଷ୍ଣଙ୍କର ଖ୍ୟାତି ସମଗ୍ର ଭୂଖଣ୍ଡରେ ଚର୍ଚ୍ଚାର ବିଷୟ ହୋଇଥିଲା । କୃଷ୍ଣଙ୍କର ଖ୍ୟାତି ଶୁଣି ରୁକ୍ମିଣୀ ମନମଧ୍ୟରେ ତାଙ୍କୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ । ରାଜା ଭୀଷ୍ମକ ସମେତ ଅନ୍ୟ ସମସ୍ତେ ଏହି ପ୍ରସ୍ତାବ ସପକ୍ଷରେ ଥିଲେ । କିନ୍ତୁ ଯୁବରାଜ ରୁକ୍ମ ଥିଲେ ଅରାଜି । ସେ କହିଲେ, କୃଷ୍ଣ ରାଜା ନୁହଁନ୍ତି, ତେଣୁ ବିବାହ ଅସମ୍ଭବ । ସେ ଭଉଣୀ ପାଇଁ, ଚେଦି ରାଜ୍ୟର ରାଜା ଶିଶୁପାଳ ଉପଯୁକ୍ତ ବୋଲି କହିଲେ ।

ରାଜା ଭୀଷ୍ମକ ବୃଦ୍ଧ । ଯୁବରାଜ ରୁକ୍ମ ଥିଲେ କ୍ଷମତାଶାଳୀ । ରାଜାଙ୍କର ମତ ଗୁରୁତ୍ୱ ବହନ କରୁନଥିଲା । ତେଣୁ ଜଣାଗଲା, ରୁକ୍ମିଣୀଙ୍କର ବିବାହ ଶିଶୁପାଳଙ୍କ ସହିତ ହେବା ନିଶ୍ଚିତ ।

ରୁକ୍ମିଣୀ ଅସହାୟ । ଯୁବରାଜ ରୁକ୍ମଙ୍କ ବିରୁଦ୍ଧରେ ସେ ଯାଇପାରିବେ ନାହିଁ । କୃଷ୍ଣଙ୍କୁ ନଦେଖିଥିଲେ ମଧ୍ୟ ତାଙ୍କୁ ହୃଦୟ ସେ ଦେଇସାରିଥିଲେ । ସେ ଏବେ କରିବେ କ'ଣ ! ବହୁତ ଭାବି ରୁକ୍ମିଣୀ ଲଜ୍ଜ୍ୟା ତ୍ୟାଗ କରି ଜଣେ ବ୍ରାହ୍ମଣଙ୍କ ସହ ପରାମର୍ଶ କଲେ । ତାଙ୍କୁ ଦୂତ ରୂପେ ଦ୍ୱାରକା ପଠେଇଲେ । ମନର ଭାବ କୃଷ୍ଣଙ୍କୁ କହିବାକୁ ସେ ବ୍ରାହ୍ମଣକୁ କହିଲେ । ଏବଂ କହିଲେ, କୃଷ୍ଣ ଏ ଦିଗରେ ସାହାଯ୍ୟ କରନ୍ତୁ ।

କୃଷ୍ଣଙ୍କ ଉଦ୍ଦେଶ୍ୟରେ ଲେଖାଥିବା ଚିଠି ଖଣ୍ଡେ ସେ ବ୍ରାହ୍ମଣଙ୍କୁ ଦେଇଥିଲେ ।

ବ୍ରାହ୍ମଣ ଖୁବ୍‌ଶୀଘ୍ର ଦ୍ୱାରକାରେ ପହଞ୍ଚିଲେ ଏବଂ ରୁକ୍ମିଣୀଙ୍କ ଚିଠି କୃଷ୍ଣଙ୍କୁ ହସ୍ତାନ୍ତର କଲେ ।

ଚିଠିର ବିଷୟବସ୍ତୁ : ମୁଁ ମୋର ହୃଦୟ ତୁମକୁ ଦେଇବସିଛି । କିନ୍ତୁ ମୋର ବଡ଼ଭାଇ ରୁକ୍ମ ମୋ ବିବାହ ଶିଶୁପାଳଙ୍କ ସହିତ କରିବାକୁ ଠିକ୍ କରିଛନ୍ତି । ତୁମେ ଆସନ୍ତାକାଲି ଆସି ପହଞ୍ଚିବ ଓ ମୋତେ ଉଦ୍ଧାର କରିବ । ପ୍ରଚଳିତ ପରମ୍ପରା ଅନୁସାରେ, ମୁଁ ମୋର ସହଚରୀଙ୍କ ସହିତ ପାର୍ବତୀଙ୍କ ମନ୍ଦିରକୁ ପୂଜା କରିବାକୁ ଯିବି । ମୋତେ ପ୍ରାପ୍ତ ହେବାକୁ ତାହାହିଁ ଉତ୍କୃଷ୍ଟ ସମୟ । ଶିଶୁପାଳ ଓ ଜରାସନ୍ଧଙ୍କ ସେନା ତୁମକୁ ଆକ୍ରମଣ କରିପାରନ୍ତି । ପ୍ରସ୍ତୁତ ହୋଇ ଆସିବ । ମୁଁ ଅପେକ୍ଷାରେ ରହିଲି । ଯଦି କାଲି ନଆସ, ମୁଁ ଜୀବନ ହାରିଦେବି । ଆର ଜନ୍ମରେ ତୁମ ସହ ମିଳିତ ହେବି । କୃଷ୍ଣ ଚିଠିଟି ପଢିଲେ ଓ ତତ୍‌କ୍ଷଣାତ୍ ରଥ ଆରୋହଣ କରି ବିଦର୍ଭ ଉଦ୍ଦେଶ୍ୟରେ ଯାତ୍ରାକଲେ । **(କ୍ରମଶଃ ...)**

ନରଣପୁର, କୋଦଣ୍ଡପୁର
ଯାଜପୁର ଟାଉନ୍- ୭
ମୋ- ୮୨୪୯୬୯୩୩୦୮

ମାଟି ଦୀପ ଦେବା ଜାଳି

ନଳିନୀ ଦାଶ



ଆସିଅଛି ଦୀପାବଳି
ମାଟିଦୀପ ଦେବା ଜାଳି
ମନୁ ପାପ ହିଂସା ହେଇଯାଉ ଦୂର
ସୁଖ ଶାନ୍ତି ଯାଉ ଖେଳି ।
ବିଜେ ହେଲେ ଶ୍ୟାମାକାଳୀ
ବାଜୁଛି ବାଜା କାହାଳୀ
ପିନ୍ଧେଇବା ନାଲି ମନ୍ଦାରର ମାଳି
ଆଶିଷ ଦେବେ ମା ଢାଳି ।
ମରତେ ପିତୃପୁରୁଷ
ଶ୍ରାଦ୍ଧରେ ହେବେ ସନ୍ତୋଷ
ଦୀପଦାନ କରି ଆବାହାନ କଲେ
କରିବେ ସେ ସ୍ୱର୍ଗବାସ ।
ବନବାସ ଛାଡ଼ି ରାମ
ଆସିଲେ ଅଯୋଧ୍ୟା ଧାମ
ଅଯୋଧ୍ୟାବାସୀଏ ଦୀପାଳି ଜଳେଇ
କରିଥିଲେ ସ୍ୱାଗତମ୍ ।
କାଉଁରିଆ ଦେବା ଜାଳି
ଭକ୍ତିରେ ସଭିଏଁ ମିଳି
ସ୍ନେହ ଶ୍ରଦ୍ଧା ଭାବ ବାଣ୍ଟିଥାଏ ଆସି
ପରବଟି ଦୀପାବଳି ।
ନମୋ ନମୋ ମହକାଳୀ
ବିପଦକୁ ଦିଅ ଟାଳି
ଅଜ୍ଞାନ ଅନ୍ଧାର ଅପସରି ଯାଉ
ପୂଣ୍ୟର ଆଲୋକ ଖେଳି ।
ରଙ୍ଗ ମୁରୁଜରେ ଘର
ଦିଶୁଅଛି କି ସୁନ୍ଦର
ଆଲୋକ ମାଳାରେ ଧରା ଦିଶେ ଶୋଭା
ମନେ ଭକ୍ତିଭାବ ଭର ।
ଘରେ ଘରେ ପିଠାପଣା
ଦୀପାବଳି ମନଜିଣା
ରୋଗ ଦୁଃଖ ସବୁ ହରି ନିଅ ମାଆ
ଝରୁ ସୁଖର ଝରଣା ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ-୯୨୩୮୯୬୬୪୯

ଦୀପାବଳି ପାଇଁ ଜାଳିବା ଦୀପ

ପ୍ରଫୁଲ୍ଲ କୁମାର ସାହୁ



ଦୀପାବଳି ଦୀପ ଆଲୋକରେ ଦେଖ
ଆଲୋକିତ ଆଜି ଅମା ରଜନୀ,
ଟିକି ଦୀପଟିଏ ଆଲୋକ ଦେଖାଏ
ସେବା ମନୋଭାବ ମନରେ ଘେନି ।୧।
ସାନ ହେଲେ ବି ସେ ନିଜର ଜୀବନେ
ନିଜକୁ ଭାବିନି କେବେବି ହୀନ,
ନିଜେ ଜଳାଏ ସେ ନିଜ ସଳିତାକୁ
ତେଲ ସାରି କରେ ଆଲୋକ ଦାନ ।୨।
ତେଲ ଯେବେ ସରେ ସଳିତା ଲିଭଇ
ନ ଦିଶଇ ଆଉ ଦୀପର ଜ୍ୟୋତି,
ଯେତିକି ସମୟ ଦିଏ ସେ ଆଲୋକ
ଥାଏ ତା ମନରେ ସେବାର ପ୍ରୀତି ।୩।
ଦୀପଟିଏ ହୋଇ ଜଳିବା ଆମେରେ
ନିଜ ସେବା ବଳେ ଆଲୋକ ଦେଇ,
ସମାଜରେ ଆମେ ଖୁସି ବାଣ୍ଟି ଦେବା
ଅମାପ ସାହସ ମନରେ ନେଇ ।୪।
କାହିଁ କେଉଁ କାଳୁ ପାଳନ୍ତି ସଭିଏଁ
ଦୀପାବଳି ପର୍ବ ଖୁସିରେ ମିଶି,
ପିତୃ ପୁରୁଷଙ୍କୁ ଦେଇ ଶ୍ରଦ୍ଧା ଶ୍ରାଦ୍ଧ
ଦୀପାଳି ଜଳାଇ ହୁଅନ୍ତି ଖୁସି ।୫।

ଦୀପାବଳି ଦିନେ

ଦଶରଥ ମାଝୀ

ଦୀପାବଳି ଦିନେ ଘର ସଫା କଲେ
ମନାଯାଏ ତାକୁ ଶୁଭ
ଲକ୍ଷ୍ମୀ ପୂଜା କଲେ ଆଶୀର୍ବାଦ ସହ
ଧନ ସମୃଦ୍ଧିରେ ଲାଭ (୧)
ଦୀପ ଜାଳି ଦେଲେ ଆଲୋକ ଖେଳାଇ
ଦୂର ହୁଏ ଅନ୍ଧକାର
ଗଣେଶ ପୂଜାରେ କାମନା କରିଲେ
ବିଘ୍ନ ସବୁ ହୁଏ ଦୂର (୨)
ସମ୍ପର୍କ ମଧ୍ୟରେ ମଧୁରତା ବଢେ
ମିଠା ସବୁ ବାଣ୍ଟି ଦେଲେ
ଗରିବ ଲୋକଙ୍କୁ ଖାଦ୍ୟ ଦେଲେ ସିନା
ଅନ୍ୟକୁ ସାହାଯ୍ୟ ମିଳେ (୩)
ତୁଳସୀ ପାଖରେ ଦୀପ ଜାଳି ଦେଲେ
ଶାନ୍ତି ରହିଥାଏ ଘରେ
ଶରୀର ଓ ମନ ପବିତ୍ର ହୁଏରେ
ସକାଳୁ ଗାଧୁଲେ ନୀରେ (୪)
ପିତୃପୁରୁଷଙ୍କୁ ସ୍ମରଣ କରିଲେ
ହୁଏରେ ଶ୍ରଦ୍ଧା ପ୍ରକାଶ
ଦାନଧର୍ମ କଲେ ପୁଣ୍ୟ ମିଳେ ବୋଲି
ଅଛି ଅଗାଧ ବିଶ୍ୱାସ (୫)

କୁରୁମାଗୁଆଁ, ଭବାନୀପାଟଣା, କଳାହାଣ୍ଡି
ମୋ-୮୨୪୯୧୯୨୫୨୨



ଦୀପଟିଏ ଦେବା ଜାଳି...

ରାମଚନ୍ଦ୍ର ବେହେରା

ଦୀପାବଳି ପର୍ବ ଆସୁଅଛି ମିତ
ପିଲାଙ୍କ ମନ ଉଚ୍ଛନ୍ନ
ପ୍ରଦୀପ ଜଳିବ ବାଣ ବି ଫୁଟିବ
ଲୁଟିବ ସର୍ବ ପରାଣ ।
ରଂଗ ବେରଂଗର ଆଲୋକ ମାଳାରେ
ଚମକିବ ସାରା ଦେଶ
ପିତୃ ପୁରୁଷଙ୍କ ଆତ୍ମା ଶାନ୍ତି ପାଇଁ
ପିଣ୍ଡଦାନ ହେବ ଶେଷ ।
ସଞ୍ଜ ନଇଁଗଲେ ପୂଜାର୍ଚ୍ଚନା ହେବ
ଉଛୁଳିବ ହୁଳହୁଳି
ବଡ ବଡୁଆଙ୍କୁ ଡାକିବେ ସରବେ
କାଉଁରିଆ କାଠି ଜାଳି ।
ପିତୃ ପୁରୁଷଙ୍କ ଅଶରୀରୀ ଆତ୍ମା
କୃପା ଦେବେ ପରିଜନେ
ଅନ୍ଧାରରେ ଆସି ଆଲୋକରେ ସିଏ
ଫେରିଯିବେ ସ୍ୱର୍ଗଧାମେ ।
ମାତା ଶ୍ୟାମାକାଳୀ ମର୍ତ୍ତ୍ୟେ ବିରାଜିବେ
ଶୁଭ ଦୀପାବଳି ଦିନ
ଅଧର୍ମୀକୁ ନାଶ କରିବେ ଜନନୀ
ଜଗତ ହିତ କାରଣ ।
ପ୍ରଭୁ ରାମଚନ୍ଦ୍ର ବନବାସ ସାରି
ଫେରିଥିଲେ ଏହି ଦିନ
ଅଯୋଧ୍ୟା ନିବାସୀ ଦୀପ ଜାଳି ତାଙ୍କୁ
କରିଥିଲେ ସ୍ୱାଗତମ ।
ଦୀପାବଳି ଆମ ଗର୍ବ ଓ ଗୌରବ
ଆସ ମନାଇବା ମିଳି
ପିତୃ ପୁରୁଷଙ୍କୁ ହୃଦୟେ ସ୍ମରି
ଦୀପଟିଏ ଦେବା ଜାଳି ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୬୩୪୩୪୬

ଆଜି ଦୀପାବଳୀ ଛୁଟି

ଦିବାକର ନାୟକ

ଆଜି ଦୀପାବଳୀ ଛୁଟି
ଘର ପାଠ ସବୁ ସାରି ଦେଇ ଏବେ
ଚଲେଇବି ଟୟ ସ୍ଫୁଟି ।।

ଆଣିଛି ସବୁଜ ବାଣ
ଫୁଲଝରୀ ମୋର କରିଦେବ ଆଜି
ଆଲୋକର ବିଛୁରଣ ।।

ସଞ୍ଜରେ ଦିପାଳି ଜାଳି
ବାରଣ୍ଡାରେ ଆମ ସଜେଇ ଦେବି ମୁଁ
ଖୁସି ହେବେ ମାଆ କାଳି ।।

ଏବେ କରୁଛି ମୁଁ ପଣ
ମୋବାଇଲି ଆଉ ଧରିବିନି ବେଶୀ
କହୁଛି ପକାଇ ରାଣ ।।

ପାଖ କୁନି ସାଙ୍ଗ ଯେତେ
ଡକାଡକି ହୋଇ ବାହାରେ ଖେଳିବୁ
ବଢ଼ିଆ ଲାଗିବ ମୋତେ ।।

ଟିଭି ଦେଖୁନି ମୁଁ ବେଶି
ପଢ଼ିବି ଲେଖିବି ଡାକି ଡାକି ଯେବେ
ମମି ହୋଇଯିବେ ଖୁସି ।।

ଗାଡ଼ି ଦେଇଛନ୍ତି ଘଡ଼ି
ବେଳ ଜାଣି ସବୁ କାମ କରିବାକୁ
ନିଜେ ହେଉଛି ମୁଁ ରେଡ଼ି ।।

ଅଜା ଯେବେ ଟଙ୍କା ଦିଏ
ଖରଚ ନକରି ସରା ଗାତରେ ମୁଁ
ଜମା କରି ରଖୁଥାଏ ।।

ଘରକୁ ଆସିଲେ ଆଈ
କୋଳରେ ବସାଇ କେତେ ଗପ କହେ
ଗେହ୍ଲା ଟିକେ କରିଦେଇ ।।

ଅଲଗା ଟିକିଏ ମାମା
ଚିଡ଼ାଏ ସେ ଯେତେ ମଜା କରେ ସେତେ
ଭୁଲି ପାରିବିନି ଜମା ।।

ମୋ କଥା ଏତିକି ଥାଉ
ଭୋକ ଲାଗିଲାଣି ମମି ଡାକିଲେଣି
ସବୁ କଥା କହୁ କହୁ ।।

ପାଟପୁର, କନିସି, ଗଂଜାମ
ମୋ-୯୯୩୮୬୧୯୯୮୧



ଏମନ୍ତ ହେମନ୍ତ

ନିରଞ୍ଜନ ସାହୁ

ଶରତର ଅନ୍ତ ଆସଇ ହେମନ୍ତ
ନୂଆ ଋତୁ ଲାଗେ ଜାଣିଛ କେମନ୍ତ
ରାତିରେ ଶିଶିର ଝରେ
ଶୀତର ପ୍ରଭାବ ନିଶ୍ଚୟ ପଡଇ
ହେମାଳ ପାଗଟା ନିହାତି ଗଡଇ
ଥଣ୍ଡାରେ ଦେହଟା ଥରେ ।

କାର୍ତ୍ତିକ, ମାରଗଶିରରେ ହେମନ୍ତ
ରାଜୁତି କରଇ ଜାଣିଥା' ଏମନ୍ତ
କ୍ଷେତରେ ପାଚଇ ଧାନ
ଧାନ କାଟିବାରେ ମନକୁ ବଳାଇ
ଧାନ କଟା ଯନ୍ତ୍ର କ୍ଷେତରେ ଚଳାଇ
ଚାଷୀ କରେ ଗୀତ ଗାନ ।

ସକାଳ ବେଳରେ କୁହୁଡି ହୁଅଇ
ଆଳସ୍ୟ କରି କେ' ଘଡିଏ ଶୁଅଇ
ଦିନ ଛୋଟ ହୋଇ ଆସେ
ରାତିର ସମୟ ବଢଇ ଯେତିକି
ଶୀତର ପ୍ରଭାବ ପଡଇ ସେତିକି
ନିଦ ଚାଲିଆସେ ପାଶେ ।

କାର୍ତ୍ତିକ ପବିତ୍ର ମାସରେ ଗଣନ୍ତି
ଆମିଷ ଛାଡ଼ିବା ଉଚିତ ମଣନ୍ତି
ଦୀପ ଦାନ ମନେ ଆଣ
ମାର୍ଗଶିରେ ଲକ୍ଷ୍ମୀ ପୁରାଣ ଶୁଣିବ
ମନେ ମନେ ଲକ୍ଷ୍ମୀ ମହିମା ଗୁଣିବ
ବସାଇବ ଧାନ ମାଣ ।

କାର୍ତ୍ତିକ ପଞ୍ଚକେ ଉଠୁଣୁ ସୂରୁଜ
ଚଉଁରା ମୂଳରେ ପଡ଼ିବ ମୁରୁଜ
ମାର୍ଗଶିରେ ପଡ଼େ ଝୋଟ
ଘରସାରା, ଦାଣ୍ଡ ଦୁଆର, ଖଳାରେ
ଝୋଟି ପକାଇବା ଚିତ୍ତକୁ ବଳାରେ
ଲକ୍ଷ୍ମୀ ପାଦ ଗୋଟିଗୋଟି ।

ଦୀପାବଳି ପରା ଆଲୋକ ପରବ
ବୋଇତ ବନ୍ଦାଣ କଳିଙ୍ଗ ଗରବ
ବାଲିଯାତ୍ରା, କୁଞ୍ଜରାସ
ପ୍ରଥମାଷ୍ଟମୀରେ ପୋଡୁହାଁ ହୋଇବ
ଏଣ୍ଡୁରି ପିଠାକୁ ସଭିଙ୍କୁ ଖୋଇବ
କାଞ୍ଜିଅଁଳା ହେ ଆସ ।

ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬
ମୋ- ୯୯୩୮୭୪୧୫୮୩



ଦୁଃଖ ଦେଇଗଲା ଅଦିନ ଝଡ଼

ପ୍ରଶାନ୍ତ କୁମାର ଦାଶ

ଦାରୁଣ ଦୁଃଖ ଦେଇଛି ଆସି
ଅଦିନ ମେଘ ଝଡ଼
ଭାଙ୍ଗି ଦେଇଛି କୁନି ପକ୍ଷୀର
ସରଗ ସମ ନୀଡ଼ ।।

ଗାଉଥିଲା ସେ ମଧୁର ଗୀତ
ସେଇ ନୀଡ଼ରେ ବସି
ଉଇଁଲେ ନଭେ ବାଳସୂରୁଜ
ଦେଉଥିଲା ସେ ହସି ।।

ନୀଡ଼ରେ ଶୋଇ ଦେଖୁଥିଲା ସେ
ସୁନା ସପନ କେତେ
ଅଦିନ ଝଡ଼ ଦୁଃଖ ହତାଶ
ଦେଲାତ ତାକୁ ଯେତେ ।।



ଗଛଟି ଥିଲା ଜୀବନ ତାର
ଦୁଃଖ ସୁଖର ସାଥୀ
ଭଙ୍ଗା ଗଛର ଉଜୁଡ଼ା ରୂପ
ଦେଖି ଥରୁଛି ଛାତି ।।

ଦେଖିଲେ ପକ୍ଷୀ ଆଖିର ଲୁହ
ଲାଗୁଚି ଭାରି ଦୁଃଖ
ନିଷ୍ଠୁର ବାତ୍ୟା ପବନ ତାଠୁ
କାଢ଼ି ନେଇଛି ସୁଖ ।।

ଲାଗି ଜାଗିକି ପୋତିବି ଗଛ
ହେବ ସେ ବଢ଼ି ବଡ଼
ଗଛ ରୋକିବ ଡାଳ ମେଲାଇ
ବତାସ ବେଗ ଝଡ଼ ।।

ସେଇ ଗଛରେ କେତେଯେ ପକ୍ଷୀ
ବାନ୍ଧିବେ ଆସି ବସା
ଶୁଭିବ ତାଙ୍କ ମଧୁର ଗୀତ
କୁନି କଅଁଳ ଭାଷା ।।

କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ
ମୋ-୯୬୬୮୮୨୨୧୯୦

ଆସୁଛି ଶୁଭ ଦୀପାଳି

ଧ୍ରୁବ ଚରଣ ଘିବେଲା

ଦୀପର ପରବ ଶୁଭ ଦୀପାବଳି
ଆଲୋକର ପର୍ବଟିଏ
ଦୀପାବଳି ସଞ୍ଜେ ସବୁ ଘର ଆଗେ
ଦୀପ ଧାଡ଼ି କେତେ ଶୋହେ ।
ସଞ୍ଜ ବେଳ ହେଲେ ଦୀପ ଜାଳି ଦେଲେ
ଦୀପାଳି ଲାଗେ ସୁନ୍ଦର
ଅନ୍ଧାରକୁ ତଡ଼ି ଆଲୁଅ ବିଛାଡ଼ି
ଆଲୋକରେ ହସେ ପୁର ।
ଦୀପାବଳି ପର୍ବେ ଶ୍ୟାମାକାଳୀ ପୂଜା
ହୁଏ ଜାକଜମକରେ
ମାଆକାଳୀଙ୍କର ପୂଜା ଜମିଥାଏ
ଏଠି ପୂଜା ମଣ୍ଡପରେ ।
ଗାଆଁଠୁ ସହର ପୂଜା ପଟୁଆର
ଜମେ ସାହି ସାହିଠାରେ
ମାଆଙ୍କ ଦର୍ଶନ କରିକି ଭକତ
ହସଖୁସିରେ ସେ ଫେରେ ।
ସଞ୍ଜ ବଢ଼ିଗଲେ ବାଣ ଖେଳ ପାଇଁ
ବଡ଼ବଡ଼ିଆଙ୍କୁ ଡକା ସିନା ହୁଏ
ମୋତେ ତ ଜଳେଇ ଦେଇ
'ଅନ୍ଧାରରେ ଆସି ଆଲୁଅରେ ଯାଅ'
ଦିଅନ୍ତି ସମସ୍ତେ ଗାଇ ।
ପୟାଶ୍ରାଦ୍ଧ କାର୍ଯ୍ୟକ୍ରମ କଥା ସବୁ
ବୁଝିବ ଅଜାଙ୍କ ଠାରୁ
ଯିଏ ଜାଣିଯିବ ମୋ'ର ଭୂମିକାଟି
ମନରେ ତା ଖୁସି ଭରୁ ।
କାଉଁରିଆ ହୋଇ ନିଜେ ଜଳିଜଳି
କରେ ଏଇ ବଡ଼କାମ
ସେଇ ଆଦର୍ଶରେ ଜୀବନେ ଚାଲିଲେ
ଅରଜିବା ଆମେ ନାମ ।
ସଜ ହୋଇଯାନ୍ତି ପିଲେ
କିଏ ଫୁଲଝରି ହାତେ ଧରି ଖେଳି
ନାଚି ଡିଏଁ ସେ ଖୁସିରେ ।
ଢୋ ଢାଆ ବାଣଠୁ ଅତି ନିରାପଦ
ସାପ ଚକ୍ରୀ ଫୁଲଝରି
ପିଲେ ଚାହିଁଛନ୍ତି ଖେଳିବେ ସେ ଦିନ
ଆସୁଛି ଶୁଭ ଦୀପାଳି ।

ବଉଦରାଜ-୭୬୨୦୧୪, ଜି-ବୌଦ୍ଧ
ମୋ-୯୪୩୭୪୭୮୪୬୬

ଝଲସେ ମରତପୁର

ନଗେନ୍ଦ୍ର ନାଥ ପଟ୍ଟନାୟକ

ବରଷକେ ଥରେ ଦୀପାଳି ଆସେରେ
ପୁଣ୍ୟ ମରତଧାମେ
ଭକତି ମଗନେ ପାଳିବା ପରବ
ଏକ ଭାବ ନେଇ ଆମେ ।।
ବଡବଡୁଆଙ୍କୁ ଡାକିବା ସରବେ
ଆଖିବୁଜି ଭକତିରେ
ଆଲୁଅରେ ଆସି ଅନ୍ଧାରରେ ଯାଅ
ଆଶିଷ ଦେଇକି ବାରେ ।।
ଡାଳଗଜା ଖଇ ଗୁଡ଼ ଛେନା ଦହି
କଦଳୀ ପ୍ରାସାଦ ବାଢ଼ି
ପୁରୋହିତ ନନା ପୂଜାକରେ ବସି
ବିଧିମତେ ମନ୍ତ୍ରପଢ଼ି ।।
ଆଲୋକମାଳାର ରୋଶଣି ଜଳଇ
ଝଲସେ ମରତପୁର
ଢୋ ଢୋ ବାଣଫୁଟାର ଶବଦ
ଆମ ପାଇଁ ସିନା କାଳ ।।
ଆସ ଆସ ଆମେ ଶରଣ ପଶିବା
କାଳୀ ମାତା ପାଦ ତଳେ
ଗୁହାରି କରିବା ହରିନେବା ପାଇଁ
ଦୁଃଖ ପାପ-ତାପ ହେଳେ ।।
ଆମ ସବୁରିଙ୍କ ହୃଦ ଅଗଣାରେ
ପ୍ରୀତିର ଦୀପାଳି ଜଳୁ
ସୁଖ-ଶାନ୍ତି ଫୁଲ ଖୁସିର କଳିକା
ମନର ତରୁରେ ଝୁଲୁ ।।

ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର
ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮



ବାତ୍ୟାକୁ ଚିଠି

ଡ. ଦ୍ୱିତୀ ଚନ୍ଦ୍ର ସାହୁ

ଟିଭିରେ ଖବର ଚାଲିଥିଲା । "ଆସୁଛି ବାତ୍ୟା ! ପ୍ରବଳ ବର୍ଷା ସହ ଝଡ଼ ତୋଫାନର ଆଶଙ୍କା । ସ୍କୁଲ ଛୁଟି ଘୋଷଣା କଲେ ସରକାର ।"

ଖବର ଶୁଣି ଚିକୁ ଖୁସିରେ ଡେଇଁପଡ଼ିଲା । ହେଲେ ସୁନ୍ଦରପୁର ଗାଁରେ ଖେଳିଗଲା ଚିନ୍ତାର ଛାୟା । ମହାବାତ୍ୟାର ଭୟଙ୍କର ରୂପ ଦେଖିଥିବା ଲୋକଙ୍କ ମନରେ ପୁଣି ଭୟ ଜାଗିଉଠିଲା । ଚାଷୀ ରଘୁ କାକା ନିଜ ପାଚିଲା ଧାନ କ୍ଷେତକୁ ଚାହିଁ ଚିନ୍ତାରେ ବସିଥିଲେ ।

ଚିକୁ ପଚାରିଲା, "କାକା, ତୁମେ ଦୁଃଖୀ କାହିଁକି ?"

ରଘୁ କାକା କହିଲେ, "ବାବାରେ, ଏଇ ଧାନ ମୋ ବର୍ଷକର ପରିଶ୍ରମ । ବାତ୍ୟା ଆସିଲେ ମୋ ସବୁ ସ୍ୱପ୍ନ ଭାଙ୍ଗିଯିବ ।"

କାକାଙ୍କ କଥା ଚିକୁର ମନକୁ ଛୁଇଁଗଲା । ସେ ଘରକୁ ଆସି ଗୋଟିଏ କାଗଜରେ ଲେଖିଲା-

ପ୍ରିୟ ବାତ୍ୟା,

ତୁମେ କୁଆଡ଼େ ଆସୁଛ ବୋଲି ସମସ୍ତେ କହୁଛନ୍ତି । ଟିଭିରେ ତୁମ କଥା ଶୁଣି ସମସ୍ତେ ଛାନିଆ । ଆମ ଗାଁରେ ରଘୁ କାକାଙ୍କ ଧାନ କ୍ଷେତରେ ସୁନା ଫଳିବାକୁ ଯାଉଛି । ତାଙ୍କର ବହୁତ ସ୍ୱପ୍ନ । ତୁମେ ଆସିଲେ ତାଙ୍କ ସ୍ୱପ୍ନ ଭାଙ୍ଗିଯିବ । କେତେ ଗରିବ ଲୋକଙ୍କ ଘର ଭାଙ୍ଗିଯିବ । ପକ୍ଷୀଙ୍କ ବସା ନଷ୍ଟ ହେବ ।

ତୁମକୁ ଅନୁରୋଧ କରୁଛି ଆସିବାକୁ ଚାହୁଁଛ ଯଦି ଆସ ! ଆକାଶରେ ବୁଲ, ମେଘକୁ ନଚାଅ, ମାଟିକୁ ଭିଜାଅ । ହେଲେ ଆମ ଘର ଭାଙ୍ଗନି । ଚାଷୀର ସ୍ୱପ୍ନ ଲୁଟି ନିଅନି ।

ଇତି
ତୁମର ଛୋଟ ବନ୍ଧୁ
ଚିକୁ

ରାତିରେ ଝଡ଼ ତୋଫାନ ଆରମ୍ଭ ହେଲା । ପରିବାର ସହ ଚିକୁ ସୁରକ୍ଷିତ ସ୍ଥାନରେ ରହିଲା । ସକାଳେ ବର୍ଷା ଥମିଲା, ହେଲେ ଗାଁରେ ଅନେକ କ୍ଷୟକ୍ଷତି ହୋଇଥିଲା । କେତେକ ଧାନ କ୍ଷେତରେ ଫସଲ ନଷ୍ଟ ହୋଇଯାଇଥିଲା ।

ଚିକୁ ରଘୁ କାକାଙ୍କ ପାଖକୁ ଯାଇ କହିଲା-"କାକା, ମୋ ଚିଠି ବାତ୍ୟା ପଢ଼ିଲାନି !"

କାକା ତାକୁ କୋଳେଇ ନେଇ କହିଲେ- "ପ୍ରକୃତି ଆମ ଚିଠି ପଢ଼ିପାରେନି ବାବା, ହେଲେ ମଣିଷ ମଣିଷର ଦୁଃଖ ବୁଝିପାରେ ।"

ଚିକୁ ସାଙ୍ଗମାନଙ୍କ ସହ ମିଶି ଗାଁର କ୍ଷତିଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କଲା । ରାସ୍ତା ସଫାରେ ସହଯୋଗ କଲା । ସେଦିନ ଚିକୁ ତା' ଡାଏରୀରେ ପୁଣି ଲେଖିଲା-

"ବାତ୍ୟା, ତୁମେ ମୋ ଚିଠି ପଢ଼ିଲନି, କିନ୍ତୁ ମୋତେ ମଣିଷର ଦୁଃଖ ପଢ଼ିବା ଶିଖାଇଦେଲ ।" ପଛରେ ଠିଆ ହୋଇଥିବା ବାପା ସବୁ ପଢି ଚିକୁକୁ କୋଳେଇ ଧରି ଖୁସିରେ ଗେଲ କରିବାକୁ ଲାଗିଲେ ।

ଇନ୍ଦିରା ନଗର, ଚତୁର୍ଥ ଗଳି,
ରାୟଗଡା- ୭୬୫୦୦୧
ମୋ- ୯୪୩୭୯୦୯୬୭୧

ରନ୍ ଚେଜ୍ ମାମଲାରେ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇଲେ ବିରାଟ କୋହଲି

ଅକ୍‌ଲାଣ୍ଡ



ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ବିରାଟ କୋହଲି ପୁଣି ଥରେ ନିଜ ବ୍ୟାଟିଂ ଦ୍ୱାରା ଅନେକ ରେକର୍ଡ ଭାଙ୍ଗିଛନ୍ତି। ଅକଲାଣ୍ଡର ଇଡେନ୍ ପାର୍କରେ ଖେଳାଯାଇଥିବା ଏହି ମ୍ୟାଚରେ କିଙ୍ଗ୍ କୋହଲି ୫୧ ବଲ୍‌ରୁ ୭୪ ରନର ଏକ ଦମ୍‌ଦାର ଇନିଂସ ଖେଳିଥିଲେ। ତାଙ୍କର ଏହି ଇନିଂସରେ ୧୩ଟି ଚୌକା ଏବଂ ଗୋଟିଏ ବିଶାଳ ଛକା ସାମିଲ ଥିଲା। ବର୍ଷା ବାଧିତ ଏହି ମ୍ୟାଚରେ ଡକଓ୍ୱର୍ଥ ଲୁଇସ୍ (ଡିଏଲଏସ୍) ନିୟମ ଅନୁଯାୟୀ ଭାରତକୁ ୧୪୩ ରନ୍‌ର ବିଜୟ ଲକ୍ଷ୍ୟ ମିଳିଥିଲା। ଏହାକୁ ଭାରତ ୨୨.୪ ଓଭରରେ ୫ ୱିକେଟ୍ ହରାଇ ହାସଲ କରିନେଇଥିଲା।

ମ୍ୟାଚ୍ ବିଜୟ ସହିତ ବିରାଟ କୋହଲି ଅନେକ ବଡ଼ ବ୍ୟକ୍ତିଗତ ସଫଳତା ମଧ୍ୟ ନିଜ ନାମରେ କରିଛନ୍ତି। ବିରାଟ ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆରେ ସର୍ବାଧିକ ରନ୍ କରିବା ମାମଲାରେ ରିକି ପଣ୍ଟିଂଙ୍କ ସହ ସମକକ୍ଷ ହୋଇଛନ୍ତି। ସେହିପରି ଦିନିକିଆରେ ରନ୍‌ର ପିଛା କରି ସର୍ବାଧିକ ରନ୍ କରିବା ମାମଲାରେ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ଦେଇଛନ୍ତି। ଏହା ବ୍ୟତୀତ ଶୁବମନ ଗିଲ୍‌ଙ୍କ ସହ ନିଜର ପାର୍ଟନରସିପ୍ ମଧ୍ୟ ଏକ ବିଶେଷ ରେକର୍ଡ ସୃଷ୍ଟି କରିଛି। କୋହଲି ଏହି ମ୍ୟାଚରେ ଅନେକ ସଫଳତା ହାସଲ କରିଛନ୍ତି, ଯାହା ତାଙ୍କର ଆକ୍ରମଣାତ୍ମକ ବ୍ୟାଟିଂ ଶୈଳୀକୁ ଦର୍ଶାଉଛି।

ବିରାଟ କୋହଲି ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ କ୍ରିକେଟରେ ଏକ ବଡ଼ ସଫଳତା ହାସଲ କରିଛନ୍ତି। ସେ ଏହି ଦଳ ବିପକ୍ଷରେ ସର୍ବାଧିକ ରନ୍ କରିଥିବା ବ୍ୟାଟ୍ସମ୍ୟାନ୍ ମାନଙ୍କ ତାଲିକାରେ ଯୁଗ୍ମ ଭାବେ ପ୍ରଥମ ସ୍ଥାନରେ ପହଞ୍ଚି ଯାଇଛନ୍ତି। କୋହଲିଙ୍କ ନାମରେ ବର୍ତ୍ତମାନ ନ୍ୟୁଜିଲାଣ୍ଡ ବିପକ୍ଷରେ ୧୯୭୧ ରନ୍ ହୋଇଯାଇଛି। ସେ ଏହି ମାମଲାରେ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂଙ୍କ ସହ ସମକକ୍ଷ ହୋଇଛନ୍ତି।

ବୋଲରଙ୍କ ଧମାଲ, କୋହଲିଙ୍କ କମାଲ

ନ୍ୟୁଜିଲାଣ୍ଡକୁ ୫ ୱିକେଟରେ ପରାସ୍ତ କଲା ଭାରତ

ଅକ୍‌ଲାଣ୍ଡ



ନ୍ୟୁଜିଲାଣ୍ଡ ଗସ୍ତରେ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଜିତିଥିବା ଭାରତ ଦିନିକିଆରେ ବି ଆଗୁଆ ହୋଇଯାଇଛି। ବୁଧବାର ସ୍ଥାନୀୟ ଇଡେନ୍ ପାର୍କରେ ଖେଳାଯାଇଥିବା ଘରୋଇ ଦଳ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌କୁ ଭାରତ ୫ ୱିକେଟ୍ (ଡିଏଲ୍‌ଏସ୍)ରେ ଜିତି ନେଇଛି। ୧୮୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭ୍ରମଣକାରୀ ଦଳ ୧ ରନ୍‌ରେ ରୋହିତ ଶର୍ମା (୦)ଙ୍କୁ ପ୍ରଥମ ଓଭରରେ ହରାଇଥିଲା। ଏହାପରେ ଅଧିନାୟକ ଶୁବମନ ଗିଲ୍ ଓ ବିରାଟ କୋହଲି ପାଳି ସମ୍ଭାଳି ନେଇଥିଲେ।

ଦଳୀୟ ସ୍କୋର ୧୦.୫ ଓଭରରେ ୫୪/୧ ଥିଲା ବେଳେ ବର୍ଷା ହୋଇଥିଲା। ମ୍ୟାଚ୍ ୧ ଘଣ୍ଟା ବନ୍ଦ ହେବା ପରେ ଭାରତ ସମ୍ମୁଖରେ ପରବର୍ତ୍ତିତ ବିଜୟ ଲକ୍ଷ୍ୟ ୪୦ ଓଭରରେ ୧୬୭ ରନ୍ ରହିଥିଲା। ଏହାପରେ ଆଉ ୨ ଓଭର ଖେଳାଯାଇ ଥିଲା, ପୁଣି ବର୍ଷା ହେବାରୁ ମ୍ୟାଚ୍ ଅଧଘଣ୍ଟା ସ୍ଥଗିତ ରହିଥିଲା। ଏହା ପରେ ଭାରତକୁ ନୂଆ ବିଜୟ ଲକ୍ଷ୍ୟ ୩୨ ଓଭରରେ ୧୪୩ ରନ୍ ମିଳିଥିଲା।

କୋହଲିଙ୍କ ସହ ଦଳକୁ ବିଜୟ ଦିଗରେ ନେଉଥିଲା ବେଳେ ନାଥନ ସ୍ମିଥ୍‌ଙ୍କ ବଲ୍‌ରେ ୱିକେଟ୍‌କିପର ଟମ୍ ଲାଥମଙ୍କ ହାତରେ ଧରାପଡ଼ି ଗିଲ୍ (୩୭, ୫୫ ବଲ୍, ୫ ଚୌକା) ପ୍ୟାଭିଲିୟନ୍ ଫେରିଥିଲେ। କିନ୍ତୁ ଉଭୟ ୧୧୩ ରନ୍‌ର ଭାଗୀଦାର ଗଢ଼ି ଭାରତର ବିଜୟ ଆଶା ଉଜ୍ଜୀବିତ ରଖିଥିଲେ। ଗିଲ୍‌ଙ୍କ ପରେ ଜାକବ ଡଫି ୩ ୱିକେଟ୍ ନେଇ ଭାରତର ବିଜୟ ବିଳମ୍ବ କରିଥିଲେ। ସେ ଅର୍ଦ୍ଧଶତକ ଅର୍ଜନ କରି ସାରିଥିବା କୋହଲି (୭୪, ୫୧ ବଲ୍, ୧୩ ଚୌକା, ୧ ଛକା)ଙ୍କ ସହ ଅକ୍ଷର ପଟେଲ (୦) ଓ ଶ୍ରେୟସ ଆୟର (୧୫)ଙ୍କୁ ପ୍ୟାଭିଲିୟନ୍ ପଠାଇଥିଲେ। ଶେଷରେ କେଏଲ୍ ରାହୁଲ (୩*) ଓ ନମନ ଧୀର (୫*) ଅପରାଜିତ ରହି ୫୬ ବଲ୍ ପୂର୍ବରୁ ବିଜୟ ମୁଣ୍ଡି ମାରିଥିଲେ। ଅଂଶୁଲ କମ୍ବୋଜଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା। ଅନ୍ୟପକ୍ଷରେ କୋହଲି (୮୭୪୧) ନିଜର ଏହି ଅର୍ଦ୍ଧଶତକୀୟ ପାଳି ବଳରେ ପଶ୍ଚାତ୍‌ଧାବନ ଦିନିକିଆ ରନ୍‌ରେ କିଂବଦନ୍ତୀ ସଚିନ ତେନ୍ଦୁଲକର (୮୭୨୦)ଙ୍କୁ ଟପିଛନ୍ତି।

ପୂର୍ବରୁ ଅର୍ଶଦୀପ ସିଂହ, ଗୁରନୂର ବ୍ରାର ଓ କମ୍ବୋଜଙ୍କ ଘାତକ ବୋଲିଂକୁ ସାମ୍ନା କରି ନ ପାରି ଟସ୍ ହାରି ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୪୦.୨ ଓଭରରେ ୧୮୫ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ହେଲେ ୧୧ ନମ୍ବର ବ୍ୟାଟର ବ୍ଲେୟର ଟିକ୍‌ନରଙ୍କ ୨୩ ବଲ୍‌ରୁ ୧ ଚୌକା ଓ ୪ ଛକା ସହାୟତାରେ ୩୪ ରନ୍‌ର ବିସ୍ଫୋରକ ପାଳି ଯୋଗୁଁ ଘରୋଇ ଦଳ ସମ୍ମାନ ଜନକ ସ୍କୋର କରିପାରିଥିଲା। ଅର୍ଶଦୀପଙ୍କ ଶେଷ ଓଭରରେ ଟିକ୍‌ନର ୩ଟି ଛକା ମାରି ଦଳୀୟ ସ୍କୋର ୧୮୦ ପାର୍ କରିଥିଲେ। ଅର୍ଶଦୀପ ୪, ଗୁରନୂର ୩, ଅଂଶୁଲ ୨ ୱିକେଟ୍ ନେବା ସହ ୪୬ଟି ଡଟ୍ ବଲ୍ ପକାଇ ଘରୋଇ ଦଳର ବ୍ୟାଟରଙ୍କୁ ବାନ୍ଧି ରଖିଥିଲେ।

ପାୱାରପ୍ଲେରେ ଅର୍ଶଦୀପ ୨ ୱିକେଟ୍ ନେଇ ନ୍ୟୁଜିଲାଣ୍ଡକୁ ଚାପରେ ରଖିଥିଲେ। ପ୍ରଥମ ୧୦ ଓଭରରେ ଘରୋଇ ଦଳ ମାତ୍ର ୪୫/୨ କରିଥିଲା। ଟିମ୍ ସେଫର୍ଟ (୩୮) ଓ ଡାରିଲ ମିଚେଲ (୨୮) ତୃତୀୟ ୱିକେଟ୍‌ରେ ୩୩ ରନ୍ ଯୋଡ଼ି ପାଳି ସମ୍ଭାଳି ନେଇଥିଲେ। ଏହାପରେ ଦଶମ ୱିକେଟ୍‌ରେ ଟିକ୍‌ନର ଓ ଡଫି (୧୫*)ଙ୍କ ୪୫ ରନ୍ ଦ୍ୱିତୀୟ ସର୍ବାଧିକ ଭାଗୀଦାର ହୋଇଥିଲା।

ସଂକ୍ଷିପ୍ତ ସ୍କୋର : ନ୍ୟୁଜିଲାଣ୍ଡ ୪୨.୨ ଓଭରରେ ୧୮୫ (ଟିମ୍ ସେଫର୍ଟ ୩୮, ବ୍ଲେୟର ଟିକ୍‌ନର ୩୪, ଗ୍ଲେନ୍ ଫିଲିପ୍ସ ୩୦, ଅର୍ଶଦୀପ ସିଂହ ୪/୭୦, ଗୁରନୂର ବ୍ରାର ୩/୪୪, ଅଂଶୁଲ କମ୍ବୋଜ ୨/୨୨)। ଭାରତ ୨୨.୪ ଓଭରରେ ୧୪୩/୫ (ବିରାଟ କୋହଲି ୭୪ , ଶୁବମନ ଗିଲ୍ ୩୭, ଜାକବ ଡଫି ୩/୪୯, ନାଥନ ସ୍ମିଥ୍ ୧/୨୧, କାଇଲ ଜାମିସନ ୧/୩୪)।

ବିଶ୍ୱକପ ପୂର୍ବରୁ ଫିଟ୍‌ନେସ୍ ପରୀକ୍ଷା : ବିଜୟ ହଜାରେ ଟ୍ରଫିକୁ ଫେରିବେ ରୋହିତ

ନୂଆଦିଲ୍ଲୀ



ଭାରତୀୟ କ୍ରିକେଟ୍ ପ୍ରେମୀଙ୍କ ପାଇଁ ଖୁସି ଖବର। ପୂର୍ବତନ ଟିମ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ଘରୋଇ କିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଆଗାମୀ ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଖେଳିବା ପାଇଁ ସେ ଆଗ୍ରହୀ ଥିବା ମୁମ୍ବାଇ କ୍ରିକେଟ୍ ଆସୋସିଏସନକୁ ଲିଖିତ ଭାବେ ଜଣାଇଛନ୍ତି। ତାଙ୍କୁ ଦଳରେ ସାମିଲ କରିବା ପାଇଁ ବିଚାର କରିବାକୁ ସେ ଆସୋସିଏସନ ନିକଟରେ ଜଣାଇଛନ୍ତି।

ଡିସେମ୍ବର ୧୪ରୁ ୨୯ ତାରିଖ ମଧ୍ୟରେ ବିଜୟ ହଜାରେ ଟ୍ରଫିର ଲିଗ୍ ରାଉଣ୍ଡ ଓ ଜାନୁଆରୀ ୨ରୁ ୮ ତାରିଖ ମଧ୍ୟରେ ନକ ଆଉଟ୍ ରାଉଣ୍ଡ ଅନୁଷ୍ଠିତ ହେବ। ଡିସେମ୍ବର ୩ରୁ ୧୯ ତାରିଖ ମଧ୍ୟରେ ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ରହିଛି। ରୋହିତ ଦିନିକିଆ ଦଳର ସଦସ୍ୟ ରହିଛନ୍ତି। ତେଣୁ କରି ଏହି ସମୟ ମଧ୍ୟରେ ସେ ବିଜୟ ହଜାରେ ଟ୍ରଫିର ମ୍ୟାଚ୍ ଖେଳି ପାରିବେ ନାହିଁ। ଦିନିକିଆ ସିରିଜ ପରେ ରୋହିତ ତୁରନ୍ତ ମୁମ୍ବାଇ ଦଳରେ ଯୋଗ ଦେଇ ବାକି ଲିଗ୍ ମ୍ୟାଚ ଖେଳିବେ। ଜାନୁଆରୀ ମାସ ୩ ତାରିଖରୁ ଜିମ୍ବାୱେ ଦଳ ଭାରତ ଗସ୍ତରେ ଆସି ୩ଟି ଦିନିକିଆ ଖେଳିବ। ରୋହିତ ଉକ୍ତ ସିରିଜ ଖେଳିବା ନିଶ୍ଚିତ ରହିଛି।

ସୂଚନାଯୋଗ୍ୟ, ରୋହିତ ଟେଷ୍ଟ ଓ ଟି ଟ୍ୱେଣ୍ଟିରୁ ଅବସର ନେଇ ସାରିଛନ୍ତି। ୨୦୨୭ ବିଶ୍ୱକପ୍ ଖେଳିବାର ଆଶା ରଖି ରୋହିତ ନିଜ ଫିଟନେସ୍ ଉପରେ ବେଶ୍ ଧ୍ୟାନ ଦେଉଛନ୍ତି। ରୋହିତ ବର୍ତ୍ତମାନ କେବଳ ଗୋଟିଏ ଫର୍ମାଟ୍ ଖେଳୁଛନ୍ତି ଏବଂ ୨୦୨୭ ଦିନିକିଆ ବିଶ୍ୱକପ ପୂର୍ବରୁ ଖେଳ ଫିଟନେସ୍ ବଜାୟ ରଖିବା ଦୃଷ୍ଟିରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ମୁମ୍ବାଇ କ୍ରିକେଟ୍ ଆସୋସିଏସନର ଏକ ସୂତ୍ରରୁ ପ୍ରକାଶ ଯେ, ରୋହିତ ଶର୍ମା ତାଙ୍କ ସହ ଯୋଗାଯୋଗ କରିଛନ୍ତି ଏବଂ ଶ୍ରୀଲଙ୍କା ସିରିଜ୍ ଶେଷ ହେବା ପରେ ସେ ବିଜୟ ହଜାରେ ଟ୍ରଫି ପାଇଁ ଉପଲବ୍ଧ ହେବେ ବୋଲି କହିଛନ୍ତି। ସୂତ୍ରରୁ ଏହା ମଧ୍ୟ କୁହାଯାଇଛି ଯେ, ରୋହିତ ଶର୍ମା ନିଜେ ପରେ କହିବେ ଯେ ସେ କେତେ ମ୍ୟାଚ୍ ପାଇଁ ଉପଲବ୍ଧ ହେବାକୁ ଚାହୁଁଛନ୍ତି। ଶ୍ରୀଲଙ୍କା ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଡିସେମ୍ବର ୧୩ରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ସେତେବେଳକୁ ମୁମ୍ବାଇ ତା'ର ତିନୋଟି ମ୍ୟାଚ୍ ଖେଳିଥିବ। ଶ୍ରୀଲଙ୍କା ସିରିଜ୍ ଶେଷ ହେବା ପରେ ମୁମ୍ବାଇର ପରବର୍ତ୍ତୀ ମ୍ୟାଚ୍ ଡିସେମ୍ବର ୨୧ରେ ସର୍ଭିସେସ୍ ବିପକ୍ଷରେ ଖେଳିବ। ଏହି ମ୍ୟାଚରେ ରୋହିତଙ୍କ ପ୍ରତ୍ୟାବର୍ତ୍ତନ ହୋଇପାରେ।

ଭାରତ-ପାକିସ୍ତାନ ମ୍ୟାଚ୍ ଟିକେଟ୍ ପାଇଁ ସାରା ବିଶ୍ୱରେ ହଇଚଇ

୩୪ ହଜାର ସିଟ୍ ପାଇଁ ୮୪ ଲକ୍ଷ ଆବେଦନ !

ନୂଆଦିଲ୍ଲୀ

ଆସନ୍ତା ବର୍ଷ ହେବାକୁ ଥିବା ଦିନିକିଆ ବିଶ୍ୱକପ୍‌ରେ ଭାରତ-ପାକିସ୍ତାନ ମହାମୁକାବିଲାକୁ ନେଇ ବର୍ତ୍ତମାନଠାରୁ ଏଭଳି ଉତ୍ସାହ ଦେଖାଦେଇଛି ଯେ ଟିକେଟ୍ ପାଇଁ ଲକ୍ଷ ଲକ୍ଷ ଲୋକ ଲାଇନରେ ଅଛନ୍ତି। ଦକ୍ଷିଣ ଆଫ୍ରିକାର ଜୋହାନେସବର୍ଗସ୍ଥିତ 'ଦି ୱାଣ୍ଡରର୍ସ ଷ୍ଟାଡିୟମ'ରେ ୧୦ ଅକ୍ଟୋବର ୨୦୨୭ରେ ହେବାକୁ ଥିବା ଏହି ମ୍ୟାଚ୍ ପାଇଁ ଏପର୍ଯ୍ୟନ୍ତ ପ୍ରାୟ ୮୪ ଲକ୍ଷ କ୍ରିକେଟ୍ ପ୍ରଶଂସକ ଟିକେଟ୍ ଆବେଦନ କରିସାରିଛନ୍ତି। ସବୁଠାରୁ ଖାସ୍ କଥା ହେଉଛି, ଏହି ଷ୍ଟାଡିୟମର ଦର୍ଶକ କ୍ଷମତା ମାତ୍ର ୩୪ ହଜାର। ଅର୍ଥାତ୍ ଉପଲବ୍ଧ ସିଟ୍ ତୁଳନାରେ ଟିକେଟ୍‌ର ଚାହିଦା ଅନେକ ଗୁଣା ଅଧିକ ରହିଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଅନୁଯାୟୀ, ଭାରତ-ପାକିସ୍ତାନ ମହାମୁକାବିଲା ପାଇଁ ମୋଟ ୮୩,୯୭,୨୯୪ଟି ଟିକେଟ୍ ଆବେଦନ ମିଳିଛି। ଏହା ଏହି ଟୁର୍ଣ୍ଣାମେଣ୍ଟର ଏପର୍ଯ୍ୟନ୍ତ ସବୁଠାରୁ ଅଧିକ ଚାହିଦା ଥିବା ମ୍ୟାଚ୍ ବନିଯାଇଛି। ଏପରିକି ବିଶ୍ୱକପ୍ ଫାଇନାଲ୍ ମଧ୍ୟ ଟିକେଟ୍ ଚାହିଦା ମାମଲାରେ ଏହାଠାରୁ ପଛରେ ରହିଛି।

୨୦୨୭ ଦିନିକିଆ ବିଶ୍ୱକପ୍‌ର ଫାଇନାଲ୍ ମଧ୍ୟ ଜୋହାନେସବର୍ଗର ଏହି ସମାନ ୱାଣ୍ଡରର୍ସ ଷ୍ଟାଡିୟମରେ ୨୧ ନଭେମ୍ବରରେ ଖେଳାଯିବ। ଏହି ମ୍ୟାଚ୍ ପାଇଁ ଏପର୍ଯ୍ୟନ୍ତ ୭୯,୦୦,୯୪୪ଟି ଟିକେଟ୍ ଆବେଦନ ମିଳିସାରିଛି। ଏହିପରି ଭାବେ ଫାଇନାଲ୍ ହେଉଛି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସବୁଠାରୁ ଅଧିକ ଚାହିଦା ଥିବା ମ୍ୟାଚ୍। ଭାରତ-ପାକିସ୍ତାନ ମ୍ୟାଚ୍ ଏବଂ ଫାଇନାଲ୍ ଟିକେଟ୍ ଚାହିଦା ମଧ୍ୟରେ ଥିବା ଏହି ପାର୍ଥକ୍ୟ ଦୁଇ ଦେଶ ମଧ୍ୟରେ ଥିବା ପ୍ରତିଦ୍ୱନ୍ଦ୍ୱିତାର ଲୋକପ୍ରିୟତାକୁ ଦର୍ଶାଉଛି। ତେବେ ଉଭୟ ମ୍ୟାଚ୍ ପାଇଁ ଉପଲବ୍ଧ ସିଟ୍ ତୁଳନାରେ ଆବେଦନ ସଂଖ୍ୟା ବହୁତ ଅଧିକ ରହିଛି।

ଆଇସିସି ଅନୁଯାୟୀ ୨୦୨୭ ବିଶ୍ୱକପ୍ ପାଇଁ ସାରା ବିଶ୍ୱର ୧୯୩ଟି ଦେଶରୁ ୨୮ ଲକ୍ଷ ଅଲଗା ଅଲଗା ପ୍ରଶଂସକ ଟିକେଟ୍ ପାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏପର୍ଯ୍ୟନ୍ତ ମୋଟ ୧୨ କୋଟିରୁ ଅଧିକ ଟିକେଟ୍ ଆବେଦନ ମିଳିସାରିଛି। ଅନ୍ୟପଟେ ୩.୨ କୋଟିରୁ ଅଧିକ ମ୍ୟାଚ୍ ରଜିଷ୍ଟ୍ରେସନ୍ ସମ୍ପୂର୍ଣ୍ଣ ହୋଇଛି। ଏଥିରୁ ଜଣାପଡୁଛି ଯେ ଦର୍ଶକଙ୍କ ଆଗ୍ରହ କେବଳ ଭାରତ-ପାକିସ୍ତାନ ଭଳି ବଡ଼ ମହାମୁକାବିଲା ମଧ୍ୟରେ ସୀମିତ ହୋଇ ରହିନାହିଁ। ଟିକେଟ୍ ଆବେଦନ ମାମଲାରେ ଦକ୍ଷିଣ ଆଫ୍ରିକା, ବ୍ରିଟେନ, ଭାରତ, ଆମେରିକା ଓ ଅଷ୍ଟ୍ରେଲିଆ ଶୀର୍ଷ ଦେଶଗୁଡ଼ିକ ମଧ୍ୟରେ ସାମିଲ ଅଛନ୍ତି। କେବଳ ଆଫ୍ରିକୀୟ ମହାଦେଶରୁ ୧.୪୯ କୋଟିରୁ ଅଧିକ ଟିକେଟ୍ ଆବେଦନ ଆସିଛି।

ଦକ୍ଷିଣ ଆଫ୍ରିକାର ୮ଟି ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ୪୧ଟି ମ୍ୟାଚ୍ ପାଇଁ ୧୦.୫ କୋଟିରୁ ଅଧିକ ଟିକେଟ୍ ଆବେଦନ ମିଳିଛି। ଏଥିମଧ୍ୟରେ ଆୟୋଜକ ଦକ୍ଷିଣ ଆଫ୍ରିକାର ୧୧ଟି ମ୍ୟାଚ୍ ପାଇଁ ଆସିଥିବା ପ୍ରାୟ ୨.୬ କୋଟି ଆବେଦନ ସାମିଲ ରହିଛି। ଏହି ୧୧ଟି ମ୍ୟାଚ୍ ମଧ୍ୟରେ ପୂର୍ବରୁ ସ୍ଥିର ହୋଇଥିବା 'ସୁପର-୭' ପର୍ଯ୍ୟାୟର ମ୍ୟାଚ୍‌ଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ।

ଜିମ୍ବାୱେରେ ମଧ୍ୟ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ସେଠାରେ ମୋଟ ଟିକେଟ୍ ଆବେଦନ ସଂଖ୍ୟା ୧.୩ କୋଟି ଅତିକ୍ରମ କରିସାରିଛି। ଅକ୍ଟୋବର ୨୪ ତାରିଖରେ ଭିକ୍ଟୋରିଆ ଫଲ୍‌ସର ନୂତନ 'ମୋସି-ଓ-ତୁନ୍ୟା ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ'ରେ ଜିମ୍ବାୱେ ଏବଂ ଭାରତ ମଧ୍ୟରେ ହେବାକୁ ଥିବା ମ୍ୟାଚ୍ ପାଇଁ ହିଁ ୩୩ ଲକ୍ଷରୁ ଅଧିକ ଆବେଦନ ଆସିଛି। ସେହିପରି ନାମିବ୍ୟାର ୱିଣ୍ଡହୋକସ୍ଥିତ 'ନାମିବ୍ୟା କ୍ରିକେଟ ଗ୍ରାଉଣ୍ଡ'ରେ ଖେଳାଯିବାକୁ ଥିବା ୬ଟି ମ୍ୟାଚ୍ ପାଇଁ ୨୦ ଲକ୍ଷରୁ ଅଧିକ ଟିକେଟ୍ ଆବେଦନ ମିଳିଛି। ଏଥିମଧ୍ୟରେ ଅକ୍ଟୋବର ୮ ତାରିଖରେ ଇଂଲଣ୍ଡ ଏବଂ ବାଂଲାଦେଶ ମଧ୍ୟରେ ହେବାକୁ ଥିବା ମ୍ୟାଚ୍ ପାଇଁ ଆସିଥିବା ପ୍ରାୟ ୯ ଲକ୍ଷ ଆବେଦନ ସାମିଲ ଅଛି।

୨୦୨୭ ଦିନିକିଆ ବିଶ୍ୱକପ୍ ୨୪ ବର୍ଷ ପରେ ଆଫ୍ରିକୀୟ ମାଟିକୁ ଫେରୁଛି। ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟା ମିଳିତ ଭାବେ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରିବେ। ଏଥିରେ ୧୪ଟି ଦଳ ୧୨ଟି ଷ୍ଟାଡିୟମରେ ମୋଟ ୫୭ଟି ମ୍ୟାଚ୍ ଖେଳିବେ। ଟିକେଟ୍ ବାଲଟ୍ ପାଇଁ ଆବେଦନ କରିବାର ଶେଷ ତାରିଖ ୨୧ ନଭେମ୍ବର ୨୦୨୬ ରାତି ୧୧:୫୯ (ଦକ୍ଷିଣ ଆଫ୍ରିକା ସମୟ) ପର୍ଯ୍ୟନ୍ତ ରହିଛି। ପ୍ରଶଂସକମାନେ ଆଇସିସିର ଆଧିକାରିକ ଟିକେଟ୍ ୱେବସାଇଟ୍‌ରେ ନିଜ ପସନ୍ଦର ମ୍ୟାଚ୍‌ଗୁଡ଼ିକ ପାଇଁ ରଜିଷ୍ଟ୍ରେସନ୍ କରିପାରିବେ। ଯେଉଁ ମ୍ୟାଚ୍‌ଗୁଡ଼ିକ ପାଇଁ ଚାହିଦା ଉପଲବ୍ଧ ଟିକେଟ୍ ତୁଳନାରେ ଅଧିକ ରହିବ, ସେହି ଟିକେଟ୍‌ଗୁଡ଼ିକର ଆବଣ୍ଟନ ରେଣ୍ଡମ୍ ବାଲଟ୍ ପ୍ରକ୍ରିୟା ଜରିଆରେ କରାଯିବ। ନିର୍ଦ୍ଧାରିତ ସମୟ ମଧ୍ୟରେ ରଜିଷ୍ଟ୍ରେସନ୍ କରିନଥିବା ପ୍ରଶଂସକ ମାନେ ଏହି ବାଲଟ୍ ଜରିଆରେ ଟିକେଟ୍ ପାଇବାକୁ ଯୋଗ୍ୟ ବିବେଚିତ ହେବେ ନାହିଁ।

ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି : ମାଲେସିଆ ବିପକ୍ଷରୁ ଭାରତର ଅଭିଯାନ

ଭୋପାଳ

ଚଳିତ ମାସ ୧୯ରୁ ଭୋପାଳସ୍ଥିତ ନାଥୁ ବର୍ଖେଡା ଅନ୍ତର୍ଜାତୀୟ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ନବନିର୍ମିତ ହକି ଷ୍ଟାଡିୟମ୍‌ରେ ଆରମ୍ଭ ହେବାକୁ ଯାଉଛି ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି। ଏହି ୬ ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଲଗାତାର ତୃତୀୟ ଟ୍ରଫି ଜିତିବା ଆଶାରେ ଥିବା ଘରୋଇ ଦଳ ଭାରତ ଉଦ୍‌ଘାଟନୀ ଦିବସରେ ମାଲେସିଆ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୨୧ରେ ଦକ୍ଷିଣ କୋରିଆ, ୨୨ରେ ଥାଇଲାଣ୍ଡ, ୨୪ରେ ଚୀନ୍, ୨୫ରେ ଜାପାନ ବିପକ୍ଷରେ ଖେଳିବ। ଏହି ପ୍ରତିଯୋଗିତାରେ ଆୟୋଜକ ଭାରତ ସହ ଜାପାନ, ଚୀନ, ମାଲେସିଆ, ଥାଇଲାଣ୍ଡ ଓ ଦକ୍ଷିଣ କୋରିଆ ଅଂଶଗ୍ରହଣ କରିବେ। ପ୍ରତି ଦଳ ନିଜ ନିଜ ମଧ୍ୟରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ।

ବିଡବ୍ଲୁଏଫ ୱାର୍ଲ୍ଡ ଟୁର୍ ଫାଇନାଲ୍ସ ପାଇଁ କ୍ୱାଲିଫାଏ କଲେ ପିଭି ସିନ୍ଧୁ

ନୂଆଦିଲ୍ଲୀ



ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପିଭି ସିନ୍ଧୁ ବିଡବ୍ଲୁଏଫ ୱାର୍ଲ୍ଡ ଟୁର୍ ଫାଇନାଲ୍ସ ପାଇଁ କ୍ୱାଲିଫାଏ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ଡିସେମ୍ବର ୯ ରୁ ୧୩ ପର୍ଯ୍ୟନ୍ତ ଚୀନର ହୋଙ୍ଗଝୋଉରେ ଖେଳାଯିବ। ସିନ୍ଧୁ ୨୦୨୧ ପରେ ପ୍ରଥମ ଥର ପାଇଁ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବେ। ସେ ୨୦୨୧ରେ ଏହି ଟୁର୍ଣ୍ଣାମେଣ୍ଟର ରନର୍ସ-ଅପ୍ ଥିଲେ। ୨୦୨୨ରେ ମଧ୍ୟ ସିନ୍ଧୁ ବିଡବ୍ଲୁଏଫ ୱାର୍ଲ୍ଡ ଟୁର୍ ଫାଇନାଲ୍ସ ପାଇଁ କ୍ୱାଲିଫାଏ କରିଥିଲେ, କିନ୍ତୁ ବାମ ଗୋଡ଼ର ଗଣ୍ଠିରେ ଷ୍ଟ୍ରେସ୍ ଫ୍ରାକ୍ଚର ଯୋଗୁଁ ତାଙ୍କୁ ନିଜ ନାମ ପ୍ରତ୍ୟାହାର କରିବାକୁ ପଡ଼ିଥିଲା। ଏହାପରେ ସେ ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିନଥିଲେ।

ସୂଚନାଯୋଗ୍ୟ ଯେ ବିଡବ୍ଲୁଏଫ ୱାର୍ଲ୍ଡ ଟୁର୍ ମହିଳା ସିଙ୍ଗଲ୍ସରେ ୮ ଜଣ ଖେଳାଳିଙ୍କୁ ସ୍ଥାନ ମିଳିଥାଏ। ଏମାନଙ୍କ ମଧ୍ୟରୁ ସିନ୍ଧୁଙ୍କ ସମେତ ୫ ଜଣ ଖେଳାଳି କ୍ୱାଲିଫାଏ କରିସାରିଛନ୍ତି। ସାଉଥ୍ କୋରିଆର ଆନ୍ ସେ-ୟଙ୍ଗ, ଜାପାନର ଆକାନେ ୟାମାଗୁଚି ଏବଂ ଚୀନର ୱାଙ୍ଗ୍ ଜି ୟୀ ଓ ଚେନ୍ ୟୁ ଫେଇ ମଧ୍ୟ ନିଜ ସ୍ଥାନ ପକ୍କା କରିସାରିଛନ୍ତି। ବାକି ୩ଟି ସ୍ଥାନ ପାଇଁ ୬ ଜଣ ଖେଳାଳିଙ୍କ ମଧ୍ୟରେ ମୁକାବିଲା ହେବ।

ପିଭି ସିନ୍ଧୁ ୨୦୨୬ରେ ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେ ଜୁଲାଇ ମାସରେ ଜାପାନ ଓପନ୍ ଟାଇଟଲ୍ ଜିତିଥିଲେ। ୧୯ ଜୁଲାଇରେ ଖେଳାଯାଇ ଥିବା ଫାଇନାଲ୍ ମ୍ୟାଚ୍‌ରେ ସିନ୍ଧୁ ଜାପାନର ଆକାନେ ୟାମାଗୁଚିଙ୍କୁ ୨୧-୧୭, ୨୧-୧୭ରେ ପରାସ୍ତ କରିଥିଲେ।

ଏହାପରେ ଅକ୍ଟୋବରରେ ସେ ଫ୍ରେଞ୍ଚ ଓପନ୍ ଫାଇନାଲରେ ପହଞ୍ଚିଥିଲେ। ତେବେ ଟାଇଟଲ୍ ମୁକାବିଲାରେ ତାଙ୍କୁ ଆନ୍ ସେ-ୟଙ୍ଗଙ୍କ ବିପକ୍ଷରେ ୨୧-୧୬, ୧୧-୨୧, ୧୨-୨୧ ରେ ପରାଜିତ ହେବାକୁ ପଡ଼ିଥିଲା। ସିନ୍ଧୁ ଏହାର ଏକ ସପ୍ତାହ ପରେ ଜର୍ମାନୀରେ ହାଇଲୋ ଓପନ୍ ଟାଇଟଲ୍ ଜିତି ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଫାଇନାଲରେ ଡେନମାର୍କର ଲାଇନ୍ ହଜମାର୍କ କ୍ୟାର୍ସଫେଲ୍ଡଙ୍କୁ ୩୯ ମିନିଟରେ ୨୧-୧୨, ୨୧-୧୪ରେ ପରାସ୍ତ କରିଥିଲେ।

ସଦ୍ୟତମ ବିଡବ୍ଲୁଏଫ ୱାର୍ଲ୍ଡ ର୍‍ୟାଙ୍କିଂରେ ସିନ୍ଧୁ ୭୪୪୨୧ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛନ୍ତି। ଡିସେମ୍ବର ୨୦୨୨ ପରେ ଏହା ତାଙ୍କର ସର୍ବଶ୍ରେଷ୍ଠ ର୍‍ୟାଙ୍କିଂ ଅଟେ। ୱାର୍ଲ୍ଡ ଟୁର୍ ଫାଇନାଲ୍ସ ପାଇଁ ଅଲଗା ରେସ୍ ର୍‍ୟାଙ୍କିଂ ହୋଇଥାଏ। ଏଥିରେ ସିନ୍ଧୁ ୮୧୦୬୦ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ଅଛନ୍ତି। ନିୟମିତ ୱାର୍ଲ୍ଡ ର୍‍ୟାଙ୍କିଂରେ ବିଗତ ୫୨ ସପ୍ତାହର ପ୍ରଦର୍ଶନକୁ ଗଣାଯାଏ, ଯେବେକି ୱାର୍ଲ୍ଡ ଟୁର୍ ରେସ୍‌ରେ ଚଳିତ ସିଜନର ସର୍ବଶ୍ରେଷ୍ଠ ୧୪ଟି ଟୁର୍ଣ୍ଣାମେଣ୍ଟର ପଏଣ୍ଟ ସାମିଲ ହୋଇଥାଏ। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଗୋଟିଏ ଦେଶରୁ ସର୍ବାଧିକ ୨ ଜଣ ଖେଳାଳି କ୍ୱାଲିଫାଏ କରିପାରିଥାନ୍ତି।

ଜାତୀୟସ୍ତରରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ ୱାସିଫୁଲ୍ଲା-ଅନନ୍ୟା



କଟକ, ନ୍ୟୁଜ୍‌ବ୍ୟୁରୋ

୩୯ତମ ରାଜ୍ୟସ୍ତରୀୟ ତାଇକୋଣ୍ଡୋ ଚାମ୍ପିୟନସିପ୍ ୨୦୨୬ରେ ନେତାଜୀ ତାଇକୋଣ୍ଡୋ ଏକାଡେମୀର ଦୁଇ ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରି କେବଳ ଏକାଡେମୀ ନୁହେଁ, ସମଗ୍ର କଟକ ଜିଲ୍ଲା ତଥା ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। କଟକସ୍ଥିତ ଜବାହରଲାଲ ନେହରୁ ଇନଡୋର ଷ୍ଟାଡିୟମ୍‌ରେ ଅକ୍ଟୋବର ୩୦ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାର ପୁମସେ ପେୟାର ବିଭାଗରେ ଏକାଡେମୀର ଏସ୍.କେ. ୱାସିଫୁଲ୍ଲା ଓ ଅନନ୍ୟା ସ୍ୱାଇଁ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ଏହି ସଫଳତା ସହ ଉଭୟ ଖେଳାଳି ଆଗାମୀ ଜାତୀୟସ୍ତରୀୟ ତାଇକୋଣ୍ଡୋ ଚାମ୍ପିୟନସିପ୍‌ରେ ଓଡ଼ିଶା ରାଜ୍ୟକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି। ଜାତୀୟ ପ୍ରତିଯୋଗିତାର ତାରିଖ ଓ ସ୍ଥାନ ପରବର୍ତ୍ତୀ ସମୟରେ ଘୋଷଣା କରାଯିବ। ଏହି ସଫଳତା ପଛରେ ପ୍ରଶିକ୍ଷକ ସୁଭାଙ୍ଗିନୀ ନାୟକ ଓ ବିଶ୍ୱଜିତ ନାୟକଙ୍କ ନିରନ୍ତର ପ୍ରଶିକ୍ଷଣ, ମାର୍ଗଦର୍ଶନ ଓ ପରିଶ୍ରମ ରହିଛି। ଖେଳାଳିଦ୍ୱୟଙ୍କ ଏହି କୃତିତ୍ୱ ପାଇଁ ଏକାଡେମୀ ପକ୍ଷରୁ ଉଭୟଙ୍କୁ ଅଭିନନ୍ଦନ ଜଣାଯାଇଛି। ଆଗାମୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ସେମାନେ ଉତ୍କୃଷ୍ଟ ପ୍ରଦର୍ଶନ କରି ଓଡ଼ିଶା ପାଇଁ ଗୌରବ ଆଣିବେ ବୋଲି ଆଶା ପ୍ରକାଶ କରାଯାଇଛି।

OFFICE OF THE SUPERINTENDING ENGINEER,
P.H. DIVISION, BHUBANESWAR, SAHID NAGAR, ODISHA
Phone / FAX :- 0674-2540578 (O) / e-Mail: eephiiibbsr@gmail.com
13001/2369/2627
No. 9785 Dt. 04.11.2026
1st Corrigendum to Bid ID No. 44 of 2026-27 Dt.29.10.2026 (Sl. No-1&2)
The following amendments have been made to the NIT for the work:
Sl. No. 1) Provision of supply & Installation of 2nos of Diesel Generator at zone-2 & zone-6 (82.5 KVA) pump house under P.H. Section, Dasapalla.
Sl. No. 2) Procurement, Installation & testing of 40 KVA DG Sets at Kadalibandha Pump house under P.H. Section, Odagaon.
vide tender identification No. 44 of 2026-27 Dt.29.10.2026 (Sl. No-1&2) is detailed below.

Existing	May be read as follows
In DTCN Section-6 Technical Specification & Design Criteria- 6.19 List of Approved Manufactures for Silent DG Set for Industrial Use 1. Kirloskar 2. Sterling 3. Elmech	In DTCN Section-6 Technical Specification & Design Criteria- 6.19 List of Approved Manufactures for Silent DG Set for Industrial Use 1. Kirloskar- Elmech 2. Sterling 3. Mahindra GSP 4. Jakson

All other terms and conditions of the remain unchanged.
Sd/- EXECUTIVE ENGINEER
P.H. Division, Bhubaneswar
OIPR-13001/13205/1/26-27/0016

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, JAJPUR
25001/1446/2627
e-PROCUREMENT NOTICE NO. Tender Online 09 JJPT of 2026-27
1. Name of work : Building Works.
2. Total No of Work : 31 Nos. Building Works.
3. Estimated Cost (Approx.) : Rs 2.52 to 8.39 Lakhs
4. Period of Completion : 30 Days
5. Class of contractors : "D & C" Class
Other details as follows:
a) Procurement officer : Superintending Engineer, Rural Works Division, Jajpur
b) Availability of tender online & submission of bid : 09.11.2026 at 10.00 AM to 23.11.2026 upto 5.00 PM
c) Last date & time of seeking of tender clarification : 21.11.2026 up to 5.00 PM
d) Opening of Technical Bid : 25.11.2026 at 11.30 A.M.
Further details can be seen from the Govt. website www.tendersodisha.gov.in
Sd/- Superintending Engineer
Rural Works Division, Jajpur
OIPR-25001/25047/1/26-27/0012

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-751001
13001/2368/2627
ପତ୍ର ସଂଖ୍ୟା- ୨୩୨୯୯ / ଭୁ.ଉ.କ., ଭୁବନେଶ୍ୱର, ତା ୦୨.୧୧.୨୦୨୬ /ରିଖ
LB-IV-11/77
ନୋଟିସ୍
ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଲକ୍ଷ୍ମୀସାଗର ହାଉସିଂ ସ୍କିମ୍-Stage-IV, ଲକ୍ଷ୍ମୀସାଗର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-LB-52କୁ ଦଇତାରୀ ସାହୁ, ପିତା-ସ୍ୱର୍ଗତ ଦାମୋଦର ସାହୁ, ଗ୍ରାମ / ପୋଷ୍ଟ / ଥାନା-ନିଆଳି, ଜିଲ୍ଲା-କଟକଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଦଇତାରୀ ସାହୁ ଗତ ତା-୨୩.୧୨.୨୦୨୦ ରିଖରେ ମୃତ୍ୟୁବରଣ କରିଅଛନ୍ତି। (Death Certificate Registration No. D-2020:21-00699-000118 dated 11.02.2020)
Legal heir certificate Misc.Case No. e-LHC/50 of 2020 dated 21.03.2020 ଅନୁଯାୟୀ ଦଇତାରୀ ସାହୁଙ୍କର ଉତ୍ତରାଧିକାରୀ (୧) ଶଶିଳତା ସାହୁ (ସ୍ତ୍ରୀ), (୨) ସୁଧାଂଶୁ ଶେଖର ସାହୁ (ପୁତ୍ର), (୩) ତପନ କୁମାର ସାହୁ (ପୁତ୍ର), (୪) ଅନସୁୟା ସାହୁ (ବିବାହିତାକନ୍ୟା) ଓ (୫) ସତ୍ୟଭାମା ସାହୁ (ବିବାହିତା କନ୍ୟା) ଅଟନ୍ତି।
ଇତି ମଧ୍ୟରେ ଅନସୁୟା ସାହୁ ଓ ସତ୍ୟଭାମା ସାହୁ ପଞ୍ଜିକୃତ ନାଦାବି ପତ୍ର (Registered deed of Relinquishment Document No. 11082501354 dated 13.02.2025) ମାଧ୍ୟମରେ ଉକ୍ତ ଗୃହରେ ଥିବା ନିଜର ଅଧିକାର/ଅଂଶକୁ (୧) ଶଶିଳତା ସାହୁ, (୨) ସୁଧାଂଶୁ ଶେଖର ସାହୁ ଓ (୩) ତପନ କୁମାର ସାହୁଙ୍କୁ ହସ୍ତାନ୍ତର କରିଅଛନ୍ତି। ସୁତରାଂ (୧) ଶଶିଳତା ସାହୁ, (୨) ସୁଧାଂଶୁ ଶେଖର ସାହୁ ଓ (୩) ତପନ କୁମାର ସାହୁଙ୍କ ନାମରେ ଉତ୍ତରାଧିକାର ସୂତ୍ରରେ ମାଲିକାନା ପରିବର୍ତ୍ତନ କରାଯିବା ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଉକ୍ତ ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।
ସ୍ୱା/- ଆବଣ୍ଟନ ଅଧିକାରୀ-୧,
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13001/13033/1/26-27/0177


ଶିଶୁଙ୍କ ଆଇନଗତ ଅଧିକାର ବ୍ୟକ୍ତିଗତ ସୁରକ୍ଷାକୁ ଗୁରୁତ୍ୱ

ପୁରୀ, ନ୍ୟୁଜ୍‌ବ୍ୟୁରୋ

ଶିଶୁ ସୁରକ୍ଷା ଅଧିକାର ଆଇନ ଓ ଆଇନଗତ ସଚେତନତା ବୃଦ୍ଧି ଲକ୍ଷ୍ୟରେ ପୁରୀ ଜିଲ୍ଲାର ବିଦ୍ୟାଳୟରେ "ସୁରକ୍ଷିତ ବଚପନ ଅଭିଯାନ" ଆୟୋଜିତ ହୋଇଯାଇଅଛି। ଜାତୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅକ୍ଟୋବର ତା ୨୯.୧୦.୨୦୨୬ ରିଖରୁ ୩୧.୧୦.୨୦୨୬ ରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଏହି ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ସଚେତନତା ଅଭିଯାନ ଚାଲିଥିଲା। ଏହି ଅଭିଯାନରେ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଆଇନଗତ ଅଧିକାର, ବ୍ୟକ୍ତିଗତ ସୁରକ୍ଷା, ଅନଲାଇନ ସୁରକ୍ଷା, ଶିଶୁଙ୍କ ବିରୋଧରେ ଯୌନ ଅପରାଧରୁ ସୁରକ୍ଷା ଏବଂ ମାଗଣା ଆଇନଗତ ସେବା ସମ୍ପର୍କରେ ସଚେତନ କରାଯାଇଛି। ଏଥିସହ ଆବଶ୍ୟକ ସମୟରେ ଆଇନଗତ ସହାୟତା, ପରାମର୍ଶ ଓ ଶିଶୁ ସୁରକ୍ଷା ସମ୍ପର୍କିତ ବ୍ୟବସ୍ଥା ବିଷୟର ମଧ୍ୟ ଅବଗତ କରାଯାଇଛି। ଅକ୍ଟୋବର ୨୯ରୁ ଅକ୍ଟୋବର ୩୧ ତାରିଖ ମଧ୍ୟରେ ଜିଲ୍ଲା ଏବଂ ତାଲୁକ ସ୍ତରରେ ୩୦ ଗୋଟି ବିଦ୍ୟାଳୟଗୁଡିକରେ ଅଭିଯାନ ଜରିଆରେ ସଚେତନତା ସୃଷ୍ଟି କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଚାର ବିଭାଗୀୟ ଅଧିକାରୀ, ଆଇନଜୀବୀ, ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ ମଙ୍ଗଳ କମିଟିର ଅଧକ୍ଷ୍ୟ ଓ ସଦସ୍ୟ ଏବଂ ଶିକ୍ଷକ ଶିକ୍ଷୟତ୍ରୀମାନେ ଯୋଗ ଦେଇ ଶିଶୁଙ୍କୁ ବିଭିନ୍ନ ଆଇନଗତ ଓ ସୁରକ୍ଷା ସମ୍ପର୍କିତ ବିଷୟରେ ବୁଝାଇଥିଲେ।

ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ୍ ଅଭିଯାନ ଆୟୋଜିତ

ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ



ପୂର୍ବତଟ ରେଳପଥ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ରେଳ ପେନସନଭୋଗୀ ଓ ପରିବାର ପେନସନଭୋଗୀଙ୍କୁ ବାର୍ଷିକ ଜୀବନ ପ୍ରମାଣପତ୍ର ଡିଜିଟାଲ ମାଧ୍ୟମରେ ଦାଖଲ କରିବାରେ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ୧ ନଭେମ୍ବରରୁ ୩୦ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ୍ ଅଭିଯାନ ୫.୦ ଆୟୋଜନ କରାଯାଉଛି। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଡିଜିଟାଲ ପ୍ରଯୁକ୍ତିର ଉପଯୋଗ ମାଧ୍ୟମରେ ଜୀବନ ପ୍ରମାଣପତ୍ର ଦାଖଲ ପ୍ରକ୍ରିୟାକୁ ସରଳ, ଦ୍ରୁତ ଓ ସୁବିଧାଜନକ କରିବା ସହିତ ଅବସରପ୍ରାପ୍ତ ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାରକୁ ଏହି ସେବା ସହଜରେ ଉପଲବ୍ଧ କରାଇବା।

ଏହି ଅଭିଯାନର ଅଂଶ ଭାବେ ରାୟଗଡ଼ା ମଣ୍ଡଳ ମୁଖ୍ୟାଳୟ ସମେତ କୋରାପୁଟ, ଜଗଦଲପୁର ଓ ଆରାକୁଠାରେ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଉଛି। ଏହି ଶିବିରଗୁଡ଼ିକରେ ପେନସନଭୋଗୀ ଓ ପରିବାର ପେନସନଭୋଗୀଙ୍କୁ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ୍ ପ୍ରସ୍ତୁତି ଓ ଦାଖଲ କରିବା ପାଇଁ ଆବଶ୍ୟକ ସହାୟତା ଏବଂ ମାର୍ଗଦର୍ଶନ ଯୋଗାଇ ଦିଆଯାଉଛି।

ରାୟଗଡ଼ାସ୍ଥିତ ମଣ୍ଡଳ ରେଳ ପ୍ରବନ୍ଧକ (କାର୍ମିକ)ଙ୍କ କାର୍ଯ୍ୟାଳୟ ସମେତ କୋରାପୁଟ, ଜଗଦଲପୁର ଓ ଆରାକୁଠାରେ ନିର୍ଦ୍ଧାରିତ କାର୍ଯ୍ୟାଳୟ ଗୁଡ଼ିକରେ ଏହି ଶିବିର ପରିଚାଳନା କରାଯାଉଛି। ୮୦ ବର୍ଷ ଓ ତଦୁର୍ଦ୍ଧ୍ୱ ବୟସର ଅତି ବରିଷ୍ଠ ପେନସନଭୋଗୀଙ୍କୁ ଏହି ପ୍ରକ୍ରିୟା ସୁବିଧାରେ ସମ୍ପନ୍ନ କରିବା ପାଇଁ ସ୍ୱତନ୍ତ୍ର ସହାୟତା ଓ ପ୍ରାଥମିକତା ପ୍ରଦାନ କରାଯାଉଛି। ଏହି ସୁବିଧାର ଲାଭ ନେବାକୁ ଇଚ୍ଛୁକ ରେଳ ପେନସନଭୋଗୀ ଓ ପରିବାର ପେନସନଭୋଗୀମାନଙ୍କୁ ନିଜ ସହିତ ଆଧାର କାର୍ଡ, ପେନସନ ପେମେଣ୍ଟ ଅର୍ଡର (ପିପିଓ), ବ୍ୟାଙ୍କ ପାସବୁକ୍ ଏବଂ ଆଧାର ସହିତ ସଂଯୁକ୍ତ ମୋବାଇଲ୍ ଫୋନ୍ ଆଣିବାକୁ ଅନୁରୋଧ କରାଯାଉଛି, ଯାହାଦ୍ୱାରା ଡିଜିଟାଲ ଲାଇଫ୍ ସାର୍ଟିଫିକେଟ୍ ପ୍ରସ୍ତୁତି ଓ ଦାଖଲ ପ୍ରକ୍ରିୟା ସୁଗମ ହୋଇପାରିବ। ଏହି ଅଭିଯାନ ମାଧ୍ୟମରେ ରାୟଗଡ଼ା ମଣ୍ଡଳ ଡିଜିଟାଲ ପ୍ରଯୁକ୍ତିର ଉପଯୋଗ ସହିତ ଅବସରପ୍ରାପ୍ତ ରେଳ କର୍ମଚାରୀ ଓ ସେମାନଙ୍କ ପରିବାରକୁ ସୁଗମ, ଦକ୍ଷ ଏବଂ ପେନସନଭୋଗୀ ଅନୁକୂଳ ସେବା ଯୋଗାଇଦେବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର,୦୫ ନଭେମ୍ବର, ୨୦୨୬ ଗୁରୁବାର



ଭାରତ ପର୍ବରେ ଆକର୍ଷଣ ସାଜିଛି ଓଡ଼ିଶାର ପଟ୍ଟଚିତ୍ର ଓ ତାରକସି କାମ

ଭୁବନେଶ୍ୱର, ପିଆଇବି

ଲୌହ ପୁରୁଷ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୧ତମ ଜୟନ୍ତୀ ଉପଲକ୍ଷେ ଗୁଜରାଟ ଏକତା ନଗରରେ ଆୟୋଜିତ ହେଉଛି 'ଭାରତ ପର୍ବ' । ଏହି ୧୫ ଦିନିଆ କାର୍ଯ୍ୟକ୍ରମରେ ଦେଶର ଶହ ଶହ ବର୍ଷ ପୁରୁଣା ଐତିହ୍ୟ, କଳା, ସଂସ୍କୃତି ଓ ପରମ୍ପରାର ସଙ୍ଗମ ଦେଖିବାକୁ ମିଳିଛି । ନଭଶ୍ଚୁମ୍ବୀ ଷ୍ଟାଚ୍ୟୁ ଅଫ୍ ୟୁନିଟୀ ବା ୧୮୨ ମିଟର ଉଚ୍ଚତା ବିଶିଷ୍ଟ ସର୍ଦ୍ଦାର ପଟେଲଙ୍କ ଏକତାର ପ୍ରତିମୂର୍ତ୍ତି ପାଦଦେଶରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ଓଡ଼ିଶାର ଡିଜିଟାଲ କଥାକାର (ଷ୍ଟୋରୀ ଟେଲର) ଏବଂ ପ୍ରଭାବଶାଳୀ ସାମାଜିକ ଗଣମାଧ୍ୟମ ପ୍ରଚାରକ (ସୋସିଆଲ୍ ମିଡିଆ ଇନଫ୍ଲୁଏନ୍ସର)ମାନଙ୍କର ଏକ ପ୍ରତିନିଧି ଦଳ । ଏମାନେ ଏକତା ନଗରରୁ ଏକ ଭାରତ ଶ୍ରେଷ୍ଠ ଭାରତର ବାର୍ତ୍ତା ବାଣ୍ଟୁଛନ୍ତି। ଏମାନଙ୍କ ଦ୍ୱାରା ପ୍ରସ୍ତୁତ ଡିଜିଟାଲ କାହାଣୀ ଏବଂ କାର୍ଯ୍ୟକ୍ରମ ଜରିଆରେ ଦେଶର ପ୍ରାଚୀନ ଐତିହ୍ୟ ସହିତ 'ବିବିଧତା ମଧ୍ୟରେ ଏକତାର ବାର୍ତ୍ତା' ଲକ୍ଷ ଲକ୍ଷ ଲୋକଙ୍କ ପାଖରେ ପହଞ୍ଚିବ। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ଆନୁକୂଲ୍ୟରେ ଓଡ଼ିଶାର ଦଶ ଜଣ ଡିଜିଟାଲ କଥାକାର ଗୁଜରାଟ ଏକତା ନଗର ଯାତ୍ରା କରିଛନ୍ତି । 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଭାବନାକୁ ଜାତୀୟ ସ୍ତରରେ ଅଧିକ ପ୍ରଚାରପ୍ରସାର କରିବା ଏବଂ ଆଞ୍ଚଳିକ କଳାତ୍ମକ ନିପୁଣତାକୁ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଏହି ଗସ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ, ଗୁଜରାଟ ପର୍ଯ୍ୟଟନ ବିଭାଗ ଏବଂ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସହଯୋଗରେ ଆୟୋଜିତ ୧୫ ଦିନିଆ ଭାରତ ପର୍ବ ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ । ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ, ୩୧ ଅକ୍ଟୋବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ଉଦଘାଟନ କରିଥିଲେ।



ହର୍ବାଲ୍ କୁମ୍ଭ, ହର୍ବାଲ୍ କୃଷି ମେଳା ଏବଂ ଧନ୍ୱନ୍ତରୀ ମହୋତ୍ସବ

ହିମାଳୟରେ ଧନ୍ୱନ୍ତରୀ ଧାମ ପାଞ୍ଚ ବର୍ଷ ମଧ୍ୟରେ ବିଶ୍ୱ ଦୃଷ୍ଟି ଆକର୍ଷଣ କରିବ: ଆଚାର୍ଯ୍ୟ ବାଳକୃଷ୍ଣ



ହରିଦ୍ୱାର, ନ୍ୟୁଜ ବ୍ୟୁରୋ

ହିମାଳୟର ମନୋରମ ଉପତ୍ୟକାରେ ଆୟୁର୍ବେଦ, ଔଷଧୀୟ ଉଦ୍ଭିଦ, ପ୍ରାକୃତିକ କୃଷି ଏବଂ ଭାରତୀୟ ଜ୍ଞାନ ପରମ୍ପରା ପାଇଁ ବିଶ୍ୱସ୍ତରୀୟ ସ୍ୱୀକୃତି ପାଇବା ଦିଗରେ ପତଞ୍ଜଳି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ତିନି ଦିନିଆ 'ହର୍ବାଲ୍ କୁମ୍ଭ, ହର୍ବାଲ୍ କୃଷି ମେଳା ଏବଂ ଧନ୍ୱନ୍ତରୀ ମହୋତ୍ସବ-୨୦୨୬'ର ତିନି ଦିନିଆ ମହାନ ଉଦଘାଟନ ବୁଧବାର ଉତ୍ତରାଖଣ୍ଡର ପାଉରୀ ଗଡ଼ୱାଲ ଜିଲ୍ଲାର ଯମକେଶ୍ୱର ବ୍ଲକର ମାଲାଗ୍ରାମରେ ବିକଶିତ ହେଉଥିବା 'ହର୍ବାଲ୍ ବିଶ୍ୱ ହିମାଳୟ - ଶ୍ରୀ ଧନ୍ୱନ୍ତରୀ ଧାମ'ରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର କୁଳପତି ଆଚାର୍ଯ୍ୟ ବାଳକୃଷ୍ଣ କହିଛନ୍ତି ଯେ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ, ଧନ୍ୱନ୍ତରୀ ଧାମର ପ୍ରତିଧ୍ୱନି ସାରା ବିଶ୍ୱରେ ଶୁଣାଯିବ। ଏହି ସ୍ଥାନ କେବଳ ଉତ୍ତରାଖଣ୍ଡ ଏବଂ ଭାରତରେ ନୁହେଁ ବରଂ ବିଶ୍ୱ ସ୍ତରରେ ଔଷଧୀୟ ଉଦ୍ଭିଦ, ଆୟୁର୍ବେଦ, ଗବେଷଣା, ଭାରତୀୟ ସଂସ୍କୃତି ଏବଂ ଆଧାତ୍ମିକ ପର୍ଯ୍ୟଟନର ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ପ୍ରତିଷ୍ଠିତ ହେବ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି, ଉତ୍ତରାଖଣ୍ଡ କ୍ୟାବିନେଟ ମନ୍ତ୍ରୀ ଡକ୍ଟର ଧନ ସିଂହ ରାୱତ କହିଛନ୍ତି ଯେ ମାଲାଗ୍ରାମର ଦୂରବର୍ତ୍ତୀ ଜଙ୍ଗଲ ଅଞ୍ଚଳରେ କରାଯାଇଥିବା କାର୍ଯ୍ୟର ପରିମାଣ ଉଲ୍ଲେଖନୀୟ। ପ୍ରକୃତି, ପରିବେଶ, ପରମ୍ପରା ଏବଂ ଦାନଶୀଳତାର ସମନ୍ୱୟ ସହିତ ବିକଶିତ ଏହି ଜଟିଳ ଆଗାମୀ ବର୍ଷଗୁଡ଼ିକରେ ବିଶ୍ୱ ପାଇଁ ଅଧ୍ୟୟନ ଏବଂ ପ୍ରେରଣାର କେନ୍ଦ୍ର ହେବ। ସେ ବିଶ୍ୱାସ ପ୍ରକାଶ କରିଥିଲେ ଯେ ଧନ୍ୱନ୍ତରୀ ଧାମ ଏକ ବର୍ଷ ମଧ୍ୟରେ ଏକ ପ୍ରମୁଖ ତୀର୍ଥସ୍ଥଳରେ ବିକଶିତ ହେବ। ସେ ରାଜ୍ୟର ଚାଷୀମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରିବା ଏବଂ ଏଠାକୁ ଅଧ୍ୟୟନ ପାଇଁ ବିଶ୍ୱବିଦ୍ୟାଳୟ ଗବେଷକମାନଙ୍କୁ ପଠାଇବା ବିଷୟରେ ମଧ କହିଥିଲେ। କ୍ୟାବିନେଟ ମନ୍ତ୍ରୀ ଡକ୍ଟର ଧନ ସିଂହ ରାୱତ କହିଛନ୍ତି ଯେ ସେ ଗତ ପାଞ୍ଚ ବର୍ଷ ଧରି ଏହି ପ୍ରକଳ୍ପର ଅଗ୍ରଗତି ଉପରେ ନଜର ରଖିଛନ୍ତି। ଯେତେବେଳେ ସେ ପ୍ରଥମ ଥର ପାଇଁ ଏହି ଦୁର୍ଗମ ଜଙ୍ଗଲ ଅଞ୍ଚଳରେ ଏତେ ବଡ଼ ପ୍ରକଳ୍ପ ବିକାଶ କରିବାର ସମ୍ଭାବନା ବିଷୟରେ ତାଙ୍କର ପ୍ରଶ୍ନ ଥିଲା। କିନ୍ତୁ ଏଥର ସେ ଯେଉଁ ପରିବର୍ତ୍ତନ ଦେଖିଛନ୍ତି ତାହା କଳ୍ପନା ବାହାରେ। ଭାରତ ସ୍ୱାଭିମାନ ଟ୍ରଷ୍ଟର କେନ୍ଦ୍ରୀୟ ପ୍ରଭାରୀ ରାକେଶ ମିତ୍ତଲ କହିଛନ୍ତି ଯେ ଭାରତରେ ମେଳାର ପରମ୍ପରା ବହୁତ ପ୍ରାଚୀନ। ମେଳା କେବଳ ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ନୁହେଁ, ବରଂ ଜ୍ଞାନ, ଅଭିଜ୍ଞତା ଏବଂ ପରମ୍ପରାର ଆଦାନପ୍ରଦାନ ପାଇଁ ମଧ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ଭବିଷ୍ୟତରେ ନୂତନ ରୋଗ ଏବଂ ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜର ସମାଧାନ ଖୋଜିବାରେ ଔଷଧୀୟ ଉଦ୍ଭିଦ ଉପରେ ଆଧାରିତ ଗବେଷଣା ପ୍ରମୁଖ ଭୂମିକା ଗ୍ରହଣ କରିବ। ପତଞ୍ଜଳି କିଷାନ ଡାଏରୀ ସମେତ ଚାରୋଟି ପୁସ୍ତକ ଉନ୍ମୋଚିତ ହୋଇଥିଲା ଉତ୍ସବର ଉଦଘାଟନରେ ପତଞ୍ଜଳି କିଷାନ ଡାଏରୀ ଏବଂ ହର୍ବାଲ କୁମ୍ଭ ତାଲିମ ପୁସ୍ତିକା ସମେତ ଚାରୋଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ପ୍ରକାଶନଗୁଡ଼ିକ ଚାଷୀ ଏବଂ ଗବେଷକମାନଙ୍କୁ କୃଷି ଏବଂ ଔଷଧୀୟ ଉଦ୍ଭିଦ ସମ୍ପର୍କିତ ସୂଚନା ପ୍ରଦାନ କରିବା ଲକ୍ଷ୍ୟ ରଖିଛି। କାର୍ଯ୍ୟକ୍ରମ ସକାଳ ବୈଦିକ ମନ୍ତ୍ର, ସନ୍ଧ୍ୟା ପ୍ରାର୍ଥନା ଏବଂ ଏକ ଯଜ୍ଞ ସହିତ ଆରମ୍ଭ ହୋଇଥିଲା। ଅତିଥିମାନଙ୍କୁ ସ୍ୱାଗତ ଏବଂ ଦୀପ ପ୍ରଜ୍ୱଳନ କରିବା ପରେ, ସଙ୍ଗୀତ ଶିକ୍ଷକ ଚନ୍ଦ୍ରମୋହନ ମିଶ୍ର ଏବଂ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ହର୍ବାଲ ବିଭାଗର ମୁଖ୍ୟ ଏବଂ ପତଞ୍ଜଳି ଗବେଷଣା ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ଡକ୍ଟର ବେଦପ୍ରିୟା ଆର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ସ୍ଥାନୀୟ ଗ୍ରାମବାସୀ, କୃଷକ ଉତ୍ପାଦକ ସଂଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ। ମଣ୍ଡଳୀର ପ୍ରତିନିଧି, ଶ୍ରୀମଦ୍ ଦୟାନନ୍ଦ କନ୍ୟା ଗୁରୁକୁଳ, ଛୋଟିପୁରା ଗୁରୁକୁଳ, ଅମରୋହା, ପତଞ୍ଜଳି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ପତଞ୍ଜଳି ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ ଏବଂ ବହୁ ସଂଖ୍ୟକ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ସମୟରେ, କୃଷି ମେଳାର ଷ୍ଟଲଗୁଡ଼ିକୁ ଆଚାର୍ଯ୍ୟ ବାଳକୃଷ୍ଣ, କ୍ୟାବିନେଟ ମନ୍ତ୍ରୀ ଡକ୍ଟର ଧନ ସିଂହ ରାୱତ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମର ଉଦଘାଟନୀ ଅଧିବେଶନରେ, ଆଚାର୍ଯ୍ୟ ବାଳକୃଷ୍ଣ ଘୋଷଣା କରିଥିଲେ ଯେ ତିନି ଦିନିଆ ହର୍ବାଲ କୁମ୍ଭ, ହର୍ବାଲ କୃଷି ମେଳା ଏବଂ ଧନ୍ୱନ୍ତରୀ ମହୋତ୍ସବ ପୁନର୍ବାର ଧନ୍ୱନ୍ତରୀ ଧାମରେ ଅକ୍ଟୋବର ୨୫ ରୁ ୨୭, ୨୦୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏବଂ ବର୍ତ୍ତମାନ ପ୍ରତିବର୍ଷ ଅନୁଷ୍ଠିତ ହେବ। ସେ କହିଛନ୍ତି ଯେ ଆଗାମୀ ବର୍ଷଗୁଡ଼ିକରେ, ଏହି କାର୍ଯ୍ୟକ୍ରମକୁ ବ୍ୟାପକ ଏବଂ ବ୍ୟାପକ କରାଯିବ। ସେ ଧନ୍ୱନ୍ତରୀ ଧାମକୁ ଆୟୁର୍ବେଦ, ଔଷଧୀୟ ଉଦ୍ଭିଦ, ପ୍ରାକୃତିକ କୃଷି, ଗବେଷଣା ଏବଂ ଭାରତୀୟ ଜ୍ଞାନ ପରମ୍ପରାର ଏକ ବିଶ୍ୱବ୍ୟାପୀ କେନ୍ଦ୍ର କରିବାକୁ ପ୍ରତିଜ୍ଞା କରିଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୮ ପ୍ଲାଟୁନ ଫୋର୍ସ ମୁତୟନ...

ଆନ୍ଧ୍ରର ନିର୍ବାଚନ ପ୍ରହସନକୁ କୌଣସି ପରିସ୍ଥିତିରେ ବି ସଫଳ ହେବାକୁ ଦିଆଯିବ ନାହିଁ। ଆଇନ ଉଲ୍ଲଂଘନ କରୁଥିବା ଆନ୍ଧ୍ର ଅଧିକାରୀଙ୍କ ବିରୋଧରେ କୋର୍ଟ ଅବମାନନା ମାମଲା ଦାଏର କରାଯାଇଛି ଓ ଏ ନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। କୋଟିଆରେ ରାସ୍ତାଘାଟ, ସ୍କୁଲ ଓ ସମସ୍ତ ମୌଳିକ ଭିତ୍ତିଭୂମି ଓଡ଼ିଶା ହିଁ ନିର୍ମାଣ କରିଛି। ସେଠାରେ ଓଡ଼ିଶାର କାର୍ଯ୍ୟରତ ସରପଞ୍ଚ ତଥା ସମିତି ସଭ୍ୟ ରହିଛନ୍ତି। କୋଟିଆରେ ଆନ୍ଧ୍ରର ଗୋଟିଏ ହେଲେ ପ୍ରଶାସନିକ କାର୍ଯ୍ୟାଳୟ ନାହିଁ କିମ୍ବା ପୋଲିସ ଚେକ୍‌ପୋଷ୍ଟ ନାହିଁ। ଗତଥର ଏକ ଚର୍ଚ୍ଚ ଭିତରେ ବେଆଇନ ଭାବେ ପୋଲିଂ ଷ୍ଟେସନ କରି ନିର୍ବାଚନ କରିବାକୁ ଚେଷ୍ଟା କରାଯାଇଥିବାବେଳେ, ଏଥର କୋଟିଆ ଭିତରେ ଗୋଟିଏ ବି ପୋଲିଂ ଷ୍ଟେସନ କରିବାକୁ ସୁଯୋଗ ଦିଆଯାଇ ନାହିଁ। କେବଳ କୋଟିଆ ନୁହେଁ, ଅନ୍ୟ ସମସ୍ତ ସୀମାନ୍ତ ବିବାଦୀୟ ସ୍ଥାନ ଉପରେ ମଧ ସରକାର କଡ଼ା ନଜର ରଖିଛନ୍ତି।

ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ କୋଟିଆ...

ସହ ସର୍ବୋଚ୍ଚସ୍ତରରେ ଆପଣ ଆଲୋଚନା ଆରମ୍ଭ କରନ୍ତୁ। ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଉଭୟ ରାଜ୍ୟ ଏନଡିଏର ଅଂଶୀଦାର ଦଳମାନଙ୍କ ଦ୍ୱାରା ଶାସିତ ହେଉଛି। ବିଜେପି ନେତୃତ୍ୱରେ ଓଡ଼ିଶାର ଭୌଗୋଳିକ ଅଖଣ୍ଡତା ସୁରକ୍ଷା ପାଇଁ ୨୦୨୪ ନିର୍ବାଚନ ଇସ୍ତାହାରରେ ବିଜେପି ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଆପଣ ତୁରନ୍ତ ଏହି ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ରାଜ୍ୟର ନ୍ୟାୟସଙ୍ଗତ ସ୍ୱାର୍ଥର ସୁରକ୍ଷାକୁ ସୁନିଶ୍ଚିତ କରିବା ଏବଂ ତୃଣମୂଳସ୍ତରରେ ପରିସ୍ଥିତି ଯେପରି ଆଉ ଅଧିକ ଉତ୍ତେଜନାପୂର୍ଣ୍ଣ ନ ହେବ, ସେ ଦିଗରେ ପଦକ୍ଷେପ ନେବା ଆପଣଙ୍କର ନୈତିକ ଦାୟିତ୍ୱ। ବିଜେପିର ନେତୃତ୍ୱ ଓଡ଼ିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିର ସମ୍ମାନ ରଖିବ ଏବଂ ୨୦୨୪ ନିର୍ବାଚନୀ ଇସ୍ତାହାରରେ କୋଟିଆ ପ୍ରସଙ୍ଗରେ ଓଡ଼ିଶାବାସୀଙ୍କୁ ଦେଇଥିବା ଗ୍ୟାରେଣ୍ଟିକୁ କେବଳ ପ୍ରତିଶ୍ରୁତିରେ ସୀମିତ ନରଖି କାର୍ଯ୍ୟରେ ପରିଣତ କରିବା ପାଇଁ ଫଳପ୍ରଦ ପଦକ୍ଷେପ ନେବ ବୋଲି ବିରୋଧୀ ଦଳ ନେତା ଆଶା ପ୍ରକାଶ କରିଛନ୍ତି।

ପୂର୍ବତନ ମନ୍ତ୍ରୀ ରାସବିହାରୀ...

ଭାରତୀୟ ଜାତୀୟ କଂଗ୍ରେସର ଜଣେ ସକ୍ରିୟ ସଦସ୍ୟ ଭାବେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ଦୀର୍ଘଦଶନ୍ଧି ଧରି ସେ ରାଜନୀତି ଓ ଜନସେବା ସହ ଜଡ଼ିତ ରହିଥିଲେ। ଜନସାଧାରଣଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ରହିଥିଲା। ବିଭିନ୍ନ ରାଜନୈତିକ ମଞ୍ଚରେ ସେ ଅଞ୍ଚଳର ଜନସମସ୍ୟା ଉଠାଇବା ସହ ଆଞ୍ଚଳିକ ବିକାଶ ଓ ଜନକଲ୍ୟାଣ ପାଇଁ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗରେ ଓଡ଼ିଶାର ରାଜନୈତିକ ମହଲରେ ଶୋକ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଜନପ୍ରତିନିଧି ଭାବେ ଦୀର୍ଘଦିନ ଧରି ଲୋକଙ୍କ ସେବା ଓ ଅଞ୍ଚଳର ବିକାଶରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ଗଭୀର ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଓଁ ଶାନ୍ତି। ଅନୁରୂପ ଭାବେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

ଅର୍ଣ୍ଣବ ପ୍ରଭାବିତଙ୍କ ସହାୟତା...

ନଗଦ ଅନୁଗ୍ରହ ରାଶି ପ୍ରଦାନ କରାଯିବ। ସେହିପରି କୋରାପୁଟ ଜିଲ୍ଲାର ୧,୦୫୧ଟି ପ୍ରଭାବିତ ପରିବାରଙ୍କୁ ମଧ ପରିବାର ପିଛା ୨,୫୦୦ ଟଙ୍କା ହାରରେ ଏହି ସହାୟତା ଯୋଗାଇ ଦିଆଯିବ। ଏହି ଅର୍ଥରାଶି ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଦିଆଯାଇଛି। ନିର୍ଦ୍ଧାରିତ ନିୟମ ଓ ମାର୍ଗଦର୍ଶିକା ଅନୁଯାୟୀ ଯୋଗ୍ୟ ପ୍ରଭାବିତ ପରିବାରଙ୍କୁ ତ୍ୱରିତ ଅନୁଗ୍ରହ ସହାୟତା ପ୍ରଦାନ କରିବାକୁ ଏହି ଅର୍ଥ ବିନିଯୋଗ କରାଯିବ।

ପାହାଡ଼ ଉପରେ ଓ ତଳେ...

ବିଶେଷଜ୍ଞମାନଙ୍କ ପରାମର୍ଶ ନିଆଯାଇଛି। ଯେଉଁ ଅଞ୍ଚଳରେ ଘରଗୁଡ଼ିକ ପାହାଡ଼ ଧସିବାର ଅଧିକ ବିପଦ ମଧ୍ୟରେ ରହିଛି, ସେଠାକାର ପରିବାରଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ସମ୍ପ୍ରତି ଯେଉଁ ଭୂସ୍ଖଳନ ଘଟଣା ଘଟିଛି, ସେଥିରେ ପ୍ରଭାବିତ ପରିବାରମାନଙ୍କୁ ମଧ ଏହି ପରାମର୍ଶ ଦିଆଯାଇଛି। ସେମାନେ ସରକାରଙ୍କ ପରାମର୍ଶକୁ ଗ୍ରହଣ କରିଛନ୍ତି। ନୂତନ ଭାବରେ ଘର ନିର୍ମାଣ ପାଇଁ ସେମାନେ ଯେଉଁ ସୁରକ୍ଷିତ ସ୍ଥାନ ପସନ୍ଦ କରିବେ, ସେହି ସ୍ଥାନରେ ସରକାର ଘର ନିର୍ମାଣ କରିଦେବେ।

ସୁଦୃଢ଼ ହେବ ପ୍ରମାଣଭିତ୍ତିକ...

ନିର୍ଦ୍ଦେଶକ (ନୀତି) ମୁରଲୀ ମଲ୍ଲିକାର୍ଜୁନ୍ ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଶାସନ ସଚିବମାନେ ଉପସ୍ଥିତ ଥିଲେ। ଚେନ୍ନାଇସ୍ଥିତ ଇନଷ୍ଟିଚ୍ୟୁଟ୍ ଫର୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ ଆଣ୍ଡ ରିସର୍ଚ୍ଚ (ଆଇଏଫ୍ଏମ୍ଆର୍) ଠାରେ ପରିଚାଳିତ ଜେ-ପାଲ ସାଉଥ୍ ଏସିଆ ରାଜ୍ୟର ବିଭିନ୍ନ ବିଭାଗ ସହିତ ମିଶି ପ୍ରମୁଖ ନୀତିଗତ ଆହ୍ୱାନଗୁଡ଼ିକୁ ଚିହ୍ନଟ କରିବା, ବୈଜ୍ଞାନିକ ଓ ବ୍ୟାପକ ଗବେଷଣା ମାଧ୍ୟମରେ ନିର୍ଭରଯୋଗ୍ୟ ପ୍ରମାଣ ସଂଗ୍ରହ କରିବା ଏବଂ ଗବେଷଣାରୁ ମିଳିଥିବା ନିଷ୍କର୍ଷକୁ କାର୍ଯ୍ୟକାରୀ ନୀତିଗତ ସୁପାରିଶରେ ପରିଣତ କରିବା ଦିଗରେ କାର୍ଯ୍ୟ କରିବ।ଏଥିପାଇଁ ଓଡ଼ିଶା ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ଓ ସଂଯୋଜନ ବିଭାଗ ଏହାର ସଂସ୍ଥାଗତ ପରିଚାଳନା ବ୍ୟବସ୍ଥାକରିବ।

ବେସରକାରୀ ଅନୁଦାନପ୍ରାପ୍ତ...

ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷମାନେ ପାଇବେ ମାସିକ ପ୍ରୋତ୍ସାହନ ରାଶି। ଏହାଦ୍ୱାରା ଏହି ବର୍ଗର ପ୍ରାୟ ୬୪୧ଟି ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷମାନେ ଉପକୃତ ହେବେ। ନିଷ୍ପତ୍ତି ଅନୁଯାୟୀ ଯେଉଁ ଅଧକ୍ଷମାନେ ନିଜ ଜିଲ୍ଲାରେ କିମ୍ବା ଉନ୍ନତ ସହରାଞ୍ଚଳରେ ପୋଷ୍ଟିଂ ପାଇଥିବେ, ସେମାନଙ୍କୁ ମାସକୁ ୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ। ନିଜ ଜିଲ୍ଲାର ବାହାରେ ପୋଷ୍ଟିଂ ଥିଲେ ମାସକୁ ମିଳିବ ୭ ହଜାର ଟଙ୍କା। ନିଜ ଜିଲ୍ଲା କିମ୍ବା ଘର ଠାରୁ ୩୦୦ କିଲୋମିଟର ଦୂରରେ ପୋଷ୍ଟିଂ ଥିଲେ ୯ ହଜାର ଟଙ୍କା ମିଳିବ। ଯଦି ଭୌଗୋଳିକ ଭାବେ ଦୂର ଓ ଦୁର୍ଗମ ଅଞ୍ଚଳରେ ପୋଷ୍ଟିଂ ହୋଇଥିବ, ତେବେ ଏଥିପାଇଁ ସମ୍ପୃକ୍ତ ଭାରପ୍ରାପ୍ତ ଅଧକ୍ଷଙ୍କୁ ମାସକୁ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମିଳିବ। ଏହି ନିଷ୍ପତ୍ତି ଏକ କମିଟି ଦ୍ୱାରା ନିର୍ଦ୍ଧାରଣ କରାଯିବ।

ଏହାଦ୍ୱାରା ରାଜ୍ୟ ସରକାର ବର୍ଷକୁ ପ୍ରାୟ ୬ କୋଟି ଟଙ୍କା ଖର୍ଚ୍ଚ କରିବେ। ଏ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବା ପର ଠାରୁ ଏହା ଲାଗୁ ହେବ।

୪୩ ବର୍ଷ ପରେ ସରକାରୀ...

ଅଧିକାର ପ୍ରମାଣ କରିବାରେ ସକ୍ଷମ ହୋଇନଥିବା ମଧ ଅଦାଲତ ସ୍ପଷ୍ଟ କରିଛନ୍ତି। ଫଳରେ କଟକ ଅତିରିକ୍ତ ଜିଲ୍ଲାପାଳଙ୍କ ପୂର୍ବ ଆଦେଶକୁ ବଳବତ୍ତର ରଖାଯାଇଛି। ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରୀମାନେ ୧୯୪୫ ମସିହାର ଏକ ପଞ୍ଜୀକୃତ ଲିଜ୍ ଆଧାରରେ ଏହି ଅନାବାଦୀ ଜମି ଉପରେ ଅଧିକାର ଦାବି କରିଥିଲେ। ଘରୋଇ ବ୍ୟକ୍ତିଙ୍କ ସପକ୍ଷରେ ଛୋଟ କଳ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଏହି ଲିଜ୍ ପ୍ରଦାନ କରାଯାଇଥିବା ସେମାନଙ୍କ ପକ୍ଷରୁ ଦାବି କରାଯାଇଥିଲା। ତେବେ ଅଦାଲତ ୧୯୦୫ ମସିହାର ଇଚ୍ଛାପତ୍ର ସମେତ ଅନ୍ୟାନ୍ୟ ଦଲିଲକୁ ଯାଞ୍ଚ କରିବା ପରେ ଜାଣିବାକୁ ପାଇଥିଲେ ଯେ, ତତ୍କାଳୀନ ଜମିଦାରଙ୍କ ବିଧବାଙ୍କର ଉକ୍ତ ଜମି ଉପରେ କେବଳ ଉପଭୋଗ ଅଧିକାର ଥିଲା। ଜମିର ମୂଳ ମାଲିକାନାକୁ ସ୍ଥାୟୀ ଭାବେ ହସ୍ତାନ୍ତର କରିବାର କୌଣସି ଅଧିକାର ତାଙ୍କର ନଥିଲା। ତେଣୁ ତାଙ୍କ ପକ୍ଷରୁ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଲିଜ୍ ଆଧାରରେ ସ୍ଥାୟୀ ଓ ହସ୍ତାନ୍ତରଯୋଗ୍ୟ ମାଲିକାନା ଦାବି ଆଇନସମ୍ମତ ନୁହେଁ ବୋଲି ରାଜସ୍ୱ ପର୍ଷଦ ମତ ଦେଇଛନ୍ତି।

ଜାନୁଆରୀ ୨୦୨୭ରୁ ବିଭିନ୍ନ ଟ୍ରେନ୍‌ର ନମ୍ବର ଓ ସୁପରଫାଷ୍ଟରୁ ମେଲ୍/ଏକ୍ସପ୍ରେସ୍ ଶ୍ରେଣୀରେ ପରିବର୍ତ୍ତନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଜାନୁଆରୀ ୨୦୨୭ରୁ ବିଭିନ୍ନ ଟ୍ରେନ୍‌ର ନମ୍ବର ଓ ଶ୍ରେଣୀରେ ପରିବର୍ତ୍ତନ କରାଯିବ। ସୁପରଫାଷ୍ଟ ଶ୍ରେଣୀରୁ ମେଲ୍/ଏକ୍ସପ୍ରେସ୍ ଶ୍ରେଣୀକୁ ପରିବର୍ତ୍ତନ ଅନୁଯାୟୀ ଏହି ନୂତନ ନମ୍ବରଗୁଡ଼ିକ ନିର୍ଦ୍ଦିଷ୍ଟ ତାରିଖରୁ କାର୍ଯ୍ୟକାରୀ ହେବ। ଟ୍ରେନ୍ ନମ୍ବର ୨୨୮୬୧ ହାଓ୍ୱଡ଼ା-କଣ୍ଟାବାଞ୍ଜି ଇସ୍ପାତ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୮୦୭୩ ସହ ଚଳାଚଳ କରିବ ଏବଂ ଟ୍ରେନ୍ ନମ୍ବର ୨୨୮୬୨ କଣ୍ଟାବାଞ୍ଜି-ହାଓ୍ୱଡ଼ା ଇସ୍ପାତ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୮୦୭୪ ହେବ। ଏହି ପରିବର୍ତ୍ତନ ଜାନୁଆରୀ ୧, ୨୦୨୭ରୁ ଲାଗୁ ହେବ। ସେହିପରି, ଟ୍ରେନ୍ ନମ୍ବର ୧୨୮୭୧ ହାଓ୍ୱଡ଼ା-ଜୁନାଗଡ଼ ରୋଡ୍ ଇସ୍ପାତ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୮୦୭୧ ହେବ ଏବଂ ଏହା ଜାନୁଆରୀ ୨, ୨୦୨୭ରୁ କାର୍ଯ୍ୟକାରୀ ହେବ। ଅନ୍ୟପକ୍ଷରେ, ଟ୍ରେନ୍ ନମ୍ବର ୧୨୮୭୨ ଜୁନାଗଡ଼ ରୋଡ୍-ହାଓ୍ୱଡ଼ା ଇସ୍ପାତ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୮୦୭୨ ହେବ ଏବଂ ଏହା ଜାନୁଆରୀ ୩, ୨୦୨୭ରୁ ଲାଗୁ ହେବ। ଟ୍ରେନ୍ ନମ୍ବର ୨୨୬୪୩ ଏର୍ଣ୍ଣାକୁଲମ୍-ପାଟନା ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୬୩୫୯ ହେବ ଏବଂ ଏହା ଜାନୁଆରୀ ୪, ୨୦୨୭ରୁ କାର୍ଯ୍ୟକାରୀ ହେବ। ସେହିପରି, ଟ୍ରେନ୍ ନମ୍ବର ୨୨୬୪୪ ପାଟନା-ଏର୍ଣ୍ଣାକୁଲମ୍ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୬୩୬୦ ହେବ ଏବଂ ଏହା ଜାନୁଆରୀ ୧, ୨୦୨୭ରୁ ଲାଗୁ ହେବ। ଏହା ବ୍ୟତୀତ, ଟ୍ରେନ୍ ନମ୍ବର ୧୨୮୯୩ ଭୁବନେଶ୍ୱର-ପୁରୁଣାକଟକ ସୁପରଫାଷ୍ଟ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୮୪୧୧ ଏବଂ ଟ୍ରେନ୍ ନମ୍ବର ୧୨୮୯୪ ପୁରୁଣାକଟକ-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୮୪୧୨ ହେବ। ଏହି ପରିବର୍ତ୍ତନ ଜାନୁଆରୀ ୬, ୨୦୨୭ରୁ କାର୍ଯ୍ୟକାରୀ ହେବ। ଟ୍ରେନ୍ ନମ୍ବର ୨୨୮୮୩ ପୁରୀ-ଯଶବନ୍ତପୁର ସୁପରଫାଷ୍ଟ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୮୪୨୯ ହେବ ଏବଂ ଏହା ଜାନୁଆରୀ ୮, ୨୦୨୭ରୁ ଲାଗୁ ହେବ। ସେହିପରି, ଟ୍ରେନ୍ ନମ୍ବର ୨୨୮୮୪ ଯଶବନ୍ତପୁର-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୮୪୩୦ ହେବ ଏବଂ ଏହା ଜାନୁଆରୀ ୯, ୨୦୨୭ରୁ କାର୍ଯ୍ୟକାରୀ ହେବ। ଟ୍ରେନ୍ ନମ୍ବର ୨୦୮୦୭ ବିଶାଖାପାଟଣା-ଅମୃତସର ହୀରାକୁଦ ଏକ୍ସପ୍ରେସ୍ ?ର ନୂତନ ନମ୍ବର ୧୮୫୧୩ ହେବ ଏବଂ ଏହା ଜାନୁଆରୀ ୫, ୨୦୨୭ରୁ ଲାଗୁ ହେବ। ଅନ୍ୟପକ୍ଷରେ, ଟ୍ରେନ୍ ନମ୍ବର ୨୦୮୦୮ ଅମୃତସର-ବିଶାଖାପାଟଣା ହୀରାକୁଦ ଏକ୍ସପ୍ରେସ୍‌ର ନୂତନ ନମ୍ବର ୧୮୫୧୪ ହେବ ଏବଂ ଏହା ଜାନୁଆରୀ ୯, ୨୦୨୭ରୁ କାର୍ଯ୍ୟକାରୀ ହେବ। ଯାତ୍ରୀମାନଙ୍କୁ ପରିବର୍ତ୍ତିତ ଟ୍ରେନ୍ ନମ୍ବର ସମ୍ପର୍କରେ ଅବଗତ ହୋଇ ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ ।

ପୁରୀ ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀଙ୍କୁ ସମ୍ମାନିତ କଲେ ରାଜ୍ୟ ଶିଶୁ ଅଧିକାର କମିଶନ

ପୁରୀ, ନ୍ୟୁଜ ବ୍ୟୁରୋ

ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟ ଶିଶୁ ଅଧିକାର କମିଶନଙ୍କ ୧୬ତମ ପ୍ରତିଷ୍ଠା ଦିବସ ଅବସରରେ ଶିଶୁ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରୀ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ସମ୍ମାନିତ କରାଯାଇଛି। ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ସମସ୍ତ କାର୍ଯ୍ୟ ଯୋଜନା ର ସଠିକ୍ ରୂପାୟନ, ଆନୁଷ୍ଠାନିକ ଓ ଅଣ ଆନୁଷ୍ଠାନିକ ଯତ୍ନ, ଶିଶୁ ମାନଙ୍କ ଉଦ୍ଧାର ଥଇଥାନ, ପରିବାର ସମ୍ମିଶ୍ରଣ, ତାଲିମ, ସଚେତନତା କାର୍ଯ୍ୟକ୍ରମ ସହିତ ଜିଲ୍ଲାରେ ଅନୁଷ୍ଠିତ ଋତୁକାଳୀନ ସମସ୍ୟା ର ସମାଧାନ, ରଥଯାତ୍ରାରେ ସ୍ୱତନ୍ତ୍ର ଶିଶୁ ସୁରକ୍ଷା ସେବାରେ ସଫଳ କାର୍ଯ୍ୟ ପାଇଁ ଶ୍ରେଷ୍ଠ ଜିଲ୍ଲା ଭକ୍ଷବରେ ପୁରୀ ସମ୍ମାନିତ ହୋଇଛି। ଜିଲ୍ଲାରେ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍, ଶିଶୁ ମଙ୍ଗଳ ସମିତି, ଚାଇଲ୍ଡ ହେଲ୍ପ ଲାଇନ୍, କିଶୋର ନ୍ୟାୟ ବୋର୍ଡ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ପ୍ରଚେଷ୍ଟା ରେ ଶିଶୁ ସୁରକ୍ଷା ସମ୍ବନ୍ଧିତ ସମସ୍ତ ଆଇନ, ନିୟମ ନୀତିକୁ ସୁଚାରୁ ରୂପେ କାର୍ଯ୍ୟକ୍ଷମ କରିବାରେ ପ୍ରଶାସନ ସକ୍ଷମ ହୋଇଛି। ଭୁବନେଶ୍ୱର ରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର କମିଶନଙ୍କ ୧୬ତମ ପ୍ରତିଷ୍ଠା ଦିବସ ଅବସରରେ ପୁରୀ ଜିଲ୍ଲା ତରଫରୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। କମିଶନ ଅଧକ୍ଷା ବବିତା ପାତ୍ର, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶ୍ରମମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଓ ରାଜ୍ୟ ଶିଶୁ କମିଶନ ସମସ୍ତ ସଦସ୍ୟା ପୁରୀଜିଲ୍ଲାରେ କାର୍ଯ୍ୟରତ ସମସ୍ତ କର୍ମକର୍ତ୍ତା ଅଧିକାରୀ ସଦସ୍ୟଙ୍କୁ ସାଧୁବାଦ ଜଣାଇଛନ୍ତି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଶିଶୁ ସୁରକ୍ଷା ପାଇଁ କାର୍ଯ୍ୟରତ ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ବାଣୀବିହାର ଅଶୀର ତ୍ରୟମାସିକ ବୈଠକ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ବାଣୀବିହାର ଅଶୀ ସଂଗଠନର ତ୍ରୟ ମାସିକ ବୈଠକ କଟକ ପ୍ରତାପନଗରୀସ୍ଥିତ ମାଆ ଧାକୁଳେଇ ପୀଠରେ ସଂଗଠନର ସଭାପତି ପ୍ରଦୀପ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ପଚାଶରୁ ଉର୍ଦ୍ଧ୍ୱ ସଭ୍ୟସଭ୍ୟା ଏଥିରେ ଯୋଗଦାନ କରିଥିଲେ । ଡିସେମ୍ବର ମାସରେ ଅନୁଷ୍ଠିତ ହେବାକୁ ଥିବା ସଂଗଠନର ବାର୍ଷିକ ବୈଠକ ଆୟୋଜନ ଉପରେ ଏହି ବୈଠକରେ ବିଶଦ ଆଲୋଚନା କରାଯାଇଥିଲା। ସଂଗଠନର ସମ୍ପାଦକ ଆଶୁତୋଷ ଦାଶ, କୋଷାଧ୍ୟକ୍ଷ ପରେଶ ମହାନ୍ତି, ଉପ କୋଷାଧ୍ୟକ୍ଷ ନରହରି ଶିଅଳ, ପତ୍ରିକା ସମ୍ପାଦକ ଅଜୟ ମିଶ୍ର, ପୂର୍ବତନ ସଭାପତି ଶରତ ଦାଶ, ବରିଷ୍ଠ ସଭ୍ୟ ସଭ୍ୟା ସୁକାନ୍ତ ମହାନ୍ତି, ନିହାରିକା ମିଶ୍ର, ମନୋରଞ୍ଜନ ଦାଶ, ସବିତା ସାମନ୍ତରାୟ, ସବିତା ମହାନ୍ତି, ମେନକା ମଲ୍ଲିକ, ନିର୍ମଳା ନାୟକ, ସଞ୍ଜୁ ପଣ୍ଡା, ପ୍ରତାପ ସାହୁ, ରମେଶ ନାୟକ, ଅଲେଖ ନନ୍ଦୀ, ପୂର୍ଣ୍ଣ ମିଶ୍ର, ପ୍ରଦ୍ୟୋତ ପ୍ରଧାନ, ଦୁର୍ଗା ଷଡ଼ଙ୍ଗୀ, ଦୁର୍ଗା ମଲ୍ଲ, ସମୀର ମିଶ୍ର, ଅରବିନ୍ଦ ଚୟନି, କସ୍ତୁରି ପୃଷ୍ଟି, ଅଶୋକ ପଣ୍ଡା, ଭଜହରି ନାୟକ, ରେଣୁବାଳା ପୃଷ୍ଟି, ବଟକୃଷ୍ଣ ସାମଲ, ଚୈତନ୍ୟ ରାଉତ, କ୍ଷମାକର ସ୍ୱାଇଁ, ବଟକୃଷ୍ଣ ସାମଲ, ଗୀତା ମହାପାତ୍ର, ସୁବଳ ରାଉତରାୟ, ଶିଶିର ପରିଡ଼ା ଓ ମହେଶ୍ୱର ରଥ ଏହି ବୈଠକରେ ଯୋଗ ଦେଇଥିଲେ ।

ଜିନ୍ଦଲ ଫାଉଣ୍ଡେସନ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମଶାରି ବଣ୍ଟନ



ଅନୁଗୋଳ, ନ୍ୟୁଜ ବ୍ୟୁରୋ

ସାମୁଦାୟିକ ସ୍ୱାସ୍ଥ୍ୟ ଏବଂ ରୋଗ ପ୍ରତିରୋଧ କ୍ଷେତ୍ରରେ ନିଜର ପ୍ରତିବଦ୍ଧତାକୁ ଦୃଢ଼ କରିବା ସହିତ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ 'ନ୍ୟାସନାଲ୍ ସେଣ୍ଟର ଫର୍ ଭେକ୍ଟର ବୋର୍ନ ଡିଜିଜେସ୍ କଣ୍ଟ୍ରୋଲ୍' (ଏନସିଭିବିଡିସି) ସହଯୋଗରେ ଅନୁଗୋଳ ଜିଲ୍ଲାର ପାଲଲହଡ଼ା ବ୍ଲକ ନଗିରା ଗ୍ରାମର ଅସହାୟ ଓ ଆବଶ୍ୟକତା ଥିବା ପରିବାରଗୁଡ଼ିକୁ ମଶାରି ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଏଡିପିଏଚଓ (ଭେକ୍ଟର୍ ବୋର୍ନ୍ ଡିଜିଜେସ୍) ଡାକ୍ତର ପୂର୍ଣ୍ଣିମା ଉଦ୍‌ଗାତା, ପାଲଲହଡ଼ା ଉପ-ଜିଲ୍ଲାପାଳ ରବି ନାରାୟଣ ପଟେଲ, ପାଲଲହଡ଼ା ବିଡିଓ ନିଶାନ ମିଶ୍ର, ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ, ବରିଷ୍ଠ ଆଇନଜୀବୀ ତଥା ବିଧାୟକଙ୍କ ପ୍ରତିନିଧି ତନ୍ମୟ କୁମାର ସାହୁ, ଡେପୁଟି କଲେକ୍ଟର ବିଦୁସ୍ମିତା ସାହୁ, ଏସ୍‌ଡିଆଇ ଓ ପିଆରଡି ଶୋଭିତା କୁମାର ବିଶି, ଜିନ୍ଦଲ ଫାଉଣ୍ଡେସନ୍‌ର ଏଜିଏମ୍ (ସିଏସ୍ଆର) ଝିଲ୍ଲି ଖଟୁଆ ଏବଂ ଆଶିଷ କୁମାର ସାମଲଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ, ସ୍ଥାନୀୟ ପ୍ରଶାସନ ଏବଂ ସ୍ଥାନୀୟ ସମ୍ପ୍ରଦାୟର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ଅନ୍ୟତମ ଅଂଶ ଭାବେ ଏଡିପିଏଚଓ (ଭେକ୍ଟର ବୋର୍ଣ୍ଣ) ବିଭାଗ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ାରେ ୨,୦୦୦ ଚାରା ରୋପଣ

ଝାରସୁଗୁଡ଼ା, ନ୍ୟୁଜ ବ୍ୟୁରୋ

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ାସ୍ଥିତ କାର୍ଯ୍ୟକ୍ଷେତ୍ରରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବିଭିନ୍ନ ସ୍ଥାନରେ ପ୍ରାୟ ୨,୦୦୦ ଚାରା ରୋପଣ ସହ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସ୍ଥାନୀୟ ସମୁଦାୟଙ୍କ ସହଯୋଗରେ ଆୟୋଜିତ ଏହି ପଦକ୍ଷେପରେ କମ୍ପାନୀର କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀମାନେ ସାମିଲ ହୋଇ ଅଞ୍ଚଳର ସବୁଜ ଆବରଣ ବୃଦ୍ଧି ଏବଂ ପରିବେଶ ସଂରକ୍ଷଣ ପାଇଁ ସାମୂହିକ ପ୍ରୟାସକୁ ସୁଦୃଢ଼ କରିଛନ୍ତି। ନଭେମ୍ବର ୧ ତାରିଖରେ ପାଳିତ ବିଶ୍ୱ ପରିବେଶ ଦିବସ ପରିସଂସ୍ଥାର ସୁରକ୍ଷା ଏବଂ ମଣିଷ ଓ ପ୍ରକୃତି ମଧ୍ୟରେ ସନ୍ତୁଳନ ବଜାୟ ରଖିବାର ଗୁରୁତ୍ୱକୁ ଉଜାଗର କରେ। ଏହାର ଉଦ୍ଦେଶ୍ୟ ମିଳିତ ଜାତିସଂଘର 'ପରିସଂସ୍ଥା ପୁନରୁଦ୍ଧାର ଦଶକ (୨୦୨୧-୨୦୩୦)' ଅଭିଯାନ ସହ ସମନ୍ୱିତ, ଯାହା ପରିସଂସ୍ଥାର ଅବକ୍ଷୟକୁ ରୋକିବା ଓ ପୁନରୁଦ୍ଧାର କରିବା ପାଇଁ ଏକ ବିଶ୍ୱବ୍ୟାପୀ ଆହ୍ୱାନ। ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡ୍ (ଭିଏଏମ୍ଏଲ୍) ଝାରସୁଗୁଡ଼ାର ମୁଖ୍ୟ କାର୍ଯ୍ୟନିର୍ବାହୀ ସି. ଚନ୍ଦ୍ରୁ କହିଛନ୍ତି, ପରିବେଶ ସଂରକ୍ଷଣ ଆମ କାର୍ଯ୍ୟପ୍ରଣାଳୀର ଏକ ଅବିଚ୍ଛେଦ୍ୟ ଅଂଶ। କମ୍ପାନୀର ବ୍ୟବସାୟିକ ସହଯୋଗୀ ଡବ୍ଲ୍ୟୁଆଇସିଏଲ୍‌ର କର୍ମଚାରୀ ଶଙ୍କର ସାମନ୍ତ କହିଛନ୍ତି, ଏହି ସଚେତନତା ଅଧିବେଶନ ପରିବେଶ ପାଇଁ ଛୋଟ ଛୋଟ ପଦକ୍ଷେପ ମଧ କିପରି ବଡ଼ ପରିବର୍ତ୍ତନ ଆଣିପାରେ, ସେ ବିଷୟରେ ମୋତେ ନୂଆ ଦୃଷ୍ଟିକୋଣ ଦେଇଛି।



ଅନ୍ୟ ହାଇକୋର୍ଟରୁ ଅବସର ନେଲେ ବି ମିଳିବ ମୂଳ ହାଇକୋର୍ଟର ସମସ୍ତ ସୁବିଧା

କଟକ, ନ୍ୟୁଜ ବ୍ୟୁରୋ

ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପରେ ଅନ୍ୟ ହାଇକୋର୍ଟକୁ ବଦଳି ହୋଇ ସେଠାରୁ ଅବସର ନେଇଥିଲେ ମଧ ମୂଳ ହାଇକୋର୍ଟରୁ ଅବସରକାଳୀନ ସୁବିଧା ପାଇବାର ଅଧିକାର ରହିଛି। ଏହି ମର୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇ ଓଡ଼ିଶା ହାଇକୋର୍ଟ ଅବସରପ୍ରାପ୍ତ ବିଚାରପତିଙ୍କ ସପକ୍ଷରେ ନିଷ୍ପତ୍ତି ଦେଇଛନ୍ତି। ଏଥିସହ ଆବେଦନକାରୀଙ୍କୁ ତାଙ୍କର ପ୍ରାପ୍ୟ ସମସ୍ତ ଅବସର ପରବର୍ତ୍ତୀ ସୁବିଧା ଓ ବକେୟା ଅର୍ଥ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ଆଠ ସପ୍ତାହର ମହଲତ ଦେଇଛନ୍ତି। ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଓ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ରିଟ୍ ଆବେଦନର ବିଚାର କରି ଏହି ରାୟ ଦେଇଛନ୍ତି। ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ଜଣେ ବିଚାରପତିଙ୍କର ଅନ୍ୟ ହାଇକୋର୍ଟକୁ ବଦଳି ହେବା ଦ୍ୱାରା ମୂଳ ହାଇକୋର୍ଟ ସହ ତାଙ୍କର ସେବାଗତ ଓ ପ୍ରତିଷ୍ଠାନିକ ସମ୍ପର୍କ ଶେଷ ହୋଇଯାଏ ନାହିଁ। ତେଣୁ କେବଳ ଅନ୍ୟ ହାଇକୋର୍ଟରୁ ଅବସର ନେଇଥିବା କାରଣ ଦର୍ଶାଇ ମୂଳ ହାଇକୋର୍ଟରୁ ମିଳିବାକୁ ଥିବା ସୁବିଧାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଏହି ମାମଲାରେ ଆବେଦନକାରୀଙ୍କ ଦାବିକୁ ଖାରଜ କରି ରାଜ୍ୟ ଗୃହ ବିଭାଗ ୨୦୨୫ ଜୁଲାଇ ୩୧ରେ ଜାରି କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଏଥିସହ ଗୃହ ବିଭାଗର ୨୦୨୫ ଏପ୍ରିଲ ୨୪ ତାରିଖର ବିଜ୍ଞପ୍ତି ଅନୁସାରେ ଆବେଦନକାରୀଙ୍କୁ ଆବଶ୍ୟକ ସମସ୍ତ ସୁବିଧା ଯୋଗାଇଦେବାକୁ ଆଦେଶ ଦେଇଛନ୍ତି। ଏହା ମଧ୍ୟରେ ଘରୋଇ ସହାୟକ, ଡ୍ରାଇଭର, ସଚିବୀୟ ସହାୟତା, ସୁରକ୍ଷା ବ୍ୟବସ୍ଥା ଓ ଟେଲିଫୋନ୍ ସୁବିଧା ସହ ସମ୍ପୃକ୍ତ ଭତ୍ତା ଅନ୍ତର୍ଭୁକ୍ତ। ଯଦି ଆବେଦନକାରୀ ଅନ୍ୟ ହାଇକୋର୍ଟରୁ ଏହି ସୁବିଧା ପାଉନାହାନ୍ତି, ତେବେ ଓଡ଼ିଶା ସରକାର ତାଙ୍କୁ ଏହା ପ୍ରଦାନ କରିବେ। ଏଥିସହ ପୂର୍ବରୁ ବକେୟା ରହିଥିବା ଅର୍ଥ ମଧ ପରିଶୋଧ କରିବାକୁ ପଡ଼ିବ। ଏହି ସମସ୍ତ ପ୍ରକ୍ରିୟା ଆଠ ସପ୍ତାହ ମଧ୍ୟରେ ସମ୍ପନ୍ନ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ଆବେଦନକାରୀ ୨୦୦୯ ଅକ୍ଟୋବର ୭ରେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ପରେ ୨୦୨୨ ଜୁନ୍ ୧ରେ ଜାରି ବିଜ୍ଞପ୍ତି ଅନୁସାରେ ତାଙ୍କୁ କଲିକତା ହାଇକୋର୍ଟକୁ ବଦଳି କରାଯାଇଥିଲା। ସେଠାରେ କାର୍ଯ୍ୟ କରିବା ପରେ ୨୦୨୪ ମେ ୨୦ରେ ସେ ଅବସର ଗ୍ରହଣ କରିଥିଲେ। ଅବସର ପରେ ସେ ଓଡ଼ିଶା ହାଇକୋର୍ଟରୁ ଘରୋଇ ସହାୟକ, ଡ୍ରାଇଭର, ଟେଲିଫୋନ୍ ଆଦି ସୁବିଧା ପାଇଁ ଆବେଦନ କରିଥିଲେ। ମାତ୍ର ରାଜ୍ୟ ସରକାରଙ୍କ ଗୃହ ବିଭାଗ କେବଳ ଚିକିତ୍ସା ସୁବିଧା ମଞ୍ଜୁର କରି ଅନ୍ୟ ସୁବିଧା ଦେବାକୁ ମନା କରିଥିଲା। ଏହାକୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟରେ ରିଟ୍ ଆବେଦନ କରିଥିଲେ। ଅବସରପ୍ରାପ୍ତ ବିଚାରପତିଙ୍କ ପାଇଁ ସୁବିଧା ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ପୂର୍ବ ରାୟକୁ ମଧ ବିଚାରକୁ ନେଇ ଓଡ଼ିଶା ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି।

ଉତ୍କଳ ଦୀପିକା

ଭୁବନେଶ୍ୱର, ୫ ନଭେମ୍ବର, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ଐତିହ୍ୟ ସମ୍ପର୍ଣ୍ଣ ଅଠରନଳାକୁ ପର୍ଯ୍ୟଟକ ଉପଯୋଗୀ କରାଯିବ : ଜିଲ୍ଲାପାଳ

ପୁରୀ ୪/୧୧ ନ୍ୟୁଜ ବ୍ୟୁରୋ

ଅଠରନଳା ପୁରୀର ଏକ ଐତିହ୍ୟ ସମ୍ପର୍ଣ୍ଣ ସ୍ଥଳ। ଏହାର ଉନ୍ନୟନ ଓ ସୌନ୍ଦର୍ଯ୍ୟକରଣ କରାଯିବା ସହ ଏହାକୁ ପର୍ଯ୍ୟଟକ ଉପଯୋଗୀ କରାଯିବ ବୋଲି ସୂଚନା ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା। ଜିଲ୍ଲାପାଳ ଶ୍ରୀ ପରିଡା ଅଠରନଳା ସହ ହୁଳହୁଳିଆ ପୋଲ ନିକଟସ୍ଥ ଅଞ୍ଚଳ ଓ ପୁରୀ ଲେକ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ପ୍ରକଳ୍ପର କାର୍ଯ୍ୟ ଓବିସିସି ପକ୍ଷରୁ କରାଯାଉଛି ବୋଲି ଜିଲ୍ଲାପାଳ କହିଛନ୍ତି। ଅଠରନଳାର ଜଳ ଉତ୍ସକୁ ସଫା ରଖିବା, ଦଳ ସଫା କରିବା, ଡ୍ରେଜିଂ, ଜଳ ନିଷ୍କାସନ ବ୍ୟବସ୍ଥା କରିବା, ସହରର ସମସ୍ତ ନଳା ଗୁଡିକର ଜଳ ପରିଚାଳନା ସହ ଜଳ ନିଷ୍କାସନ ବ୍ୟବସ୍ଥା କରିବା ସମ୍ପର୍କରେ ଜିଲ୍ଲାପାଳ ସୂଚନା ଦେଇଥିଲେ। ସେହିପରି ପୁରୀରେ ବାଲୁକା କଳା ସଂଗ୍ରହାଳୟ ବା ସ୍ୟାଣ୍ଡ ଆର୍ଟ ମ୍ୟୁଜିୟମ ପ୍ରତିଷ୍ଠା କରାଯିବ। ଯାହା ଫଳରେ ପର୍ଯ୍ୟଟକ ଏହାକୁ ପରିଦର୍ଶନ କରିବା ସହ ବାଲୁକା କଳା ସମ୍ପର୍କରେ ଆଗ୍ରହୀ ବ୍ୟକ୍ତିମାନେ ପ୍ରଶିକ୍ଷଣ ମଧ୍ୟ ନେଇ ପାରିବେ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ସୂଚନା ଦେଇଥିଲେ। ଏହାପରେ ଜିଲ୍ଲାପାଳ ହୁଳହୁଳିଆ ପୋଲ ନିକଟସ୍ଥ ଅଞ୍ଚଳ ପରିଦର୍ଶନ ସହ ତାହାର ଜଳ ନିଷ୍କାସନ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ପରେ ଖଣ୍ଡିଆବନ୍ଧ ସ୍ଥିତ ପୁରୀ ଲେକ ପ୍ରକଳ୍ପକୁ ଜିଲ୍ଲାପାଳ ପରିଦର୍ଶନ କରି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସେଠାରେ ସାଇକ୍ଲିଂ, ୱାକିଂ, ବୋଟିଂ, ଜିମ୍ ଇତ୍ୟାଦି ର ବ୍ୟବସ୍ଥା କରାଯାଉଛି। ଏହା ସାଧାରଣ ଜନତା ଙ୍କ ସହ ପର୍ଯ୍ୟଟକ ଙ୍କୁ ମଧ୍ୟ ଆକୃଷ୍ଟ କରିବ ବୋଲି ଜିଲ୍ଲାପାଳ କହିଥିଲେ। ଆବଶ୍ୟକତା ଅନୁଯାୟୀ ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ପୁରୀ ମହାନଗର ନିଗମର କମିଶନର ପ୍ରହଲ୍ଲାଦ ନାରାୟଣ ଶର୍ମା ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ପୁରୀ ବାସୀ ଓ ପର୍ଯ୍ୟଟକମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା,ଡ୍ରେନ ଗୁଡିକ ସଫା ରଖିବା, ଅଠରନଳାକୁ ସଫା ରଖିବାର ବ୍ୟବସ୍ଥା କରାଯାଉଛି ବୋଲି ସୂଚନା ଦେଇଥିଲେ। ଏହି ପରିଦର୍ଶନ ସମୟରେ ଓବିସିସିର ଅଧିକାରୀମାନେ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ପ୍ରକଳ୍ପ ଗୁଡିକ ସମ୍ପର୍କରେ ଅବଗତ କରାଇଥିଲେ।

୭ରେ ଗଞ୍ଜାମ ଗସ୍ତ କରିବେ ନବୀନ: ବନ୍ୟାଞ୍ଚଳ ପରିଦର୍ଶନ ସହ ରିଲିଫ୍, ପୁନରୁଦ୍ଧାର କାର୍ଯ୍ୟର କରିବେ ସମୀକ୍ଷା

ଭୁବନେଶ୍ୱର, ୪/୧୧ ନ୍ୟୁଜ ବ୍ୟୁରୋ

ଆସନ୍ତା ନଭେମ୍ବର ୭ ତାରିଖରେ ଗଞ୍ଜାମ ଜିଲ୍ଲା ଗସ୍ତରେ ଯିବେ ବିରୋଧୀ ଦଳ ନେତା ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ । ଏହି ଗସ୍ତ ସମୟରେ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ ନବୀନ । ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସେ କରିବେ ସମୀକ୍ଷା । ଏହାସହ କ୍ଷତିଗ୍ରସ୍ତ ଲୋକ, ଚାଷୀ ଏବଂ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହ ସେ ଆଲୋଚନା କରିବେ । ଏଥିପାଇଁ ବିଜେଡି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବିରୋଧୀ ଦଳ ନେତାଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ନଭେମ୍ବର ୭ ତାରିଖ ଶନିବାର ଦିନ ସକାଳ ୧୦ଟାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଭୁବନେଶ୍ୱରସ୍ଥିତ ନବୀନ ନିବାସରୁ ବାହାରି ୧୦ଟା ୧୫ରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବେ । ସେଠାରୁ ହେଲିକପ୍ଟର ଯୋଗେ ଗଞ୍ଜାମର ଶେରଗଡ଼ ଅଭିମୁଖେ ଯାତ୍ରା କରିବେ । ସକାଳ ୧୧ଟାରେ ଶେରଗଡ଼ ମହାତ୍ମା ଗାନ୍ଧୀ ହାଇସ୍କୁଲ ପଡ଼ିଆରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରିବେ । ଏହାପରେ ଶେରଗଡ଼ ସହରର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିବା ସହ ପ୍ରଭାବିତ ଲୋକଙ୍କୁ ଭେଟିବେ।



ଏଥିସହ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିବେ । ପରେ ନବୀନ ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ଅନ୍ତର୍ଗତ ମିନି ଷ୍ଟାଡିୟମର ଅସ୍ଥାୟୀ ହେଲିପ୍ୟାଡରେ ପହଞ୍ଚି ନୂଆ ବୁରୁପଡ଼ା ଗ୍ରାମପଞ୍ଚାୟତ ଅଞ୍ଚଳ ଗସ୍ତ କରିବେ । ସେଠାରେ ବନ୍ୟା ଯୋଗୁଁ ହୋଇଥିବା ଫସଲ କ୍ଷୟକ୍ଷତି ଅନୁଧ୍ୟାନ କରିବା ସହ ଚାଷୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବେ। ଚାଷୀଙ୍କ କ୍ଷତି ଏବଂ ରିଲିଫ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ତଥ୍ୟ ନେବେ । ଏହାପରେ ଅପରାହ୍ନ ପ୍ରାୟ ୧ଟା ୩୦ରେ ଆସିକା ସହରରେ ପହଞ୍ଚି ବନ୍ୟାଞ୍ଚଳ ପରିଦର୍ଶନ କରିବେ। ସେଠାରେ ପ୍ରଭାବିତ ଲୋକଙ୍କୁ ଭେଟିବା ସହ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିବେ । ସେହିପରି ଅପରାହ୍ନ ୨ଟା ୩୦ରେ ସୋରଡ଼ା ବ୍ଲକର ତାତାବାଲିସ୍ଥିତ କନ୍ଧୁଣିଦେବୀ ପଡ଼ିଆରେ ଅବତରଣ କରି ବାଲିଗୋଛା ଅଞ୍ଚଳକୁ ଯିବେ । ସେଠାରେ ବନ୍ୟା ପ୍ରଭାବିତ ଅଞ୍ଚଳ ଓ ଫସଲ କ୍ଷୟକ୍ଷତି ଅନୁଧ୍ୟାନ କରିବା ସହ ସୋରଡ଼ା ଅଞ୍ଚଳର ଲୋକ ଏବଂ ସରକାରୀ ଅଧିକାରୀଙ୍କ ସହ ଆଲୋଚନା କରିବେ । ସମସ୍ତ କାର୍ଯ୍ୟକ୍ରମ ଶେଷ କରି ଅପରାହ୍ନ ୪ଟା ୧୦ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ । ବିପଦ ସମୟରେ ଲୋକଙ୍କ ପାଖରେ ଠିଆ ହେବା ଏବଂ ସେମାନଙ୍କ ଦୁଃଖରେ ସାମିଲ ହେବା ହିଁ ପ୍ରକୃତ ନେତୃତ୍ୱର ପରିଚୟ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଗସ୍ତ ସମୟରେ ଜିଲ୍ଲାର ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ ନବୀନ ।

ବାତ୍ୟା 'ଅର୍ଣ୍ଣବ' ପରେ ଓସିଏସ ମେନ୍ ପରୀକ୍ଷା ପରିଚାଳନା ନେଇ ହାଇକୋର୍ଟଙ୍କ ଜବାବ ତଲବ

ଶୁକ୍ରବାର ସୁଦ୍ଧା ସତ୍ୟପାଠ ଦାଖଲ ନିର୍ଦ୍ଦେଶ

କଟକ, ୦୪/୧୧ ନ୍ୟୁଜ ବ୍ୟୁରୋ

ବାତ୍ୟା 'ଅର୍ଣ୍ଣବ' ପରେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ପକ୍ଷରୁ ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସେସ୍ (ଓସିଏସ) ମୁଖ୍ୟ ପରୀକ୍ଷାକୁ ନେଇ ଏବେ ଆଇନଗତ ବିବାଦ ଦେଖାଦେଇଛି। ବାତ୍ୟା ଓ ତତ୍ ?ଜନିତ ଆକସ୍ମିକ ବନ୍ୟା ଏବଂ ଭୂସ୍ଖଳନରେ ପ୍ରଭାବିତ ଅଞ୍ଚଳରେ କିଭଳି ପରୀକ୍ଷା ପରିଚାଳନା କରାଯାଇଥିଲା, ସେ ସମ୍ପର୍କରେ ରାଜ୍ୟ ସରକାର ଓ ଓପିଏସସିଙ୍କୁ ଜବାବ ତଲବ କରିଛନ୍ତି ହାଇକୋର୍ଟ। ଆସନ୍ତା ଶୁକ୍ରବାର ସୁଦ୍ଧା ସତ୍ୟପାଠ ଜରିଆରେ ସମ୍ପୂର୍ଣ୍ଣ ତଥ୍ୟ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା 'ଅର୍ଣ୍ଣବ' ଯୋଗୁଁ ଦକ୍ଷିଣ ଓଡ଼ିଶାର ଅନେକ ଅଞ୍ଚଳ ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ବିଶେଷକରି ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଆକସ୍ମିକ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହେବା ସହ ଅନେକ ସ୍ଥାନରେ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଥିଲା। ଏଭଳି ପରିସ୍ଥିତିରେ ପରୀକ୍ଷାର୍ଥୀମାନେ କିପରି ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ ଏବଂ ପରୀକ୍ଷା ସୁରୁଖୁରୁରେ ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ କେଉଁ ସବୁ ବ୍ୟବସ୍ଥା



କରାଯାଇଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହି ପ୍ରସଙ୍ଗକୁ ନେଇ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଉଭୟ ପକ୍ଷଙ୍କଠାରୁ ତଥ୍ୟ ମାଗିଛନ୍ତି। ବିଶେଷକରି ବନ୍ୟା ଓ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳର ପରୀକ୍ଷାର୍ଥୀଙ୍କ ଯାତାୟାତ ପାଇଁ କି ପ୍ରକାର ବ୍ୟବସ୍ଥା କରାଯାଇଥିଲା, ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ପାଇଁ କି ପଦକ୍ଷେପ ନିଆଯାଇଥିଲା ଏବଂ କେତେଜଣ ପରୀକ୍ଷାର୍ଥୀ ପରୀକ୍ଷାରୁ ବଞ୍ଚିତ ହୋଇଥିଲେ, ସେ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ଦେବାକୁ ଆବେଦନକାରୀ ଦାବି କରିଛନ୍ତି।ଉଲ୍ଲେଖଯୋଗ୍ୟ, ବାତ୍ୟା 'ଅର୍ଣ୍ଣବ' ପରେ ପରୀକ୍ଷାକୁ ସ୍ଥଗିତ ରଖିବା ପାଇଁ ଅନେକ ଆଶାୟୀ ସାମାଜିକ ଗଣମାଧ୍ୟମରେ ଦାବି କରିଥିଲେ। ତେବେ ସେହି ଦାବିକୁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇନଥିଲା। ପରୀକ୍ଷା ସ୍ଥଗିତ ହେଲେ ପୁନର୍ବାର ଆୟୋଜନ କରିବା ପାଇଁ ପ୍ରାୟ ଛଅ ମାସ ସମୟ ଲାଗିପାରେ ବୋଲି କୁହାଯାଇଥିଲା। ଏହାସହ ପ୍ରଭାବିତ ଅଞ୍ଚଳର ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବାର ଦାୟିତ୍ୱ ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ଉପରେ ନ୍ୟସ୍ତ କରାଯାଇଥିଲା। ଏବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଓପିଏସସି ଓ ରାଜ୍ୟ ସରକାରଙ୍କ ସତ୍ୟପାଠ ଉପରେ ସମସ୍ତଙ୍କ ନଜର ରହିଛି। ପ୍ରଭାବିତ ଅଞ୍ଚଳରେ ପରୀକ୍ଷା ପରିଚାଳନାର ବାସ୍ତବ ସ୍ଥିତି, ପ୍ରଶାସନିକ ପଦକ୍ଷେପ ଏବଂ ପରୀକ୍ଷାର୍ଥୀଙ୍କ ଉପସ୍ଥାନ ସମ୍ପର୍କରେ ସରକାରଙ୍କ ଜବାବରୁ ସ୍ଥିତି ସ୍ପଷ୍ଟ ହେବ।

ଅନୁଗୋଳ ଠାରେ ନାଲ୍କୋର ପ୍ରସ୍ତାବିତ ସ୍ମେଲ୍ଟର ସମ୍ପ୍ରସାରଣ

ଗୁରୁତ୍ୱପୂର୍ଣ୍ଣ ଅନୁମୋଦନ ଏବଂ ସହଭାଗିତା ସହ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ

ଅନୁଗୋଳ/ଭୁବନେଶ୍ୱର, ୦୪/୧୧ ନ୍ୟୁଜ ବ୍ୟୁରୋ

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ 'ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍' (ନାଲ୍କୋ), ଓଡ଼ିଶାର ଅନୁଗୋଳ ଠାରେ ଏହାର ପ୍ରସ୍ତାବିତ 'ବ୍ରାଉନ୍ ଫିଲ୍ଡ' ସ୍ମେଲ୍ଟର ସମ୍ପ୍ରସାରଣ କାର୍ଯ୍ୟ ଗତିଶୀଳ ହୋଇଛି । ଏହି ପ୍ରକଳ୍ପ ମାଧ୍ୟମରେ କମ୍ପାନୀର ସ୍ମେଲ୍ଟିଂ କ୍ଷମତା ବାର୍ଷିକ ୦.୫ ନିୟୁତ ଟନ୍ ବୃଦ୍ଧି ପାଇବ, ଯାହା ଫଳରେ ବର୍ତ୍ତମାନର ୦.୪୬ ନିୟୁତ ଟନ୍ ବାର୍ଷିକ କ୍ଷମତା ଦ୍ୱିଗୁଣିତ ହୋଇ ପ୍ରାୟ ୧.୦ ନିୟୁତ ଟନ୍ ରେ ପହଞ୍ଚିବ । ଏହି ପ୍ରକଳ୍ପ ପାଇଁ ପ୍ରାୟ ୩୦,୦୦୦ କୋଟି ଟଙ୍କାର ନିବେଶକୁ ମଞ୍ଜୁରୀ ମିଳିସାରିଛି। ଏହାର କାର୍ଯ୍ୟକାରିତାକୁ ସୁଗମ କରିବା ପାଇଁ ଆବଶ୍ୟକୀୟ ବୈଧାନିକ ଅନୁମୋଦନ, ରଣନୀତିକ ଭାଗୀଦାରି ଏବଂ ଅନ୍ୟାନ୍ୟ ସହାୟକ ପଦକ୍ଷେପଗୁଡ଼ିକ ପର୍ଯ୍ୟାୟକ୍ରମେ ସୁନିଶ୍ଚିତ କରାଯାଉଛି । ଅନୁଗୋଳରେ ପ୍ରସ୍ତାବିତ ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଆବଶ୍ୟକୀୟ



ଜମି ଅଧିଗ୍ରହଣ, କ୍ଷତିପୂରଣ ଏବଂ ପୁନର୍ବାସ ପ୍ରସଙ୍ଗକୁ ତ୍ୱରାନ୍ୱିତ କରିବା ପାଇଁ ପୁନର୍ବାସ ଏବଂ ପରିଧି ବିକାଶ ପରାମର୍ଶଦାତା କମିଟିର ବୈଠକ ମଧ୍ୟ ଇତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହା ବ୍ୟତୀତ, ନାଲକୋ ବିଶ୍ୱସ୍ତରୀୟ ପ୍ରମାଣିତ ଏବଂ ଶକ୍ତି-ଦକ୍ଷ ଆଲୁମିନିୟମ ଉତ୍ପାଦନ ପ୍ରକ୍ରିୟା ଗ୍ରହଣ କରିବା ସୁନିଶ୍ଚିତ କରି, ପ୍ରସ୍ତାବିତ ଅନୁଗୋଳ ସ୍ମେଲ୍ଟର ପ୍ଲାଣ୍ଟ ପାଇଁ ଏହାର ସ୍ମେଲ୍ଟିଂ ପ୍ରଯୁକ୍ତିବିଦ୍ୟା ଲାଇସେନ୍ସ ପାଇଁ ଏମିରେଟ୍ସ ଗ୍ଲୋବାଲ୍ ଆଲୁମିନିୟମ ସହିତ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରିଛି । ସମ୍ପ୍ରସାରଣ ପାଇଁ ଅତିରିକ୍ତ ୧୧୦୦ ମେଗାୱାଟ୍ ବିଦ୍ୟୁତ୍ ଆବଶ୍ୟକ ହେବ । ଏହି ଆବଶ୍ୟକତା ପୂରଣ ନିମନ୍ତେ ନାଲକୋ ପକ୍ଷରୁ ଏନଏଲସି ଇଣ୍ଡିଆ ଲିମିଟେଡ୍ ସହିତ ସହଭାଗୀତା ମାଧ୍ୟମରେ ୧୦୮୦ ମେଗାୱାଟ୍ କ୍ୟାପ୍ଟିଭ୍ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ପାଇଁ ଏକ ଯୁଗ୍ମ ଉଦ୍ୟୋଗ ସ୍ଥାପନ କରାଯିବ । ସ୍ଥାୟୀତ୍ୱ ଏବଂ ସ୍ୱଚ୍ଛ ଶକ୍ତି ପ୍ରତି ନିଜର ପ୍ରତିବଦ୍ଧତାକୁ ପ୍ରାଧାନ୍ୟ ଦେଇ, କମ୍ପାନୀ ପ୍ରକଳ୍ପ ଇକୋସିଷ୍ଟମରେ ୨୦୦ ରୁ ୨୫୦ ମେଗାୱାଟ୍ ନବୀକରଣୀୟ ଶକ୍ତିର ଉତ୍ପାଦନ ଦିଗରେ ମଧ୍ୟ ଯୋଜନା କରୁଛି । ଅନୁଗୋଳ ଠାରେ ୦.୫ ଏମଟିପିଏ କ୍ଷମତା ବିଶିଷ୍ଟ ଆଲୁମିନିୟମ୍ ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପକୁ ୨୦୩୦-୩୧ ମସିହା ମଧ୍ୟରେ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରଖାଯାଇଛି, ଯାହା ନାଲକୋର ଧାତୁ ଉତ୍ପାଦନ କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବ । ଦାମନଯୋଡ଼ି ଠାରେ ୫ମ ଷ୍ଟ୍ରିମ୍ ଆଲୁମିନା ରିଫାଇନାରୀ ପ୍ରକଳ୍ପ ଏବଂ ଅନୁଗୋଳ ଠାରେ ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପ ଗୁଡ଼ିକ ଓଡ଼ିଶା ସରକାର ଏବଂ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ସହଯୋଗରେ କାର୍ଯ୍ୟକାରୀ କରାଯାଉଛି । ଏହି ପ୍ରକଳ୍ପଗୁଡ଼ିକ ଉତ୍ପାଦନ କ୍ଷମତା ବୃଦ୍ଧି କରିବା, ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଆଞ୍ଚଳିକ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି । ନିରନ୍ତର ନିବେଶ, ଦକ୍ଷତା ବିକାଶ ତଥା ଡାଉନଷ୍ଟ୍ରିମ୍ ଏବଂ ଅନୁଷଙ୍ଗିକ ଶିଳ୍ପଗୁଡ଼ିକର ପ୍ରୋତ୍ସାହନ ମାଧ୍ୟମରେ ଓଡ଼ିଶାର ଶିଳ୍ପ ବିକାଶ ପାଇଁ ନାଲକୋ ପ୍ରତିଶ୍ରୁତିବଦ୍ଧ । ଉଲ୍ଲେଖନୀୟ ଯେ, ପ୍ରସ୍ତାବିତ ଅନୁଗୋଳ ସ୍ମେଲ୍ଟରର ସମ୍ପ୍ରସାରିତ କ୍ଷମତା ଆବଶ୍ୟକତା ପୂରଣ କରିବା ପରେ ମଧ୍ୟ ଚଳିତ ୫ମ ଷ୍ଟ୍ରିମ୍ ରିଫାଇନାରୀର କାର୍ଯ୍ୟକ୍ଷମ ହେବା ଦ୍ୱାରା ଅତିରିକ୍ତ ଆଲୁମିନା ଉତ୍ପାଦନ ହେବ ବୋଲି ଆଶା କରାଯାଉଛି । ପ୍ରାଥମିକ ଭାବରେ ଅତିରିକ୍ତ ଆଲୁମିନା ରପ୍ତାନି କରାଯିବ, କିନ୍ତୁ ନାଲକୋ ଏହାର ଦୀର୍ଘକାଳୀନ ଅଭିବୃଦ୍ଧି ରଣନୀତିର ଅଂଶ ଭାବରେ ଗ୍ରୀନଫିଲ୍ଡ ଆଲୁମିନିୟମ ପ୍ରକଳ୍ପ ସ୍ଥାପନ ଏବଂ ଏହି କ୍ଷେତ୍ରରେ ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ଉପଯୁକ୍ତ ସ୍ଥାନ ଅନୁସନ୍ଧାନ କରୁଛି । ଏହି ପରିପ୍ରେକ୍ଷୀରେ, ନାଲକୋ ଦେଶରେ ଏକ ନୂତନ ୦.୫ ଏମଟିପିଏ ଗ୍ରୀନଫିଲ୍ଡ ଆଲୁମିନିୟମ ସ୍ମେଲ୍ଟର ପ୍ରତିଷ୍ଠାର ମଧ୍ୟ ମୂଲ୍ୟାଙ୍କନ କରୁଛି, ଯାହାର ଲକ୍ଷ୍ୟ ଅତିରିକ୍ତ ଆଲୁମିନାକୁ ଆଲୁମିନିୟମରେ ରୂପାନ୍ତର କରି ଘରୋଇ ମୂଲ୍ୟ ଶୃଙ୍ଖଳାରେ ପ୍ରବେଶ କରାଇବା । ଏହି ରଣନୈତିକ ପଦକ୍ଷେପ ଭାରତ ସରକାରଙ୍କ ଘରୋଇ ଆଲୁମିନିୟମ ଉତ୍ପାଦନ ବୃଦ୍ଧି ଏବଂ ମୂଲ୍ୟ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାର ଦୃଷ୍ଟିକୋଣ ସହିତ ଜଡ଼ିତ । ଏହା ଭାରତର ଆଲୁମିନିୟମ ଶିଳ୍ପର ଅଭିବୃଦ୍ଧି ଏବଂ ପ୍ରତିଯୋଗିତାମୂଳକତାକୁ ସମର୍ଥନ କରିବା ସହିତ 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଆତ୍ମନିର୍ଭର ଭାରତ'ର ଜାତୀୟ ମିଶନ ପ୍ରତି ନାଲକୋ ର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ କରିବ।

ରାଜଧାନୀରେ ଚାଞ୍ଚଲ୍ୟ: ଟଙ୍କା ଗହଣା ଲୋଭରେ ବୃଦ୍ଧାଙ୍କୁ ହତ୍ୟା

ଭୁବନେଶ୍ୱର, ୪/୧୧ ନ୍ୟୁଜ ବ୍ୟୁରୋ

ରାଜଧାନୀରେ ୭୬ ବର୍ଷୀୟ ବୃଦ୍ଧାଙ୍କୁ ଟଙ୍କା ଓ ସୁନାଗହଣା ପାଇଁ ହତ୍ୟା କରାଯିବା ଘଟଣା ଚାଞ୍ଚଲ୍ୟ ଖେଳାଇଦେଇଛି। ମୃତ ବୃଦ୍ଧା ଜଣକ ହେଉଛନ୍ତି କୁଞ୍ଜଲତା ନନ୍ଦ। ଟଙ୍କା ଓ ସୁନା ଲୋଭରେ କେୟାର ଟେକର ତାଙ୍କ ହତ୍ୟା କରିଥିବା ଅଭିଯୋଗ ହୋଇଛି। ବୃଦ୍ଧାଙ୍କ ପିଲାମାନେ ବାହାରେ ରହୁଥିବା ବେଳେ ଲକ୍ଷ୍ମୀସାଗର ବୁଦ୍ଧନଗରରରେ ଏକାକୀ ରହୁଥିଲେ କୁଞ୍ଜଲତା ନନ୍ଦ। ବୃଦ୍ଧା ମାଆଙ୍କ ଦେଖାଶୁଣା ପାଇଁ ଘରେ ରଖାଯାଇଥିଲା କେୟାରଟେକର।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୪/୧୧/୨୦୨୬
୪,୧୦,୫୬୫/-ଟଙ୍କା
ସୁନା:- ୦୦ ଗ୍ରାମ୍ ୯୦୦ ମିଲିଗ୍ରାମ
ରୂପା:- ଶୂନ୍ୟ



ପୁରୀ : ଶୋକାକୁଳ ପରିବେଶ ମଧ୍ୟରେ ପୁରୀ ସ୍ୱର୍ଗଦ୍ୱାରରେ ପଦ୍ମଶ୍ରୀ ଡାକ୍ତର ଅଶୋକ ମହାପାତ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଝିଅ ଶୁଭଶ୍ରୀ ମହାପାତ୍ର ଓ ତାଙ୍କ ପୁତୁରା ମୁଖାଗ୍ନି ଦେଇଛନ୍ତି । ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଏସ୍‌ପି ପ୍ରତୀକ ସିଂଙ୍କ ଉପସ୍ଥିତିରେ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯାଇଛି । ଡାକ୍ତର ଅଶୋକ ମହାପାତ୍ରଙ୍କ ଶେଷ ଦର୍ଶନ ପାଇଁ ବହୁ ସଂଖ୍ୟାରେ ବିଶିଷ୍ଟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ପୁରୀ ସାଂସଦ ସମ୍ବିତ ପାତ୍ର, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଭୁବନେଶ୍ୱର ଏମ୍ସ ନିର୍ଦ୍ଦେଶକ, ଡାକ୍ତର ପ୍ରମୁଖ ଡାକ୍ତର ମହାପାତ୍ରଙ୍କ ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଜାରକା ଚୋରି ଘଟଣାରେ ୮ ଗିରଫ ସହ ବହୁ ମାରଣାସ୍ତ୍ର ଜବତ

ଧର୍ମଶାଳା, ୪/୧୧ ନ୍ୟୁଜ ବ୍ୟୁରୋ

ଧର୍ମଶାଳା ଥାନା ଜାରକା ଅଞ୍ଚଳରେ ଲଗାତାର ଚୋରି ଘଟଣାର ପର୍ଦ୍ଦାଫାଶ କରିବାରେ ପୋଲିସକୁ ବଡ ସଫଳତା ମିଳିଛି । ବୁଧବାର ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଜିଲ୍ଲା ଏସଡିପିଓ ଶରତ ଚନ୍ଦ୍ରପାତ୍ର ସୂଚନା ଦେଇଛନ୍ତି ଯେ ୭ଟି ଚୋରି ଘଟଣାରେ ସମ୍ପୃକ୍ତି ଥିବା ୭ଜଣ ଚୋର ଓ ଜଣେ କ୍ରେତାକୁ ପୋଲିସ ଗିରଫ କରିଛି। ୪୧୧ ନଂ ଚୋରୀ କେସରେ ତଦନ୍ତ କରୁଥିବା ବେଳେ ଅଧିକାରୀ ରିୟାଜ୍ଜନ ମାଝୀ ଏମାନଙ୍କୁ ଧରିଛନ୍ତି। ଏମାନଙ୍କ ଠାରୁ ୨ଟି ବନ୍ଧୁକ, ସୁନା, ରୁପା ଅଳଙ୍କାର, ବ୍ୟବହୃତ ସୁନା ତରଳାଯନ୍ତ୍ର, ତରଳା ପାତ୍ର, ମୋବାଇଲ ଫୋନ୍ ଜବତ ହୋଇଛି। ଜାରକା ସହରାଞ୍ଚଳରେ ବାହାରଲୋକ ରହୁଥିବାରୁ ଘରେ କେହି ରହୁନଥିବାର ସୁଯୋଗ ନେଇ ସେମାନେ ଟାର୍ଗେଟ କରୁଥିଲେ। ତେଣୁ ଗହଣାକୁ ଯତ୍ନରେ ରଖନ୍ତୁ, ଘରେ ଆଗ ପଛରେ ଲାଇଟ ଓ ସିସିଟିଭି ଲଗାଇବାକୁ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ତି । ବୁଧବାର ପୋଲିସ ୮ଜଣଙ୍କୁ କୋର୍ଟ ଚାଲାଣ କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ଚିନ୍ମୟୀ ସାହୁ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।





ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮

ଆନ୍ତଃଜିଲ୍ଲା ଗଞ୍ଜେଇ ଚାଲାଣ ର୍ୟାକେଟ୍‌ର ପର୍ଦ୍ଦାଫାସ୍: ୬ ଗିରଫ

କନ୍ଧମାଳରୁ ବାଲେଶ୍ୱର ଓ ଭଦ୍ରକକୁ ଲମ୍ବିଥିଲା ଚାଲାଣ ନେଟୱାର୍କ

ଖୋର୍ଦ୍ଧା, ୪/୧୧ ନ୍ୟୁଜ ବ୍ୟୁରୋ

ରାଜ୍ୟରେ ନିଶା କାରବାର ବିରୋଧରେ ଖୋର୍ଦ୍ଧା ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ଏକ ଆନ୍ତଃଜିଲ୍ଲା ଗଞ୍ଜେଇ ଚାଲାଣ ନେଟୱର୍କର ପର୍ଦ୍ଦାଫାସ କରିବା ସହ ଏହି କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ୬ ଜଣଙ୍କୁ ଗିରଫ କରିଛି ଖୋର୍ଦ୍ଧା ସଦର ଥାନା ପୁଲିସ। ସେମାନଙ୍କଠାରୁ ୬୭.୩୩ କିଲୋଗ୍ରାମ ଗଞ୍ଜେଇ, ୩ଟି କାର, ୫ଟି ମୋବାଇଲ ଫୋନ ଏବଂ ନଗଦ ୧୨,୩୦୦ ଟଙ୍କା ଜବତ କରାଯାଇଛି। ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ୧୬.୨୦ ଲକ୍ଷ ଟଙ୍କା ହେବ ବୋଲି ପୁଲିସ ଆକଳନ କରିଛି। ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, କନ୍ଧମାଳ ଜିଲ୍ଲା ଫୁଲବାଣୀର କାଇଞ୍ଚର ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରାଯାଇ ଏସ୍କର୍ଟ ଟିମ ଜରିଆରେ ଏହାକୁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାକୁ ପଠାଯାଉଥିଲା। ସେଠାରେ ଏହାର ବିକ୍ରି ଓ ବିତରଣ ପାଇଁ ଏକ ସୁସଂଗଠିତ ବ୍ୟବସ୍ଥା କାର୍ଯ୍ୟ କରୁଥିବା ପୁଲିସ ସନ୍ଦେହ କରୁଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅନ୍ତର୍ଗତ ଗୋଲିହା ଗ୍ରାମର ପିତା ରଞ୍ଜନ ନାୟକ (୩୨), ସିମୁଳିଆ ଥାନା ଅନ୍ତର୍ଗତ ବାଉରୀପଡ଼ାର ଅଜୟ କୁମାର ମଲ୍ଲିକ (୪୪), ଖଇରା ଥାନା ଅନ୍ତର୍ଗତ ପାଳସା ଗ୍ରାମର ମଧୁସୂଦନ ପାଣିଗ୍ରାହୀ (୨୨) ଓ ସୁଧାଂଶୁ ଭୂଷଣ ଦାଶ (୨୮), ଭଦ୍ରକ ଜିଲ୍ଲା ନାଇକାଣିଡିହି ଥାନା ଅନ୍ତର୍ଗତ ବଳରାମପୁରର ଦୀପୁ ମଲ୍ଲିକ (୩୧) ଏବଂ ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ବାଉରୀପଡ଼ାର ରାହୁଲ କୁମାର ସିଂହ (୨୭)। ପୁଲିସର ସୂଚନା ଅନୁଯାୟୀ, ପିତା ରଞ୍ଜନ ନାୟକ ଓ ଅଜୟ କୁମାର ମଲ୍ଲିକ ଗଞ୍ଜେଇର ମୂଳ ଉତ୍ସରୁ ଏହାକୁ ସଂଗ୍ରହ କରି ପରିବହନ କରୁଥିଲେ। ମଧୁସୂଦନ ପାଣିଗ୍ରାହୀ ଓ ସୁଧାଂଶୁ ଭୂଷଣ ଦାଶ ଚାଲାଣ ସମୟରେ ଏସ୍କର୍ଟ ଟିମ ଭାବେ କାର୍ଯ୍ୟ କରୁଥିଲେ।



ଅନ୍ୟପକ୍ଷରେ ଦୀପୁ ମଲ୍ଲିକ ଓ ରାହୁଲ କୁମାର ସିଂହ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଞ୍ଜେଇ ଗ୍ରହଣ, ବିକ୍ରି ଓ ବିତରଣ ଦାୟିତ୍ୱରେ ଥିବା ପୁଲିସ ଅଭିଯୋଗ କରିଛି। ଏହି ଚାଲାଣରେ ତିନୋଟି ଗାଡ଼ି ବ୍ୟବହାର କରାଯାଉଥିବା ତଦନ୍ତରୁ ଜଣାପଡ଼ିଛି। ଜବତ ଗାଡ଼ିଗୁଡ଼ିକ ମଧ୍ୟରେ ଦୁଇଟି ଧଳା ରଙ୍ଗର ହ୍ୟୁଣ୍ଡାଇ କାର୍ ରହିଛି। ଏଥିସହ ରେଡମି, ଓପୋ ଏ୫ ପ୍ରୋ, ଇନ୍‌ଫିନିକ୍ସ, ସାମସଙ୍ଗ ଗାଲାକ୍ସି ଏମ୩୩ ଓ ଭିଭୋ ୱାଇ୩୧ କମ୍ପାନୀର ୫ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ଏହି ଚଢାଉର ବିଶେଷତ୍ୱ ହେଉଛି, ପୁଲିସ କେବଳ ଗଞ୍ଜେଇ ବୋଝେଇ ଗାଡ଼ି ଓ ଚାଳକଙ୍କୁ ଧରିବାରେ ସୀମିତ ନରହି ଚାଲାଣ ନେଟୱର୍କର ବିଭିନ୍ନ ସ୍ତରରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗୋଟିଏ ଅଭିଯାନରେ ଗିରଫ କରିଥିବା ଦାବି କରିଛି। କନ୍ଧମାଳରୁ ଗଞ୍ଜେଇ ସଂଗ୍ରହ, ପରିବହନ ପାଇଁ ଏକାଧିକ ଗାଡ଼ିର ବ୍ୟବହାର, ଏସ୍କର୍ଟ ବ୍ୟବସ୍ଥା ଏବଂ ବାଲେଶ୍ୱର ଓ ଭଦ୍ରକରେ ବିତରଣ ପର୍ଯ୍ୟନ୍ତ ଏକ ଶୃଙ୍ଖଳିତ ନେଟୱାର୍କ କାର୍ଯ୍ୟ କରୁଥିବା ତଦନ୍ତରୁ ସାମ୍ନାକୁ ଆସିଛି। ତେବେ ଏହି ନେଟୱର୍କର ମୂଳ ଯୋଗାଣକାରୀ କିଏ, ଏହାର ଆର୍ଥିକ କାରବାର କେତେ ପରିମାଣର, ଏଥିରେ ଆଉ କେତେ ଜଣ ସମ୍ପୃକ୍ତ ଅଛନ୍ତି ଏବଂ ନିଶା କାରବାରରୁ ଅର୍ଜିତ ଅର୍ଥରେ କୌଣସି ସମ୍ପତ୍ତି ହାସଲ କରାଯାଇଛି କି ନାହିଁ, ସେସବୁ ଦିଗକୁ ନେଇ ପୁଲିସ ତଦନ୍ତ ଜାରି ରଖିଛି। ଏହି ଚାଲାଣର ଆର୍ଥିକ କାରବାର ସହ ପୂର୍ବ ଓ ପରବର୍ତ୍ତୀ ସମ୍ପର୍କଗୁଡ଼ିକର ଖୋଲତାଡ଼ କରାଯାଉଥିବା ଏସ.ପି ସୂଚନା ଦେଇଛନ୍ତି। ଏହି ଚଢଉରେ ଏସ.ଆଇ ଦୀପକ କୁମାର ପାକଳ, ଏଏସଆଇ ସୁଭାଷ ଚନ୍ଦ୍ର ନାୟକ, ଏଏସଆଇ ଚନ୍ଦ୍ରମଣି ସାହୁ, କନଷ୍ଟେବଲ ଏଏମ ଖାନ, ଡି.ଆର. ସାହୁ ଏବଂ ଓଏପିଏଫ୍ ଯବାନ ଡି. ପ୍ରଧାନ ଓ ଏମ ପ୍ରଧାନ ସାମିଲ ଥିଲେ। 'ନିଶାମୁକ୍ତ ଭାରତ ଅଭିଯାନ'କୁ ସଫଳ କରିବା ଦିଗରେ ଜିଲ୍ଲା ପୁଲିସ ପ୍ରତିବଦ୍ଧ ବୋଲି ଏସ.ପି କହିବା ସହ ନିଶା କାରବାରର ମୂଳ ଉତ୍ସରୁ ଆରମ୍ଭ କରି ପରିବହନକାରୀ, ଗ୍ରହଣକାରୀ ଓ ବିତରଣକାରୀଙ୍କ ପର୍ଯ୍ୟନ୍ତ ସମଗ୍ର ନେଟୱର୍କକୁ ଧ୍ୱଂସ କରିବା ପୁଲିସର ପ୍ରାଥମିକତା ବୋଲି ସ୍ପଷ୍ଟ କରିଛନ୍ତି। ଗଞ୍ଜେଇ ଚାଷ, ଚାଲାଣ, ବିକ୍ରି କିମ୍ବା ନିଶାଦ୍ରବ୍ୟ ସେବନ ସମ୍ପର୍କରେ କୌଣସି ସୂଚନା ଥିଲେ ନିକଟସ୍ଥ ଥାନାକୁ ଜଣାଇବା କିମ୍ବା ଜରୁରୀକାଳୀନ ହେଲ୍ପଲାଇନ୍ ୧୧୨କୁ ଫୋନ୍ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ସୂଚନାଦାତାଙ୍କ ପରିଚୟ ଗୋପନ ରଖାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ଏସ.ଆଇ ଦୀପକ କୁମାର ପାକଳଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଥିବାବେଳେ ଥାନା ଅଧିକାରୀ ବାସୁଦେବ ଜୟସିଂହ ଏହାର ତଦନ୍ତ ଦାୟିତ୍ୱରେ ଅଛନ୍ତି। ଗିରଫ ୬ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।



ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com